# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, November 14/2025 Page 16 ₹ 7.00 | RAYAGADA

୫୧ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 348 ମୂଲ୍ୟ ₹୭/-




ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍–ଆଇଏମ୍‌ଏମ୍‌ଟିଠାରେ ଲଙ୍ଗିଚ୍ୟୁଡିନାଲ କୋହୋର୍ଟ ଷ୍ଟଡିଜ୍ ଉପରେ ଗୁରୁବାର ଅନୁଷ୍ଠିତ ଜାତୀୟ ସମ୍ମିଳନୀ 'କୋହର୍ଟ କଟେକ୍ସ'କୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଉଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଡ. ଜିତେନ୍ଦ୍ର ସିଂ। **(ରିପୋର୍ଟ: ପୃଷ୍ଠା–୫)**

# ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ନିକଟରେ ଖଣି ଖନନ ମନା

ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟର ୧ କିଲୋମିଟର ପରିଧି ମଧ୍ୟରେ ଖଣି ଖନନକୁ ସୁପ୍ରିମକୋର୍ଟ ଗୁରୁବାର ନିଷିଦ୍ଧ କରିଛନ୍ତି। ଖଣିକାର୍ଯ୍ୟ ବନ୍ୟପ୍ରାଣୀଙ୍କ ପାଇଁ ବିପଜ୍ଜନକ ହେବ ବୋଲି ଅଦାଲତ କହିଛନ୍ତି। ସରଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ (ଏସ୍‌ଡବ୍ଲ୍ୟୁଏଲ୍) ଏବଂ ସାସଙ୍ଗଡାବୁରୁ ସଂରକ୍ଷିତ ରିଜର୍ଭ (ଏସ୍‌ସିଆର୍) ଅନ୍ତର୍ଗତ ଅଞ୍ଚଳକୁ ଝାଡ଼ଖଣ୍ଡର ସଂରକ୍ଷିତ ରିଜର୍ଭ ଭାବେ ବିଜ୍ଞପ୍ତି ଜାରି ନେଇ ହୋଇଥିବା ଆବେଦନର ବିଚାର କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

## ନିଷିଦ୍ଧ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩।୧୧**

ସରଣ୍ଡା ଜଙ୍ଗଲର ୧୨୬ଟି ଅଞ୍ଚଳକୁ ୩ ମାସ ମଧ୍ୟରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଘୋଷଣା କରିବାକୁ ସର୍ବୋଚ୍ଚ ଅଦାଲତ ଝାଡ଼ଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳ ସୀମାର ୧ କିଲୋମିଟର ପରିଧି ମଧ୍ୟରେ କୌଣସି ପ୍ରକାର ଖଣି ଖନନ କାର୍ଯ୍ୟ ନିଷିଦ୍ଧ କରିବାକୁ ଅଦାଲତ କହିଛନ୍ତି। ସଂରକ୍ଷିତ ଅଞ୍ଚଳର ୧ କିଲୋମିଟର ମଧ୍ୟରେ ଖଣି ଖନନ ☞ପୃଷ୍ଠା–୪



ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

# ଫେବୃଆରୀ ୧୭ରୁ ଆଇସିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷା

## ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୨ରୁ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.)**

କାଉନସିଲ୍ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଆସନ୍ତା ଫେବୃଆରୀ ୧୭ରୁ ଏବଂ ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୨ରୁ ଆରମ୍ଭ ହେବ। ପ୍ରାୟ ୨.୬ ଲକ୍ଷ ଛାତ୍ରୀଛାତ୍ର ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବାବେଳେ ପ୍ରାୟ ୧.୫ ଲକ୍ଷ ଛାତ୍ରୀଛାତ୍ର ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଅନ୍ତର୍ଜାତୀୟ ସହାୟତା ଅଭାବ









ଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବାକୁ ଗୁରୁବାର ଆଣ୍ଟି-ସ୍ମୋଗ୍ ଗନ୍‌ରୁ ଜଳକଣା ସ୍ପ୍ରେ କରାଯାଉଛି।

# ଦିଲ୍ଲୀ ପ୍ରଦୂଷଣ ଅତି ଗମ୍ଭୀର

## ମାସ୍କ ଯଥେଷ୍ଟ ନୁହେଁ କହିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

ଦିଲ୍ଲୀରେ ବାୟୁ ପ୍ରଦୂଷଣ କ୍ରମାଗତ ୩ ଦିନ ହେଲା ଅତି ଗମ୍ଭୀର ସ୍ଥିତିରେ ରହିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦିଲ୍ଲୀ ପ୍ରଦୂଷଣ ଏତେ ଉତ୍କଟ ଯେ, ଏଥିରୁ ବର୍ତ୍ତିବା ଲାଗି ମାସ୍କ ଯଥେଷ୍ଟ ନୁହେଁ। ତେଣୁ ବରିଷ୍ଠ ଆଇନଜୀବୀମାନଙ୍କୁ ଭର୍ଚୁଆଲି ଶୁଣାଣିରେ ସାମିଲ ହେବାକୁ ଅଦାଲତ ପରାମର୍ଶ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସ ଶୁଣାଣି ସୁବିଧା ଥିବାବେଳେ ବରିଷ୍ଠ ଆଇନଜୀବୀମାନେ କାହିଁକି ବ୍ୟକ୍ତିଗତ ଭାବେ କୋର୍ଟରେ ଉପସ୍ଥିତ ହେବେ ବୋଲି ଜଷ୍ଟିସ୍ ପି.ଏସ୍. ନରସିଂହାଙ୍କ ଖଣ୍ଡପୀଠ କହିଥିଲେ।

ଗୁରୁବାର ସକାଳେ ଦିଲ୍ଲୀ କୁହୁଡ଼ି ଧୂଆଁର ବହଳ ଆସ୍ତରଣରେ ଘୋଡ଼ାଇହୋଇ ରହିଥିଲା। ବାୟୁ ଗୁଣବତ୍ତା ମାନ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ଯେଉଁମାନଙ୍କର ଶ୍ୱାସରୋଗ କିମ୍ବା ହୃଦ୍‌ରୋଗ ସମସ୍ୟା ରହିଛି, ସେମାନଙ୍କୁ ପ୍ରଦୂଷିତ ବାୟୁ ଅଧିକ ପ୍ରଭାବିତ କରିପାରେ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ବାୟୁ ପ୍ରଦୂଷଣ ବଢ଼ିଚାଲିଛି। ଫଳରେ ଦିଲ୍ଲୀର ଅଧିକାଂଶ ଅଞ୍ଚଳ ଧୂଆଁଳିଆ ଦେଖାଯିବା ସହ ବିଲ୍ଡିଂ ଓ ରାସ୍ତାଘାଟ ଦୂରରୁ ଦୃଶ୍ୟମାନ ହେଉନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ଗୁରୁବାର ସକାଳ ୮ଟାରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସୂଚକାଙ୍କ (ଏକ୍ୟୁଆଇ) ବଓ୍ୱାନାଠାରେ ସର୍ବାଧିକ ୪୬୦ ଥିଲା। ଆନନ୍ଦବଜାର ଅଞ୍ଚଳରେ ଏକ୍ୟୁଆଇ ୪୩୧ ଥିବାବେଳେ ଚାନ୍ଦିନୀ ଚୌକରେ ୪୫୫, ଦିଲ୍ଲୀ ୟୁନିଭର୍ସିଟି ଉତ୍ତର କ୍ୟାମ୍ପସ୍‌ରେ ୪୧୪, ଦ୍ୱାରିକା ସେକ୍ଟର ୮ରେ ୪୦୦ ରହିଥିଲା। ସେହିପରି ଆଇଟିଓରେ ୪୩୮, ମୁଣ୍ଡକାରେ ୩୨୮, ନରେଲାରେ ୪୩୨ ଏବଂ ରୋହିଣୀ ଅଞ୍ଚଳରେ ୪୪୭ ରହିଥିବା ରେକର୍ଡ କରାଯାଇଛି।

# ଆଜି ବିହାର ଫଳାଫଳ

**ପାଟନା,୧୩।୧୧**

ବିହାରରେ ସଦ୍ୟସମାପ୍ତ ବିଧାନସଭା ନିର୍ବାଚନର ଭୋଟଗଣତି ଶୁକ୍ରବାର ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ଦୀର୍ଘବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଆସିଥିବା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ରେକର୍ଡ ୫ମ ଥର ପାଇଁ କ୍ଷମତା ବଜାୟ ରଖିବେ ନା ସରକାରରେ ପରିବର୍ତ୍ତନ ହେବ, ଶୁକ୍ରବାରର ଫଳାଫଳରୁ ସ୍ପଷ୍ଟ ହେବ। ଏଥିପାଇଁ ବିହାର ସମେତ ସାରା ଦେଶବାସୀ ଅପେକ୍ଷା କରି ରହିଛନ୍ତି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନ ଗତ ୬ ଓ ୧୧ ତାରିଖ ୨ଟି ପର୍ଯ୍ୟାୟରେ ହୋଇଥିଲା। ମୋଟ ମତଦାନ ହାର ୬୭.୧୩% ରହିଥିଲା। ଶୁକ୍ରବାର ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ନିର୍ବାଚନ କମିଶନ ଏଥିପାଇଁ ୩୮ଟି ଜିଲାରେ ୪୬ଟି ଭୋଟଗଣତି କେନ୍ଦ୍ର ସ୍ଥାପନ କରିଛନ୍ତି। ରାଜ୍ୟର ୭.୪୫ କୋଟି ଭୋଟର ୨,୬୧୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି।

# ଦିଲ୍ଲୀ ବିସ୍ଫୋରଣ: ବିଭିନ୍ନ ସହରରେ ଆକ୍ରମଣ ଯୋଜନା ଥିଲା

## ୩୨ଟି କାର୍‌ରେ ବିସ୍ଫୋରଣ କରାଇଥାନ୍ତେ ଆତଙ୍କବାଦୀ

**ନୂଆଦିଲ୍ଲୀ,୧୩।୧୧**

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟ ବିସ୍ଫୋରଣ ଘଟଣାରେ ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ଆତଙ୍କବାଦୀମାନେ ବଡ଼ ଧରଣର ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରିଥିଲେ ବୋଲି ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। ସେମାନେ ସମନ୍ୱିତ ଭାବେ ବିଭିନ୍ନ ସହରରେ ୩୨ଟି କାର୍‌ରେ ବିସ୍ଫୋରଣ କରିବା ପାଇଁ ଯୋଜନା ରଖିଥିଲେ। ଏଥିପାଇଁ ମାରୁତି ସୁଜୁକି ବ୍ରେଜା, ମାରୁତି ସ୍ୱିଫ୍ଟ ଡିଜାୟାର, ଫୋର୍ଡ ଇକୋସ୍ପୋର୍ଟ ଆଦିକୁ ପ୍ରସ୍ତୁତ କରାଯାଇଥିଲା। ଅଯୋଧ୍ୟାର ବାବ୍ରୀ ମସ୍‌ଜିଦ ଭଙ୍ଗା ଘଟଣାର ପ୍ରତିଶୋଧ ନେବା ପାଇଁ ଡିସେମ୍ବର ୬ରେ ଦିଲ୍ଲୀର ୬ଟି ସ୍ଥାନ ସମେତ ବିଭିନ୍ନ ସହରରେ ଆକ୍ରମଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ପୁରୁଣା ଓ ଏକାଧିକ ଥର ବିକ୍ରି ହୋଇଥିବା କାର୍‌ଗୁଡ଼ିକୁ ଚିହ୍ନଟ କରାଯାଇଥିଲା, ଯାହା ଫଳରେ ଆକ୍ରମଣକାରୀଙ୍କୁ ଖୋଜି ବାହାର କରିବା କଷ୍ଟକର ହେବ। ଏହି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିବା ୪ଟି କାର୍ ମିଳିଛି। ଦିଲ୍ଲୀ ବିସ୍ଫୋରଣରେ ହ୍ୟୁଣ୍ଡାଇ ଆଇ୨୦ କାର୍ ବ୍ୟବହୃତ ହୋଇଥିବାବେଳେ ଅଧିକ ଆକ୍ରମଣରେ ବ୍ୟବହାର ପାଇଁ ଅଭିଯୁକ୍ତ ଉକ୍ତ କାର୍‌ଗୁଡ଼ିକୁ ରୂପାନ୍ତରିତ କରିବା ଆରମ୍ଭ କରିଥିଲେ ବୋଲି ଜଣାପଡ଼ିଛି। ଫରିଦାବାଦ୍‌ର ଅଲ୍ ଫଲାହ ୟୁନିଭର୍ସିଟି ପରିସରରୁ ଗୁରୁବାର ଏକ ମାରୁତି ବ୍ରେଜା କାର୍ ଜବତ ହୋଇଛି। ବମ୍ ସ୍କ୍ୱାଡ୍ ୟୁନିଭର୍ସିଟିରେ ପହଞ୍ଚି ତାହାର ଅନୁଧ୍ୟାନ କରୁଛି। ପ୍ରାୟ ୮ ଜଣ ସନ୍ଦିଗ୍ଧ ବିଭିନ୍ନ ସ୍ଥାନରେ ସମନ୍ୱିତ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିଲେ। ନିର୍ଦ୍ଦିଷ୍ଟ ସହର ପାଇଁ ୨ ଜଣ ଲେଖାଏଁ ସନ୍ଦିଗ୍ଧଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଯୋଡ଼ି ବହୁ ପରିମାଣର ଆଇଇଡି ନେଇ ଏକସଙ୍ଗେ ବିସ୍ଫୋରଣ କରିବାକୁ ଯାଇଥାନ୍ତେ। ଲାଲ୍‌କିଲ୍ଲା ସମେତ ପୂର୍ବରୁ ହୋଇଥିବା ଆତଙ୍କବାଦୀ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଏବଂ ଡା. ଶାହିନଙ୍କ ଉପରେ ତଦନ୍ତ ଚାଲିଛି।

ସୂତ୍ର ଅନୁଯାୟୀ, ସେମାନେ ପ୍ରାୟ ୨୦ ଲକ୍ଷ ଟଙ୍କା ସଂଗ୍ରହ କରି ଡା. ଉମରଙ୍କୁ ଆକ୍ରମଣ ଘଟାଇବା ପାଇଁ ଦେଇଥିଲେ। ବିସ୍ଫୋରଣ ପ୍ରସ୍ତୁତି ପାଇଁ ୨୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଏନ୍‌ପିକେ ସାର ଗୁରୁଗ୍ରାମ, ନୁହ ଏବଂ ଆଖପାଖ ଅଞ୍ଚଳରୁ କିଣାଯାଇଥିଲା। ୩ ଲକ୍ଷ ଟଙ୍କାର ଏହି ସାର ନାଇଟ୍ରୋଜେନ୍, ଫସ୍‌ଫରସ ଏବଂ ପଟାସିୟମ୍‌ର ମିଶ୍ରଣ। ଉମର ନିଜେ ଏକ ଘରୋଇ ସିଗ୍‌ନାଲ ଗ୍ରୁପ୍ କରିଥିଲେ ବୋଲି ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଛନ୍ତି। ଡା. ମୁଜାମ୍ମିଲ ୨୦୨୧ରୁ ୨୦୨୨ ମଧ୍ୟରେ ଆଇଏସ୍ ଆତଙ୍କବାଦୀ ସଂଗଠନର ଶାଖା ଅନସର ଗାଜୱାତୁଲ୍-ହିନ୍ଦ୍ ସହ ସମ୍ପୃକ୍ତ ଥିଲେ। ୨୦୨୩ ଏବଂ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଉକ୍ତ ମଡ୍ୟୁଲ୍ ଦ୍ୱାରା କିଣାଯାଇଥିବା ବିଶ୍ୱାସ କରାଯାଉଛି।



ଅଲ୍ ଫଲାହ ୟୁନିଭର୍ସିଟି ପରିସରରୁ ମିଳିଥିବା ମାରୁତି ବ୍ରେଜା

## ବିସ୍ଫୋରଣର ଚେର ଦୁବାଇକୁ ଲମ୍ବିଛି

**ନୂଆଦିଲ୍ଲୀ,୧୩।୧୧**



ଆଦିଲ ଅହମଦ ରାଠେର

ଦିଲ୍ଲୀ ବିସ୍ଫୋରଣ ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ଦୁବାଇରେ ରହୁଥିବା ଜଣେ ସନ୍ଦିଗ୍ଧଙ୍କ ସହ ଯୋଗାଯୋଗ ରହିଥିବା ତଦନ୍ତରୁ ଜଣାପଡ଼ିଛି। କେତେଜଣ ସନ୍ଦିଗ୍ଧ ପାକିସ୍ତାନ ଓ ତୁର୍କୀରେ ରହୁଥିଲେ ବୋଲି ପୂର୍ବରୁ ଅଭିଯୋଗ ହୋଇଥିଲା। ଅନ୍ୟତମ ଅଭିଯୁକ୍ତ ଡ. ଆଦିଲ ଅହମଦ ରାଠେରଙ୍କୁ ଜେରା ପରେ ଦୁବାଇ ପର୍ଯ୍ୟନ୍ତ ଆତଙ୍କବାଦୀ ଷଡ଼ଯନ୍ତ୍ରର ଚେର ଲମ୍ବିଥିବା ତଦନ୍ତକାରୀ ଅଫିସର ଜାଣିବାକୁ ପାଇଛନ୍ତି। ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନକୁ ସମର୍ଥନ କରି ଶ୍ରୀନଗରରେ ପୋଷ୍ଟର ଲଗାଇବା ଅଭିଯୋଗରେ ରାଠେରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଘର ଉତ୍ତରପ୍ରଦେଶର ସାହରନପୁରରେ। ତାଙ୍କ ଭାଇ ମୁଜାଫର ୨ ମାସ ପୂର୍ବରୁ ଦୁବାଇ ଯାଇଥିଲେ। ଏହା ପୂର୍ବରୁ ସେ ପାକିସ୍ତାନ ଯାଇଥିଲେ ବୋଲି ରାଠେର କହିଛନ୍ତି। ମୁଜାଫରଙ୍କର ଜେଇଏମ୍ ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା ସୂତ୍ରରୁ କୁହାଯାଇଛି। ଆତଙ୍କବାଦୀ କାର୍ଯ୍ୟ ନିମନ୍ତେ ପାଣ୍ଠି ଯୋଗାଡ଼ କରିବାକୁ ମୁଜାଫର ଦୁବାଇ ଯାଇଥିବା ତଦନ୍ତକାରୀ ଅଫିସର ବିଶ୍ୱାସ କରୁଛନ୍ତି। ତେବେ ସେ ଦୁବାଇ ଯିବା ପୂର୍ବରୁ ପାକିସ୍ତାନରେ କେଉଁମାନଙ୍କୁ ଭେଟିଥିଲେ, ତାହାର ତଦନ୍ତ କରାଯାଉଛି।

## ଅଲ୍ ଫଲାହ ୟୁନିଭର୍ସିଟିକୁ ନାକ୍‌ର କାରଣ ଦର୍ଶାଅ ନୋଟିସ୍

**ନୂଆଦିଲ୍ଲୀ,୧୩।୧୧**

ଦିଲ୍ଲୀ ବିସ୍ଫୋରଣ ଘଟଣା ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ୍-ଫଲାହ ୟୁନିଭର୍ସିଟି ଏବେ ତଦନ୍ତ ପରିସର ମଧ୍ୟରେ ରହିଛି। ଉକ୍ତ ୟୁନିଭର୍ସିଟି ଏହାର ୱେବ୍‌ସାଇଟ୍‌ରେ ସ୍ୱୀକୃତି ପାଇଥିବା ସମ୍ପର୍କିତ ଭୁଲ୍ ତଥ୍ୟ ଦେଇଥିବାରୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଏଶନ କାଉନ୍‌ସିଲ୍ (ନାକ୍) ଏହାକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଏହାର ୨ଟି ଶିକ୍ଷାନୁଷ୍ଠାନ ଅଲ୍-ଫଲାହ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି ଏବଂ ଅଲ୍-ଫଲାହ ସ୍କୁଲ୍ ଅଫ୍ ଏଜୁକେଶନ ଆଣ୍ଡ ଟ୍ରେନିଂକୁ ନାକ୍ ସ୍ୱୀକୃତି ମିଳିଥିବା ବିଶ୍ୱବିଦ୍ୟାଳୟ ଦର୍ଶାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ଟ୍ରଷ୍ଟି ଜାଭେଦ୍ ଅହମଦ ସିଦ୍ଦିକିଙ୍କୁ ତଦନ୍ତ ଅନ୍ତର୍ଭୁକ୍ତ କରାଯାଇଛି। ଦିଲ୍ଲୀ ବିସ୍ଫୋରଣର ୩ ମୁଖ୍ୟ ସନ୍ଦିଗ୍ଧଙ୍କ ମଧ୍ୟରୁ ୨ ଜଣ ଡା. ଶାହିନ ସୟିଦ, ଡା. ମୁଜାମ୍ମିଲ୍ ସକିଲଙ୍କୁ ଜାଭେଦ ୟୁନିଭର୍ସିଟିରେ ନିଯୁକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପାଣ୍ଠି ଯୋଗାଣ ଘଟଣାର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆରମ୍ଭ କରିଛି। ସିଦ୍ଦିକିଙ୍କର ବିଶାଳ କର୍ପୋରେଟ୍ ନେଟ୍‌ୱର୍କ ରହିଛି, ଯେଉଁଥିରେ ସେ ଓ ଜଣେ ସହଯୋଗୀ ୭.୫ କୋଟି ଟଙ୍କା ଜାଲିଆତିରେ ଅଭିଯୁକ୍ତ ଥାଇ ୩ ବର୍ଷ ଜେଲ ଯାଇଥିଲେ। ମଧ୍ୟପ୍ରଦେଶର ମୋରେ ଜନ୍ମିତ ସିଦ୍ଦିକି ୯ଟି କମ୍ପାନୀର ବୋର୍ଡରେ ରହିଥିଲେ। ସେଗୁଡ଼ିକ ଅଲ୍-ଫଲାହ ଚାରିଟେବଲ୍ ଟ୍ରଷ୍ଟ ସହ ଜଡ଼ିତ, ଯାହା ୟୁନିଭର୍ସିଟି ପରିଚାଳନାର ଦେଖାଶୁଣା କରୁଥିଲା।

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରର ମୁଖ୍ୟ କେନ୍ଦ୍ର ଉକ୍ତ ୟୁନିଭର୍ସିଟି କ୍ୟାମ୍ପସ୍‌ର ଏକ ଆର୍ଦ୍ର ଏବଂ ପରିତ୍ୟକ୍ତ ହଷ୍ଟେଲ୍ ପ୍ରକୋଷ୍ଠ ଥିଲା। ସେଠାରେ କଠୋରପନ୍ଥୀ ଡାକ୍ତରମାନଙ୍କ ଗ୍ରୁପ୍ ଦିଲ୍ଲୀ ଏବଂ ଉତ୍ତରପ୍ରଦେଶରେ ସିରିଜ୍ ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରିଥିଲେ। ତାହା ୧୭ ନଂ ବିଲ୍ଡିଂରେ ଥିବା ଛାତ୍ରାବାସର ୧୩ ନମ୍ବର ପ୍ରକୋଷ୍ଠ ବୋଲି ତଦନ୍ତରୁ ଜଣାପଡ଼ିଛି। ହ୍ୱାଇଟ୍ କଲାର ଟେରର ମଡ୍ୟୁଲର ଗୋପନ ବୈଠକ ଉକ୍ତ ପ୍ରକୋଷ୍ଠରେ ବସୁଥିଲା।

## ବିଦ୍ୟୁତ୍‌ଚାଳିତ ଗାଡ଼ି ନୀତି ଲାଗୁ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

କେନ୍ଦ୍ର ସରକାର ମେଟ୍ରୋପଲିଟାନ୍ ସିଟିରେ ୨୦୨୦ର ବିଦ୍ୟୁତ୍‌ଚାଳିତ ଯାନ ନୀତି କାର୍ଯ୍ୟକାରୀ କରିବା ଦିଗରେ ବିଚାର କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବିଦ୍ୟୁତ୍‌ଚାଳିତ ଗାଡ଼ି ଚଳାଚଳକୁ ବଢ଼ାଇବା ପାଇଁ ନ୍ୟାଶନାଲ ଇଲେକ୍ଟ୍ରିକ୍ ମୋବିଲିଟି ମିଶନ ପ୍ଲାନ୍ (ଏନ୍‌ଇଏମ୍‌ଏମ୍‌ପି) ଅଣାଯାଇଥିଲା। ଗତ ୫ ବର୍ଷମଧ୍ୟରେ ଏଥିରେ କେତେକ ପରିବର୍ତ୍ତନ କରାଯାଇଛି। ସେଗୁଡ଼ିକୁ ଅନୁଧ୍ୟାନ କରିବା ନିମନ୍ତେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ କହିଥିଲେ। ଉକ୍ତ ନୀତିର କାର୍ଯ୍ୟକାରିତା ଉପରେ ୧୩ଟି ମନ୍ତ୍ରଣାଳୟ ବିଚାରବିମର୍ଶ ଚଳାଇଛନ୍ତି। ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଆଟର୍ନି ଜେନେରାଲ କହିଥିଲେ। ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେଶନ (ସିପିଆଇଏଲ୍) ତରଫରୁ ଇଭି ନୀତି କାର୍ଯ୍ୟକାରିତା ପାଇଁ ଆବେଦନ କରାଯାଇଥିଲା। ଇଭି ନୀତି କାର୍ଯ୍ୟକାରିତାର ଏକ ରୋଡ୍‌ମ୍ୟାପ୍ ଆଣିବାକୁ ଖଣ୍ଡପୀଠ କେନ୍ଦ୍ରକୁ ସମୟ ଦେଇଛନ୍ତି।

## ଫୁର୍‌ସତ

# ମା' ହେଲେ ଶମା



ଅଭିନେତ୍ରୀ ଶମା ସିକନ୍ଦର ପ୍ରାୟତଃ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନ ପାଇଁ ଅଧିକ ଚର୍ଚ୍ଚାରେ ଥାନ୍ତି। ଏବେ ପୁଣି ଥରେ ସେ ଆଲୋଚନାକୁ ଆସିଛନ୍ତି। କାରଣ ଶମା ୪୪ ବର୍ଷ ବୟସରେ ମା' ହୋଇଛନ୍ତି। ଏହି ସୂଚନା ଦେବା ସହ ସୋସିଆଲ ମିଡିଆରେ ସେ ତାଙ୍କ କନ୍ୟାର ଫଟୋ ଶେୟାର କରିଛନ୍ତି। ଫଟୋରେ ଶମା ତାଙ୍କ ଶିଶୁକନ୍ୟାକୁ କୋଳରେ ଧରିଥିବାର ଦେଖାଯାଉଛି। ଫଟୋ କ୍ୟାପ୍‌ଶନରେ ଏହି ଅଭିନେତ୍ରୀ ଲେଖିଛନ୍ତି, ଆଜିକାଲି ମୋ ଜୀବନ ଏହିପରି ଚାଲିଛି। ଶମା ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି କି ତାକୁ ପୋଷ୍ୟ ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିନାହାନ୍ତି। ଖୁବ୍‌ଶୀଘ୍ର ଏହି ଗୁପ୍ତ କଥା ସେ ଆନୁଷ୍ଠାନିକ ଭାବରେ ଘୋଷଣା କରିବେ ବୋଲି କୁହାଯାଉଛି।

ଶମା ଅନେକ ବର୍ଷ ଧରି ପରଦାଠୁ ଦୂରରେ ଅଛନ୍ତି। ସେ ତାଙ୍କଠାରୁ ଚାରି ବର୍ଷ ସାନ ଜେମ୍ସ ମିଲିରନଙ୍କୁ ବିବାହ କରିଛନ୍ତି। ବିବାହ ପୂର୍ବରୁ ଏହି ଯୋଡ଼ି କିଛି ବର୍ଷ ପାଇଁ ଡେଟ୍ କରିଥିଲେ। ତା'ପରେ ସେମାନଙ୍କର ଗୋଆରେ ଏକ ଡେଷ୍ଟିନେଶନ ବିବାହ ହୋଇଥିଲା। ଶମାଙ୍କ ସ୍ୱାମୀ ଜେମ୍ସ ଜଣେ ବ୍ୟବସାୟୀ।

# ପାଲିତାନା ସହରରେ ଆମିଷ ମନା

ସାରା ବିଶ୍ୱରେ ଲୋକେ ବିଭିନ୍ନ ନିରାମିଷ ଖାଦ୍ୟର ସ୍ୱାଦ ପାଇବାକୁ ଚେଷ୍ଟା କରୁଥିବାବେଳେ ଏଭଳି ଏକ ସହର ଅଛି ଯେଉଁଠାରେ କେବଳ ମଟନ କି ଚିକେନ ନୁହେଁ ଏପରି କି ଅଣ୍ଡା ମଧ୍ୟ ଉପଲବ୍ଧ ହୁଏନାହିଁ। ଏହି ସହରରେ ଆମିଷ ଖାଦ୍ୟ ବିକ୍ରୟ ଏବଂ ଖାଇବା ଏକ କଠୋର ଅପରାଧ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ନିୟମ ଭାଙ୍ଗିବା ମଧ୍ୟ ଦଣ୍ଡନୀୟ। ଏହାର ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱ ଯୋଗୁ ଏହି ସ୍ଥାନ ବିଶ୍ୱର ପ୍ରଥମ ସହର ପାଲଟିଛି, ଯେଉଁଠାରେ ଆମିଷ ଖାଦ୍ୟ ସମ୍ପୂର୍ଣ୍ଣ ନିଷେଧ।

ଗୁଜରାଟର ଭାବନଗର ଜିଲା ଅନ୍ତର୍ଗତ ପାଲିତାନା ସହର ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ପାଲଟିଛି। ପାଲିତାନା ବିଶ୍ୱର ପ୍ରଥମ ସହର, ଯେଉଁଠାରେ ଆମିଷ ଖାଦ୍ୟ ସମ୍ପୂର୍ଣ୍ଣ ନିଷେଧ। ସେଠାରେ ମାଂସ କି ମାଛ ବିକ୍ରି କରାଯାଇପାରିବ ନାହିଁ କିମ୍ବା ଅଣ୍ଡା ମଧ୍ୟ ଖାଇବା ମନା। ଏହା ବ୍ୟତୀତ ଏଠାରେ ପ୍ରାଣୀଙ୍କୁ ହତ୍ୟା ମଧ୍ୟ ନିଷେଧ।

ପାଲିଟାଣା ସହରକୁ ଜୈନମାନଙ୍କ ପାଇଁ ସବୁଠାରୁ ପବିତ୍ର ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଏ। ଶତ୍ରୁଞ୍ଜୟ ପାହାଡ଼ ଉପରେ ନିର୍ମିତ ୮୦୦ରୁ ଅଧିକ ମାର୍ବଲର ଜୈନ ମନ୍ଦିରକୁ ସହରର ଧାର୍ମିକ ସ୍ଥଳ ଭାବରେ ବିବେଚନା କରାଯାଏ। ଜୈନ ଧର୍ମରେ ଅହିଂସାକୁ ସର୍ବୋଚ୍ଚ ନୀତି ଭାବରେ ବିବେଚନା କରାଯାଏ। ଏହି କାରଣରୁ ଜୈନ ସନ୍ଥମାନେ ଦୀର୍ଘଦିନ ଧରି ମାଂସ ଖାଇବା ଉପରେ ନିଷେଧ ଦାବି କରିଆସୁଥିଲେ। ପ୍ରାୟ ୨୦୦ ଜୈନ ସନ୍ଥ ପାଲିଟାଣାରେ ହିଂସା, ବିଶେଷକରି ପ୍ରାଣୀ ହତ୍ୟାକୁ ନିଷେଧ କରିବାକୁ ଦାବି କରି ଧର୍ମଘଟ କରିଥିଲେ। ଜୈନ ସନ୍ଥମାନଙ୍କ ଦ୍ୱାରା ନିରନ୍ତର ପ୍ରତିବାଦ ପରେ ପ୍ରଶାସନ ୨୫୦ରୁ ଅଧିକ କଂସେଇ ଦୋକାନ ବନ୍ଦ କରିଦେଇଥିଲା ଏବଂ ସହରକୁ ସମ୍ପୂର୍ଣ୍ଣ ନିରାମିଷ ଘୋଷଣା କରିଥିଲା।

ଏବେ ପାଲିଟାଣାରେ ମାଂସ, ମାଛ ଏବଂ ଅଣ୍ଡା ବିକ୍ରୟ କିମ୍ବା ସେବନକୁ ଅପରାଧ ବୋଲି ବିବେଚନା କରାଯାଉଛି। ଏହି ନିୟମ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ସ୍ଥାନୀୟ ପ୍ରଶାସନ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସହରରେ ପ୍ରାଣୀ ହତ୍ୟା କିମ୍ବା ମାଂସ ବିକ୍ରୟକୁ ବରଦାସ୍ତ କରାଯିବ ନାହିଁ। ଏହା ବ୍ୟତୀତ ପାଲିଟାଣାର ଏହି ଐତିହାସିକ ପଦକ୍ଷେପ ଗୁଜରାଟର ଅନ୍ୟ ସହରଗୁଡ଼ିକୁ ପ୍ରଭାବିତ କରିଛି। ରାଜକୋଟ, ଭଦୋଦରା, ଜୁନାଗଡ଼ ଏବଂ ଅହମଦାବାଦ ଭଳି ସହରଗୁଡ଼ିକର ସାର୍ବଜନୀନ ସ୍ଥାନରେ ଆମିଷ ଖାଦ୍ୟ ବିକ୍ରୟ ଉପରେ ନିଷେଧ ହୋଇଛି। ରାଜକୋଟରେ ଖୋଲା ସ୍ଥାନରେ ମାଂସ ରାନ୍ଧିବା କିମ୍ବା ବିକ୍ରୟ ଉପରେ ନିଷେଧ ଜାରି କରାଯାଇଛି।








# ୨୦ରୁ ଖରିଫ ଧାନ କିଣା

**ଭୁବନେଶ୍ୱର, ୧୩।୧୧ (ରବିନାରାୟଣ ଜେନା)**

- **ବରଗଡ଼ରୁ ଆରମ୍ଭ ହେବ**
- **୨ବର୍ଷରେ ନିର୍ମାଣ ହେବ**

**୧୦୦ ମଡେଲ ମଣ୍ଡି: ମନ୍ତ୍ରୀ ପ୍ରଦୀପ**

ରାଜ୍ୟରେ ନଭେମ୍ବର ୨୦ରୁ ଖରିଫ ଋତୁ ଲାଗି ଧାନ ସଂଗ୍ରହ କରାଯିବ। ଏହି ସମୟରେ ଚାଷୀମାନେ ଯେଭଳି ସୁରୁଖୁରୁରେ ଟୋକନ ପାଇବେ ଏବଂ ଧାନଦେଇ ଡିବିଟି ମାଧ୍ୟମରେ ଟଙ୍କା ପାଇବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି।

ଗୁରୁବାର ଲୋକସେବା ଭବନରେ ମନ୍ତ୍ରୀ ବଳସାମନ୍ତ ଗଣମାଧ୍ୟମକୁ କହିଛନ୍ତି, ଖରିଫ ଧାନ ସଂଗ୍ରହ ପ୍ରଥମେ ବରଗଡ଼ ଜିଲାରୁ ଆରମ୍ଭ ହେବ। ଏଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ପାଇଁ ଟେଣ୍ଡର ହୋଇସାରିଛି ଏବଂ କାର୍ଯ୍ୟ ଆରମ୍ଭ ହୋଇଛି। ମଡେଲ ମଣ୍ଡି ନିର୍ମାଣ ଶେଷ ହେଲେ ଚାଷୀମାନେ ସୁରୁଖୁରୁରେ ସେମାନଙ୍କ ଧାନ ବିକ୍ରି କରିପାରିବେ। ଚଳିତ ଆର୍ଥିକ ବର୍ଷରେ ୮୦ଟି ସମବାୟ ସମିତିରେ ୨୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ୪ ଗୋଦାମ ଗୃହ ନିର୍ମାଣ ପାଇଁ ୨୦ କୋଟିର ବ୍ୟୟବରାଦ କରାଯାଇଛି। ୯୭୩ଟି ସମବାୟ ସମିତି, ଆର୍‌ଏମ୍‌ସିରେ ୫୬୧କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକବର୍ଷ ରାଜ୍ୟର ୩୭ଲକ୍ଷ ଚାଷୀଙ୍କୁ ୨୦ହଜାର ୫୦୦ କୋଟି ଟଙ୍କା ଶସ୍ୟ ଋଣ ପ୍ରଦାନ କରାଯାଇଛି। ଏହାସହିତ ୬ହଜାର ୩୪୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୭୭.୨୧କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିବାବେଳେ ଯୁଗ୍ମ ଦେୟଗୋଷ୍ଠୀ ମାଧ୍ୟମରେ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ୨୨୫.୯୪କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୨ଲକ୍ଷ ୮୪ହଜାର ଚାଷୀ ବୀମାଭୁକ୍ତ ହୋଇଛନ୍ତି।

ବିଭାଗୀୟ ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ଲାଗି ସରକାରଙ୍କ ପକ୍ଷରୁ ୭୫ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଛି। ଯଦି ଚାଷୀମାନେ ଅଧିକ ଧାନ ବିକ୍ରି କରିବାକୁ ଚାହିଁବେ ତେବେ ତାକୁ ମଧ୍ୟ ସରକାର କିଣିବେ। ଚାଷୀମାନେ ଯେପରି ଅଭାବୀ ଧାନବିକ୍ରିର ସମ୍ମୁଖୀନ ନ ହେବେ ତାକୁ ବିଭାଗ ଗୁରୁତ୍ୱ ଦେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ୧୫ ଡିଗ୍ରୀ ତଳେ ରାଜ୍ୟର ୧୭ ଜିଲାର ତାପମାତ୍ରା

**ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)**

ଶୀତରେ ଥରୁଛି ସାରା ରାଜ୍ୟ। ସବୁଠି ଶୀତର ପ୍ରକୋପ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହିତ ହେଉଥିବାରୁ ଶୀତ ବଢ଼ୁଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୭ଟି ଜିଲାରେ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ୍ ତଳେ ରହିଥିବାବେଳେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀରେ ୮.୫, ଝାରସୁଗୁଡ଼ାରେ ୧୦.୯, ରାଉରକେଲାରେ ୧୧.୧, ଭବାନୀପାଟଣାରେ ୧୧.୫, ଅନୁଗୋଳରେ ୧୨, ସୁନ୍ଦରଗଡ଼ରେ ୧୨.୬, କେନ୍ଦୁଝରରେ ୧୨.୮, ଢେଙ୍କାନାଳରେ ୧୩.୧, ବଲାଙ୍ଗୀରରେ ୧୩.୩, କୋରାପୁଟରେ ୧୩.୫, ସୁବର୍ଣ୍ଣପୁରରେ ୧୩.୬, ସମ୍ବଲପୁରରେ ୧୪, ଭୁବନେଶ୍ୱରରେ ୧୪.୧, ନବରଙ୍ଗପୁରରେ ୧୪.୨, ହୀରାକୁଦରେ ୧୪.୫ ଏବଂ କଟକରେ ୧୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଅପରପକ୍ଷେ ସର୍ବାଧିକ ୩୨ ଡିଗ୍ରୀ ତାପମାତ୍ରା ପାରଳାଖେମୁଣ୍ଡିରେ ରହିଥିଲା। ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ବୃଦ୍ଧି ପାଇଛି।

# 'ସମୃଦ୍ଧ ଓଡ଼ିଶା ନିର୍ମାଣରେ ନେତୃତ୍ୱ ନେବେ ଯୁବଗୋଷ୍ଠୀ'

**ନୀଳଗିରି, ୧୩।୧୧ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ଏକତା ସୂତ୍ରରେ ବାନ୍ଧି ବିକଶିତ ଭାରତ ଗଠନ କରିବାର ମୁଖ୍ୟବିନ୍ଧାଣି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପାଳନ ହେଉଥିବା ଏକତା ପଦଯାତ୍ରା ଏକ ସାଧାରଣ ପଦଯାତ୍ରା ନୁହେଁ, ଏହା ଭାରତୀୟତାର ପ୍ରତୀକ, ଦେଶକୁ ଏକ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡ଼ଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେ ଅନ୍ୟ ଦେଶୀୟ ରାଜ୍ୟଗୁଡ଼ିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ନିର୍ମାଣରେ ନେତୃତ୍ୱ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୀଳଗିରି ଥାନା ସମ୍ମୁଖ ଷ୍ଟାଡିୟମ ପରିସରରେ ଆୟୋଜିତ ବିଶାଳ ସମାବେଶ ସହ ଏକତା ପଦଯାତ୍ରାରେ ଯୋଗଦେଇ ଆହ୍ୱାନ ଦେଇଛନ୍ତି।

### ନୀଳଗିରି ଏକତା ପଦଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଓ ରନ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ କଡ଼ା ସୁରକ୍ଷା ମଧ୍ୟରେ ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସେଠାରୁ ନୀଳଗିରି ଷ୍ଟାଡିୟମ ପଡ଼ିଆକୁ ଆସି ଆୟୋଜିତ 'ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲାର ଭୂମିକା ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ବାଲେଶ୍ୱର ସ୍ୱାଧୀନତା ସଂଗ୍ରାମର ବୀରତ୍ୱପୂର୍ଣ୍ଣ ଇତିହାସ ଏବଂ ଅଖଣ୍ଡ ଭାରତର କର୍ଣ୍ଣଧାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ମହାନ୍ ତ୍ୟାଗ ଏହି ପ୍ରଦର୍ଶନୀ ମାଧ୍ୟମରେ ଜୀବନ୍ତ ହୋଇଛି, ଯାହା ଆମର ଯୁବପିଢ଼ିକୁ ରାଷ୍ଟ୍ର ପ୍ରେମରେ ଅନୁପ୍ରାଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଷ୍ଟାଡିୟମ ପରିସରରେ ଆୟୋଜିତ ବିଶାଳ ସମାବେଶ ସହ ଏକତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସହସ୍ରାଧିକ ଯୁବବର୍ଗ, ଜନସାଧାରଣ, ସରକାରୀ ଅଧିକାରୀ ଓ ଛାତ୍ରୀଛାତ୍ରଙ୍କ ସହ ୧୦୦ ଫୁଟ ବିଶିଷ୍ଟ ତ୍ରିରଙ୍ଗା ପତାକା ନେଇ ପ୍ରାୟ ୮ କି.ମି. ବାଟ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ସେ କହିଥିଲେ ଯେ, ନୀଳଗିରି ପ୍ରଜା ଆନ୍ଦୋଳନ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ଅଦ୍ୱିତୀୟ ଅଧ୍ୟାୟ। ଯାହା ଶୋଷଣ, ଅନ୍ୟାୟ ବିରୋଧରେ ଓ ଅଧିକାର ପାଇଁ ପ୍ରଜାଙ୍କ ମିଳିତ ସ୍ୱରର ଏକତାର ଗାଥା କୁହେ। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ ଯେ, ଆଜିର ଯୁଗ ହେଉଛି ଶିକ୍ଷା ଓ ଜ୍ଞାନର ଯୁଗ। ଆମ ଯୁବ ସମାଜକୁ ଦେଶ ଗଢ଼ିବାରେ ନେତୃତ୍ୱ ଦେବାକୁ ଆଗେଇ ଆସିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରନ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଓ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ଉଦ୍‌ବୋଧନ ଦେଇଥିଲେ। ଶେଷରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

# ଅଫିସ୍ ରୋମାନ୍ସରେ ଭାରତ ଦ୍ୱିତୀୟ

**ନୂଆଦିଲ୍ଲୀ, ୧୩।୧୧**

ଭାରତରେ ଅଫିସ୍ ରୋମାନ୍ସ ବା କାର୍ଯ୍ୟସ୍ଥଳୀରେ ପ୍ରେମ କରିବା ଦେଖାଯାଇଥାଏ। ଡେଟିଂ ପ୍ଲାଟଫର୍ମ 'ଆଶ୍ଲେ ମ୍ୟାଡିସନ' ପକ୍ଷରୁ କରାଯାଇଥିବା ବିଶ୍ୱସ୍ତରୀୟ ଅଧ୍ୟୟନ ଅନୁଯାୟୀ କର୍ମକ୍ଷେତ୍ରରେ ହେଉଥିବା ରୋମାନ୍ସ ବିଷୟରେ ଲୋକେ କରିଥିବା ସ୍ୱୀକାରୋକ୍ତିରୁ ଜଣାପଡ଼ିଛି ଯେ, ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ୟୁ ଗଭ୍ ସହଯୋଗରେ କରାଯାଇଥିବା ଏହି ଅଧ୍ୟୟନରେ ମେକ୍ସିକୋ ପ୍ରଥମ ସ୍ଥାନରେ ଥିବା ଜଣାପଡ଼ିଛି। ଅଫିସ୍ ରୋମାନ୍ସ ସଂକ୍ରାନ୍ତରେ ୧୧ଟି ଦେଶ ଅଷ୍ଟ୍ରେଲିଆ, ବ୍ରାଜିଲ୍, କାନାଡା, ଜର୍ମାନୀ, ଭାରତ, ଇଟାଲୀ, ମେକ୍ସିକୋ, ସ୍ପେନ୍, ସୁଇଜରଲାଣ୍ଡ, ବ୍ରିଟେନ୍ ଓ ଆମେରିକାର ପ୍ରାପ୍ତବୟସ୍କ ୧୩,୫୮୧ ଜଣଙ୍କ ମତାମତକୁ ନେଇ ସର୍ଭେ କରାଯାଇଥିଲା। ଏଥିରେ କୁହାଯାଇଛି ଯେ, ୧୦ ଭାରତୀୟଙ୍କ ମଧ୍ୟରୁ ୪ ଜଣ ସହକର୍ମୀଙ୍କ ସହ ରୋମାଣ୍ଟିକ୍ ମୁଡ୍‌ରେ ଅଛନ୍ତି ବା ଡେଟିଂ କରୁଛନ୍ତି। ମେକ୍ସିକୋରେ ୪୩ ପ୍ରତିଶତ ଉତ୍ତରଦାତା କହିଛନ୍ତି, ସେମାନେ ସହକର୍ମୀଙ୍କ ସହ ରୋମାଣ୍ଟିକ୍ ଭାବରେ ଜଡ଼ିତ ଅଛନ୍ତି। ଭାରତରେ ୪୦ ପ୍ରତିଶତ ଉତ୍ତରଦାତା ସେହି ସମାନ କଥା କହିଛନ୍ତି। ଆମେରିକା, ବ୍ରିଟେନ୍ ଓ କାନାଡା ଭଳି ରାଷ୍ଟ୍ରରେ ଏହା ୩୦ ପ୍ରତିଶତ ଥିବା ଲୋକଙ୍କ ସ୍ୱୀକାରୋକ୍ତିରୁ ଜଣାପଡ଼ିଛି। ଆଶ୍ଚର୍ଯ୍ୟଜନକ ଭାବେ ପୁରୁଷମାନେ ମହିଳାମାନଙ୍କ ଅପେକ୍ଷା ସହକର୍ମୀଙ୍କ ସହ ଡେଟିଂ କରିବାରେ ଅଧିକ



ସମ୍ଭାବନା ରଖନ୍ତି, ଯେଉଁଥିରେ ପ୍ରାୟ ୫୧ ପ୍ରତିଶତ ପୁରୁଷ ଥିବା ବେଳେ ମହିଳାଙ୍କ ପ୍ରତିଶତ ରହିଛି ୩୬। ତେବେ ମହିଳାମାନେ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନକୁ ମିଶାଇବାର ସମ୍ଭାବ୍ୟ ପରିଣାମ ବିଷୟରେ ଅଧିକ ସାବଧାନ ଥାଆନ୍ତି। ପ୍ରାୟ ୨୯ ପ୍ରତିଶତ ମହିଳା କହିଥାଆନ୍ତି, ପେସାଦାରି ଭୟ ଯୋଗୁ ସେମାନେ କର୍ମକ୍ଷେତ୍ରରେ ସମ୍ପର୍କ ସ୍ଥାପନ ନେଇ ନିରୁତ୍ସାହିତ ରହିବାକୁ ଚାହିଁଥାଆନ୍ତି, ଯାହା ସମାନ ଧରଣର ଅନୁଭବ କରୁଥିବା ୨୭ ପ୍ରତିଶତ ପୁରୁଷଙ୍କ ଅପେକ୍ଷା ସାମାନ୍ୟ ଅଧିକ। ଅନ୍ୟପକ୍ଷରେ ପୁରୁଷମାନେ ବ୍ୟକ୍ତିଗତ ପରିଣାମଗୁଡ଼ିକ ବିଷୟରେ ଅଧିକ ଚିନ୍ତା କରିଥାଆନ୍ତି। ଅଧ୍ୟୟନରୁ ଆହୁରି ଜଣାପଡ଼ିଛି ଯେ, ୧୮ରୁ ୨୪ ବର୍ଷ ବୟସ୍କ ଯୁବ କର୍ମଚାରୀ ଏ ନେଇ ସର୍ବାଧିକ ସତର୍କତା ଅବଲମ୍ବନ କରିଥାଆନ୍ତି। ଏମାନଙ୍କ ମଧ୍ୟରୁ ୩୪ ପ୍ରତିଶତ ଏହି ରୋମାଣ୍ଟିକ୍ ସମ୍ପର୍କ ସେମାନଙ୍କ କ୍ୟାରିୟର ଉପରେ କିପରି ପ୍ରଭାବ ପକାଇପାରେ ସେ ନେଇ ଚିନ୍ତିତ ଥାଆନ୍ତି। ବିବାହ ବାହାରେ ସମ୍ପର୍କ ବା ପରକୀୟା ପ୍ରୀତି ସ୍ଥାପନ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏକ ଡେଟିଂ ଆପ୍ ଗ୍ଲିଡେନ୍‌ର ସର୍ଭେ ଅନୁଯାୟୀ ୩୫ ପ୍ରତିଶତ ଭାରତୀୟ ବର୍ତ୍ତମାନ ଏକ ଖୋଲାଖୋଲି ସମ୍ପର୍କରେ ଅଛନ୍ତି। ୪୧ ପ୍ରତିଶତ ମତ ଦିଅନ୍ତି ଯେ ଯଦି ସେମାନଙ୍କ ସହକର୍ମୀ ପ୍ରସ୍ତାବ ଦିଅନ୍ତି, ତେବେ ସେମାନେ ତାହାକୁ ବିବେଚନା କରିବେ। କୌତୂହଳର କଥା ଯେ ଏଭଳି ରୋମାଣ୍ଟିକ୍ ସମ୍ପର୍କ କେବଳ ମେଟ୍ରୋ ସହରଗୁଡ଼ିକରେ ସୀମିତ ନୁହେଁ, ଛୋଟ ସହରରେ ମଧ୍ୟ ଏଭଳି ଧାରା ଦେଖିବାକୁ ମିଳୁଛି। ଭାରତର ତାମିଲନାଡୁର କାଞ୍ଚିପୁରମ୍ ତାଲିକାର ଶୀର୍ଷରେ ରହିଛି, ଯେଉଁଠାରେ ପରକୀୟା ପ୍ରୀତି ସମ୍ପର୍କରେ ଅଧିକ ଆଗ୍ରହ ଦେଖାଇଥାଆନ୍ତି ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପରିସର, ୟୁନିଟ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ନିଖିଳ ଭରତ ସମବାୟ ସପ୍ତାହ ପାଳନ, ସ୍ଥାନ: ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି, ଟିଗିରିଆ,ସମୟ: ସକାଳ:୯ଟା।

**ଖୋର୍ଦ୍ଧା**
- ସାଇବର ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଶିଶୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ଗୁରୁଜଙ୍ଗ, ସମୟ: ସକାଳ ୮ଟା।
- ପୁଞ୍ଜି ସଚେତନତା ଶିବିର, ସ୍ଥାନ: ଜୟୀ ରାଜଗୁରୁ ଭବନ, ସମୟ: ପୂର୍ବାହ୍ନ୧୦ଟା
- କନ୍ୟା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ଗୁରୁଜଙ୍ଗ ସମୟ: ପୂର୍ବାହ୍ନ ୧୧ଟା
- ବ୍ଲକସ୍ତରୀୟ କୃଷି ଓ ମତ୍ସ୍ୟ ସମ୍ପଦ ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମାଧ୍ୟମିକ ମହିଳା ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀ, ସ୍ଥାନ: ଓଷ୍ଟା ଜିଲା କାର୍ଯ୍ୟାଳୟ ଖୋର୍ଦ୍ଧା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର୧୯ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗଙ୍ଗପଡ଼ା, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ଶିଶୁ ମହୋତ୍ସବ ଓ ବାର୍ଷିକ ଉତ୍ସବ, ସ୍ଥାନ: ଜହତା ଚଉଦ ମାଦଳ ପଡିଆ, ରୂପସା, ସମୟ: ପୂର୍ବାହ୍ନ ୧୦ ଟା।
- ୭୯ତମ ଗଡ଼ଜାତ ଦିବସ, ସ୍ଥାନ: ଏନଏସି କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜହତା ଚଉଦ ମାଦଳ ପଡିଆ, ରୂପସା, ସମୟ: ଅପରାହ୍ନ ୪ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ପ୍ରଥମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

**ଭଦ୍ରକ**
- ସମବାୟ ସପ୍ତାହ ପାଳନ, ସ୍ଥାନ: ପୁରୁଷୋତ୍ତମ ସମିତି କାର୍ଯ୍ୟାଳୟ, ଆଗରପଡ଼ା, ସମୟ: ସକାଳ ୯ଟା।
- ଶିଶୁ ମହୋତ୍ସବ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ ସୈନିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଆଡ଼ିଆ, ବନ୍ତ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ମହାଲକ୍ଷ୍ମୀ ମନ୍ଦିରରେ ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳନ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା।
- ଶିଶୁ ଦିବସ ପାଳନ, ସ୍ଥାନ : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା। ସ୍ଥାନ: ସେଣ୍ଟ ମେରିଜ ସ୍କୁଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।

**ମୟୂରଭଞ୍ଜ**
- ଶିଶୁ ଦିବସ ପାଳନ, ସ୍ଥାନ:ଚିତ୍ରଡ଼ା ବିସିସି କ୍ଲାସେସ,ମୋରଡ଼ା,ସମୟ:ସକାଳ ୭ଟା।
- ସାଇବର ଠକେଇକୁ ନେଇ ଜନ ସଚେତନତା ଶୋଭାଯାତ୍ରା,ସ୍ଥାନ: ଉଦଳା ଥାନା ପରିସର,ସମୟ:ସକାଳ ୮ଟା ୩୦।
- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ', ସ୍ଥାନ:ଶିଶୁ ଉଦ୍ୟାନ ବାରିପଦା, ସମୟ: ସକାଳ ୮ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମୋରଡ଼ା ବ୍ଲକ କୋଷ୍ଠା, ସମୟ: ସକାଳ ୯ଟା।
- ଶିଶୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବେଲପାଳ, ବଡ଼ସାହି, ବ୍ଲକ,ସମୟ: ସକାଳ ୯ଟା।
- ପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୂଷାମାରୀ କଲ୍ୟାଣ ମଣ୍ଡପ, ରାସଗୋବିନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ମିଶନ ଶକ୍ତି ବୈଠକ,ସ୍ଥାନ: କ୍ରିଷ୍ଣା ମଣ୍ଡପ ମୂଷାମାରୀ, ରାସଗୋବିନ୍ଦପୁର,ସମୟ: ଅପରାହ୍ନ ୩ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ଥିଏଟର ଫେଷ୍ଟିଭାଲର ନାଟକ 'ପତଝଡ' ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଜଗଧାତ୍ରୀ ମେଳାର ଉଦ୍‌ଯାପନୀ,ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଜଗଧାତ୍ରୀ ମେଳାରେ ଜାଭେଦ ଅଲ୍ଲୀଙ୍କ ବଲିଉଡ ନାଇଟ୍ସ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ରାତି ୮ଟା।

**ବ୍ରହ୍ମପୁର**
- ବିଶ୍ୱ ମଧୁମେହ ଦିବସରେ ସଚେତନତା, ସ୍ଥାନ: ଆର.କେ.ଡାଇବେଟିସ ସେଣ୍ଟର, ଗୋଇଲୁଣ୍ଡି, ସମୟ: ସକାଳ ୮ଟା ୩୦।
- ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ବାର୍ଷିକୋତ୍ସବ, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରାନ୍ତି ପକ୍ଷରୁ ଶିଶୁ ଉତ୍ସବ, ସ୍ଥାନ: ଆଇଟିଆଇ ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ସାମ୍ବାଦିକ ସଂଘ ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ଉତ୍ସବ, ସ୍ଥାନ: ପ୍ରାଥମିକ ବିଦ୍ୟାଳୟ କଇଠା, ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ ଟା।

**କନ୍ଧମାଳ**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଡୁତୁଲି ନୂଆଗାଁ କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ ଟା।

**ଗଜପତି**
- ଜିଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ଶିବିର, ସ୍ଥାନ: ମୋହନା ପିଏମଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- କପିଳାସ ମହୋତ୍ସବ ଉଦ୍‌ଘାଟନୀ , ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପରଜଙ୍ଗ ପଞ୍ଚାୟତ ସମିତି ବୈଠକ , ସ୍ଥାନ: ବ୍ଲକ ସଭାଗୃହ , ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ଜ୍ଞାନୋଦୟ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।
- ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱଳ୍ପ ସଞ୍ଚୟ ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: କଳ୍ପନା କ୍ଲବ ସଭାଗୃହ, ସମୟ: ଅପରାହ୍ନ ୩ଟା।

**ଅନୁଗୋଳ**
- ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସମର୍ଥ୍ୟ ଅଭିଯାନ, ସ୍ଥାନ: ତାଳଚେର ଯୁବରାଜ ହାଇସ୍କୁଲ, ସମୟ: ସକାଳ ୭ଟା
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା -୨୦୨୫, ସ୍ଥାନ: ବାଲିପଟା ମେଡିକାଲ ପଡିଆ, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ସାଇବର ସୁରକ୍ଷା ସଚେତନତା ନେଇ ୱାକାଥନ୍, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରୁ ଇଣ୍ଡୋର ଷ୍ଟାଡିୟମ, ଜଗତ୍‌ସିଂହପୁର, ସମୟ: ସକାଳ ୭ଟା।
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସମୂହ ଶିଶୁଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ପୋର୍ଟ କ୍ଲବ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ବାର୍ଷିକ ସମ୍ମିଳନୀ, ସ୍ଥାନ: ଶ୍ରୀଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ଅଭିଯୋଗ ଶୁଣାଣି ଶିବର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ, ଚାଟରାଚକଡା, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଭିନ୍ନକ୍ଷମଙ୍କ ପାଇଁ ପୁର୍ନବାସ ଶିଶୁ ଥେରାପି କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଅମର ଉଦ୍ୟାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାସୋବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସିଦ୍ଧ ମହାପୁରୁଷ ଭୋଲିବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜଗା ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ବରୀ ଗୋପବନ୍ଧୁ-ରମାଦେବୀ ଆଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୟାଗଡ଼**
- ଶିଶୁ ଦିବସ, ସ୍ଥାନ:ନୟାଗଡ ଡିଏଭି ସ୍କୁଲ, ସମୟ: ସକାଳ ୯ଟା।
- ଶିଶୁ ଦିବସ, ସ୍ଥାନ:ଖଣ୍ଡପଡା ଓମ୍ ସାଇ ଇଣ୍ଟର ନ୍ୟାସନାଲ ସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ:ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- 'ଆସ ସ୍କୁଲ ଯିବା' ପଦଯାତ୍ରା, ସ୍ଥାନ: ଏସ୍‌ଏସ୍‌ଡି ହାଇସ୍କୁଲ, କୁମ୍ଭିକୋଟା, ରାୟଗଡ଼ା ବ୍ଲକ, ସମୟ: ସକାଳ ୮ଟା।

**ନବରଙ୍ଗପୁର**
- ଆୟାପ୍ପା ସ୍ୱାମୀଙ୍କ ଇରୁମୁଡି ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ଜୟନ୍ତୀନଗରସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଚିତ୍ର ପ୍ରଦର୍ଶନୀ, ସ୍ଥାନ: ଝରିଗାଁ ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ଷ୍ଟାଡିୟମ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପାଣି ଚିକିତ୍ସାଳୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଗବତ ଗୀତା ପ୍ରବଚନ ଓ ଚିନ୍ତା ମୁକ୍ତ ରାଜଯୋଗ ଶିବିର, ସ୍ଥାନ: ନବରଙ୍ଗପୁର ଚୈତନ୍ୟ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୩୦।

**କୋରାପୁଟ**
- ଘରଡିହ(ଘରବାରି) ପଟ୍ଟା ବଣ୍ଟନ, ସ୍ଥାନ: ପାଡୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଡିଏଭିଭିଏସ ବିଦ୍ୟାଳୟ ପକ୍ଷରୁ ଶିଶୁ ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ହାଲ ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ନେଇ ବନଫୁଲ ଉତ୍ସବ, ସ୍ଥାନ: ତଥାସ୍ତୁ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ୫୭ତମ ଜିଲା ପରିଷଦ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଦିବସ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବ୍ଲକ୍ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିର୍ସା ମୁଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଏକତା ପକ୍ଷରୁ ଶିଶୁ ଦିବସ ନେଇ କର୍ମଶାଳା, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପରବ ପାଳନ ପାଇଁ ଚୁଡାନ୍ତ ବୈଠକ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ବୈଠକ ଗୃହ, ସମୟ: ଅପରାହ୍ନ ୩ଟା ୩୦।
- ଏପିଏଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା, ସମୟ: ଅପରାହ୍ନ ୫ଟା।
- ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ତ୍ରିଲୋଚନ ନେତ୍ରାଳୟ ଆୟୋଜିତ ନିଃଶୁଳ୍କ ମଧୁମେହ ପରୀକ୍ଷା ଶିବିର, ସ୍ଥାନ : ଅଇଁଠାପାଲି ବସ ଟର୍ମିନାଲ, ସମୟ : ସକାଳ ୯ଟାରୁ ଅପରାହ୍ନ ୫ଟା।
- ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ : ଭୀମ ଭୋଇ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ : ସକାଳ ୯ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ହରଜିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ମା'ପାହାଡେଶ୍ୱରୀ ମହିଳା ଯୁବ ସଙ୍ଗଠନ ଆୟୋଜିତ ଶିଶୁ ଉତ୍ସବ, ସ୍ଥାନ : ଲରପଙ୍କ ସ୍ଥିତ କଳ୍ପତରୁ ଆଶ୍ରମ, ସମୟ : ପୂର୍ବାହ୍ନ ୧୧ଟା।
- ଝଙ୍କାର ସାଂସ୍କୃତିକ ଅନୁଷ୍ଠାନ ଆୟୋଜନରେ ଶିଶୁ ମହୋତ୍ସବ, ସ୍ଥାନ : କ୍ଷେତରାଜପୁର ଅଗ୍ରୟସେନ ଭବନ, ସମୟ : ଅପରାହ୍ନ ୫ଟା।
- ସାଇ ଶିକ୍ଷା ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର -୨୦୨୫ ସକାଶେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ଜିଏମୟୁ ସ୍ଥିତ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଲନ୍ ବଲ କୋର୍ଟ, ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ଷ୍ଟାଡିୟମର ୧୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ୟୁଥ୍ କ୍ଲବ ପକ୍ଷରୁ ଯୋଗ ଶିବିର, ସ୍ଥାନ: ବିଏଲ ଶିଶୁ ପାର୍କ ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ଶିଶୁ ଦିବସ ପାଳନ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସେକ୍ଟର-୧୪, ସମୟ: ସକାଳ ୯ଟା।
- ଆଦର୍ଶ ବରିଷ୍ଠ ନାଗରିକ କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡ ଥାନା ପରିସର, ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ପାଳନ, ସ୍ଥାନ: କୋଏଲ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଉପରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଉଦିତ ନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ବିଶାଳ ବ୍ରାହ୍ମଣ ସମାବେଶ,ସ୍ଥାନ:ସଦର ଥାନା ନିକଟ ଶିବ ମନ୍ଦିର ପ୍ରାଙ୍ଗଣ,ସମୟ:ସକାଳ ୯ଟା।
- ଶିଶୁ ଦିବସ ଓ ବାର୍ଷିକ କ୍ରିଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଉଦଘାଟନ ସମାରୋହ, ସ୍ଥାନ:ସୁନ୍ଦରଗଡ ପବ୍ଲିକ ସ୍କୁଲ, ଶଙ୍କରା, ସମୟ: ସକାଳ ୮ଟା୩୦।

**ବରଗଡ଼**
- ଜିଲା ପ୍ରଶାସନ ତରଫରୁ ଏକତା ପଦଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୮ଟା।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ଶିକ୍ଷକ ସ୍ୱର୍ଗତ ତେଜରାଜ ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଝାଙ୍କରପାଲି, ଭଟଲି, ସମୟ: ମଧ୍ୟାହ୍ନ ୧୨ଟା।
- ମା' ପଁର୍ଗପାଟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବରାହଗୋଡା ଖେଳପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ମହାବୀର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ବାବା ଖଣ୍ଡୁଆଳ ଖେଳପଡିଆ, ଥୁଆମୂଳ ରାମପୁର, ସମୟ: ସକାଳ ୮ଟା ୪୦ରୁ ଅପରାହ୍ନ ୪ଟା ୩୦।

**ବୌଦ୍ଧ**
- ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୯ଟା।
- ବିଶ୍ୱ ମଧୁମେହ ଦିବସ ପାଳନ, ସ୍ଥାନ: ସ୍ୱାସ୍ଥ୍ୟ ବିଭାଗ ଟ୍ରେନିଂ ୟୁନିଟ୍, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ଗୋକୁଳାଷ୍ଟାମୀ ମହୋତ୍ସବ, ଯଶୋଦାଙ୍କ ବାସଲ୍ୟ ମମତା ଓ ଦୋଳ ଉତ୍ସବ, ସ୍ଥାନ: ବିନିକା କଂସାରୀପଡା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ ବାଉଁଶୁଣୀ ଯୁବକ ସଂଘ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବାଉଁଶୁଣୀ ଖେଳ ପଡିଆ, ବିନିକା, ସମୟ: ସକାଳ ୯ ଟା।
- ସୁବର୍ଣ୍ଣପୁର ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟରେ ଶିଶୁ ଦିବସ ପାଳନ, ସ୍ଥାନ: ପାଣିସିଆଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- କଂସ ଦରବାର, ସ୍ଥାନ: ବିନିକା ଯୋଗେଶ୍ୱର ମନ୍ଦିର ବନଦୁର୍ଗା ପଡିଆ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ସକାଳୁ ଆପଣଙ୍କ ଯାତ୍ରା ଓ ଭ୍ରମଣ ପ୍ରୀତିପ୍ରଦ ରହିବ। ବୃହସ୍ପତିଙ୍କ ଉଚ୍ଚାବସ୍ଥାନ ଦୃଷ୍ଟିକୋଣରୁ ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ।

**ବୃଷ**
ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଧନ ସ୍ଥାନରେ ଗୁରୁଙ୍କ ଅବସ୍ଥିତିଜନିତ ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି ହେବନି।

**ମିଥୁନ**
ପାପଗ୍ରହ ଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିଜ ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ।

**କର୍କଟ**
ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ଅବଶ୍ୟ ଆତ୍ମୀୟ ସ୍ୱଜନମାନଙ୍କ ସାହାଯ୍ୟର ପ୍ରତିଶ୍ରୁତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ**
ଆଜି ଚେଷ୍ଟା କରୁଥିବା କାମ କଦାପି ବ୍ୟର୍ଥ ହେବ ନାହିଁ। ବୁଧଙ୍କ ପ୍ରଭାବରେ ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା**
ମୁଖଭାବସ୍ଥ ଗ୍ରହ ସମ୍ପର୍କରୁ ଲାଳିତ୍ୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ସଜାଡି ନେବେ। ତଥାପି ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନଚେତ୍ ଅସୁବିଧାରେ ପଡିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ ହ୍ରାସ ପାଇବାର ଅନୁଭବ କରିବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା**
ବଳବାନ୍ ସ୍ୱଗୃହୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ**
ଶନିଙ୍କ ଦୁର୍ବଳତା କାରଣରୁ ଆଜି ଆପଣଙ୍କ କଥା ଓ କାମରେ ତାଳମେଳ ରହିବ ନାହିଁ। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର**
ରାଶିକୁ ଦେବଗୁରୁ ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ହାତ ପାହାନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଆଜିର ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**କୁମ୍ଭ**
ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଲାଗିରହିବା କାରଣରୁ ଶନିଙ୍କ ପ୍ରଭାବରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆଜି ସଭାସମିତି, ସତ୍ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ**
ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ଅସୁବିଧା ରହିବ ନାହିଁ। ବୃହସ୍ପତିଙ୍କ ଦୁଃସ୍ଥିତିରୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ନଭେମ୍ବର ୧୪ ତାରିଖ, ଶିଶୁଦିବସ, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହାରମ୍ଭ, ମାର୍ଗଶିର କୃଷ୍ଣ ଦଶମୀ ଶୁକ୍ରବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୮ ଗତେ, ଘ.୦୬।୪୨ ମଧ୍ୟେ, ଘ.୦୭।୨୭ ଗତେ, ଘ.୦୮।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ, ଘ.୧୧।୩୧ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ଡାକଇ ପାନ ପଟୁରୀ ଲୋ,**
**ଶୋଇପଡ଼ ତୁଳି ମୁଣ୍ଡେ,**
**ଗେରସ୍ତ ଆସିଲେ ସକେଇ କାନ୍ଦିବୁ,**
**କିଛି ଦେଇନାହିଁ ତୁଣ୍ଡେ ।**

କେତେକ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ୍ୟ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ରାଗ ଅଭିମାନରେ ଖାଇ ନ ଥିବାର ତୁଚ୍ଛା ବାହାନା କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଖା ପଟକ, ଏ ଦେଶରେ ଭାବ ନାହିଁ, ଯିବା କଟକ ।**
**ଅଖା ଧୋଉଥିବୁ, ଗୁଣ ଗାଉଥିବୁ ।**

ସାଧାରଣତଃ ଅଖାକୁ ଯେତେ ଧୋଇଲେ ବି ତାହା ପୁରା ସଫା ହୋଇପାରେ ନାହିଁ। ଠିକ୍ ସେହିପରି ଦୁଷ୍ଟ ବା ଖଳ ବ୍ୟକ୍ତିଙ୍କର ଦୁର୍ଗୁଣକୁ ଯେତେ ବର୍ଣ୍ଣନା କଲେ ମଧ୍ୟ ତାହା ସରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜି ବିଶ୍ୱ ମଧୁମେହ ଦିବସ

# କାୟା ବଢ଼ାଉଛି ମଧୁମେହ

ପ୍ରତିବର୍ଷ ନଭେମ୍ବର ୧୪ରେ ପାଳିତ ହୋଇଆସୁଛି ବିଶ୍ୱ ମଧୁମେହ ଦିବସ। ଇନ୍‌ସୁଲିନର ଆବିଷ୍କାରକ ସାର୍ ଫ୍ରେଡେରିକ ବାଣ୍ଟିଙ୍ଗ ଜନ୍ମଦିନକୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ମଧୁମେହ ଏବଂ ଏହାର ପ୍ରତିରୋଧ ବିଷୟରେ ସଚେତନତା ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ମଧୁମେହ ଫେଡେରେଶନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୯୧ରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ତେବେ ଭାରତରେ ମଧୁମେହ ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ବିଷୟ ପାଲଟିଛି। ଏକ ସର୍ଭେରୁ ଜଣାପଡିଛି ଯେ ଆମ ଦେଶରେ ପ୍ରାୟ ୭୫ ନିୟୁତରୁ ଅଧିକ ଏହି ରୋଗରେ ପୀଡିତ ଅଛନ୍ତି। ଡାଇବେଟିସ ନିୟନ୍ତ୍ରଣ ନ ରହିଲେ, ଏହା ହୃଦ୍‌ରୋଗ,ବୃକକ୍ (କିଡ୍‌ନୀ) ରୋଗ ଏବଂ ଅନ୍ଧତ୍ୱ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିପାରେ। ଏହା ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ନିହାତି ଦରକାର। ଏହି ସମୟରେ ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରନ୍ତୁ।



ବିଶ୍ୱ ମଧୁମେହ ଦିବସ ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ମଧୁମେହ ଏବଂ ସୁସ୍ଥତା', ଯାହା ମଧୁମେହ ପୀଡିତ ବ୍ୟକ୍ତିଙ୍କ ପାଇଁ ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରେ। ଅନ୍ୟପକ୍ଷରେ ଏଥର ମଧୁମେହ ଦିବସରେ 'ଜୀବନ ପର୍ଯ୍ୟାୟରେ ମଧୁମେହ' ଉପରେ ଅଧିକ ଧ୍ୟାନ ଦେବାକୁ ସ୍ଥିର କରାଯାଇଛି।

ମଧୁମେହ ହେଉଛି ଏକ କ୍ରନିକ ମେଟାବୋଲିକ ବ୍ୟାଧି, ଯେଉଁଥିରେ ଶରୀର ପର୍ଯ୍ୟାପ୍ତ ପରିମାଣରେ ଇନ୍‌ସୁଲିନ ଉତ୍ପାଦନ କରେ ନାହିଁ କିମ୍ବା ଉତ୍ପାଦନ କରୁଥିବା ଇନ୍‌ସୁଲିନକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବ ନାହିଁ। ଏହାଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ହୋଇଥାଏ। ପିଲାମାନଙ୍କୁ ମଧ୍ୟ ଏହା ହୋଇପାରେ। ଗର୍ଭାବସ୍ଥା ଡାଏବେଟିସ- କେତେକ ମହିଳାମାନଙ୍କର ପୂର୍ବରୁ ଅଧିକ ରକ୍ତ ଶର୍କରା ନ ଥାଇ ମଧ୍ୟ ଡାଏବେଟିସ ହୁଏ।

**ଲକ୍ଷଣ:** ଅଧିକ ଶୋଷ, ଅଧିକ ପରିସ୍ରା, ଓଜନ କମିଯିବା, ଅଧିକ ଭୋକ, ଅଧିକ ଥକା, ଉଦାସୀନତା, ମାନ୍ଦା ତଥା ଦୁର୍ବଳ ଲାଗିବା, ଆଖିକୁ ଝାପ୍ସା ଦିଶିବା, ମୁଣ୍ଡ ବୁଲାଇବା, ଯୌନାଙ୍ଗରେ ଘା' ହେବା, ମୂତ୍ରାଶୟ ସଂକ୍ରମଣ, ପେଟ ଯନ୍ତ୍ରଣା ଏବଂ ବାନ୍ତି ହେବା, ଯୌନ ଶକ୍ତି କମିଯିବା, ହାତ, ପାଦ ଝିମ୍ଝିମ୍ ହେବା, ଘା' ନ ଶୁଖିବା,ଗୁପ୍ତାଙ୍ଗ ପ୍ରଦାହ, ଧଳାସ୍ରାବ, କୁଣ୍ଡାଇ ହେବା, କାଛୁ, ଯାଦୁ, ଚର୍ମ ସଂକ୍ରମଣ, କୁଣ୍ଡିଆ ପ୍ରଭୃତି ବାରମ୍ବାର ହେବା ଇତ୍ୟାଦି, ଦାନ୍ତ ହଲିବା ତଥା ମାଢି ରୋଗ ଇତ୍ୟାଦି। ଅନେକ କ୍ଷେତ୍ରରେ ମଧୁମେହ ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ଏହି ରୋଗ ହେଇଥାଏ।

**ଚିକିତ୍ସା ଏବଂ ପ୍ରତିରୋଧ:** ବ୍ୟବସ୍ଥିତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ, ନିୟମିତ ବ୍ୟାୟାମ, ବାୟୁ ପ୍ରଦୂଷଣଠାରୁ ଦୂରେଇ ରହିବା, ମାନସିକ ଚାପ କମେଇବା, ନିଶାଦ୍ରବ୍ୟ ସେବନ ବର୍ଜନ ଏବଂ ସନ୍ତୁଳିତ ଶାରୀରିକ ଓଜନ ଉପରେ ଏହି ରୋଗର ପ୍ରତିଷେଧ ଓ ଚିକିତ୍ସା ନିର୍ଭର କରେ। ଏହାବ୍ୟତୀତ ରକ୍ତଚାପ ଏବଂ ଓଜନ ସନ୍ତୁଳିତ ରହିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ।

**- ଡା. ଅଶୋକ କୁମାର ମହାନ୍ତି,**
ମୋ: ୯୨୩୪୬୬୭୫୪୬

## ପ୍ରଥମ ପୃଷ୍ଠାରୁ...

### ଜାତୀୟ ଉଦ୍ୟାନ...

କାର୍ଯ୍ୟ ବନ୍ୟପ୍ରାଣୀଙ୍କ ପ୍ରତି ବିପଜ୍ଜନକ ବୋଲି ସର୍ବୋଚ୍ଚ ଅଦାଲତଙ୍କ ସୁସଂଗତ ଦୃଷ୍ଟିକୋଣ ରହିଆସିଛି। ଯଦିଓ ଗୋଆ ଫାଉଣ୍ଡେଶନ ମାମଲାରେ ଗୋଆ ସରକାରଙ୍କୁ ଏଭଳି ନିର୍ଦ୍ଦେଶ ଜାରି ହୋଇଥିଲା, ସାରା ଭାରତ ପାଇଁ ଏଭଳି ନିର୍ଦ୍ଦେଶ ଜାରି ହେବାର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଛନ୍ତି। ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ସେଗୁଡ଼ିକର ସୀମାଠାରୁ ୧ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ ଖଣି ଖନନ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅଞ୍ଚଳକୁ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ବିଜ୍ଞପିତ କରିବା ପାଇଁ ଶୀର୍ଷ ଅଦାଲତ ଝାଡ଼ଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଉକ୍ତ ଅଞ୍ଚଳର ଆଦିବାସୀ ଓ ବନବାସୀମାନଙ୍କ ଅଧିକାରର ସୁରକ୍ଷା ହେବା ଆବଶ୍ୟକ। ସେଥିପାଇଁ ରାଜ୍ୟ ସରକାର ଉକ୍ତ ବିଜ୍ଞପ୍ତିର ବ୍ୟାପକ ପ୍ରସାରଣ କରିବାକୁ ଖଣ୍ଡପୀଠ କହିଛନ୍ତି। ପରିବେଶ ସମୃଦ୍ଧ ସରଣ୍ଡା ଅଞ୍ଚଳକୁ ସଂରକ୍ଷିତ ଜଙ୍ଗଲ ଘୋଷଣା କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ଝାଡ଼ଖଣ୍ଡ ସରକାରଙ୍କୁ କହିଥିଲେ। ପଶ୍ଚିମ ସିଂହଭୂମ ଜିଲା ଅନ୍ତର୍ଗତ ସରଣ୍ଡା ଏବଂ ସାସଙ୍ଗଡାବୁରୁ ଜଙ୍ଗଲ ଅଞ୍ଚଳକୁ ଯଥାକ୍ରମେ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ସଂରକ୍ଷିତ ରିଜର୍ଭ ଭାବେ ବିଜ୍ଞପିତ କରିବା ପାଇଁ ଦୀର୍ଘଦିନର ପ୍ରସ୍ତାବ ସହ ଏହା ଜଡ଼ିତ। ମୂଳ ପ୍ରସ୍ତାବ ୩୧,୪୬୮.୨୫ ହେକ୍ଟର ପରିବର୍ତ୍ତେ ୫୭,୫୧୯.୪୧ ହେକ୍ଟର ଅଞ୍ଚଳକୁ ଅଭୟାରଣ୍ୟ ଭାବେ ବିଜ୍ଞପିତ କରିବା ପାଇଁ ପ୍ରସ୍ତାବ ରହିଥିବା ଝାଡ଼ଖଣ୍ଡ ସରକାର ପୂର୍ବରୁ ସତ୍ୟପାଠ ଜରିଆରେ ଜଣାଇଥିଲେ।

### ଫେବୃଆରୀ ୧୭ରୁ...

ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବେ। ଶିକ୍ଷାବର୍ଷର ସୁପରିଚାଳନାକୁ ଦୃଷ୍ଟିରେ ରଖି ଆଗାମୀ ଉଭୟ ବୋର୍ଡ ପରୀକ୍ଷାର ସୂଚୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପ୍ରମୁଖ ବିଷୟଗୁଡ଼ିକ ଉପରେ ପ୍ରସ୍ତୁତ ହେବାକୁ ଉପଯୁକ୍ତ ସମୟ ପାଇପାରିବେ ବୋଲି ସିଆଇଏସ୍‌ସିଇ ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଶେଫ ଇମାନୁଏଲ କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ରେ ଶେଷ ହେବ। ସେହିପରି ଫେବୃଆରୀ ୧୨ରୁ ଏପ୍ରିଲ ୬ ମଧ୍ୟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଆଇସିଏସ୍‌ଇର ୭୫ଟି ବିଷୟ ଏବଂ ଆଇଏସ୍‌ସିର ୫୦ ବିଷୟ ପରୀକ୍ଷା ଡାଟା ସିଟ୍ ପ୍ରକାଶ ପାଇଥିବା ଇମାନୁଏଲ କହିଛନ୍ତି।

# ଏଜିଛକରୁ ହଟିବ ଟ୍ରାଫିକ୍


ଏଜି ସ୍କୋୟାର ଛକ


ଜୟଦେବବିହାର-ନନ୍ଦନକାନନ ପ୍ରସ୍ତାବିତ ରାସ୍ତା ନକ୍ସା


କଳ୍ପନା ଫ୍ଲାଏଓଭର ନକ୍ସା

■ ବଦଳିବ ରାଜଧାନୀର ଚିତ୍ର
■ ମାଟିତଳେ ଓ ଉପରେ ନିର୍ମାଣ ହେବ ରାସ୍ତା:ପୂର୍ତ୍ତମନ୍ତ୍ରୀ

ଭୁବନେଶ୍ୱର, ୧୩।୧୧ (ରବିନାରାୟଣ ଜେନା)

ଭୁବନେଶ୍ୱରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ନେଇ ସାଧାରଣ ଲୋକେ ଯେଭଳି ଅସୁବିଧାର ସମ୍ମୁଖୀନ ନ ହେବ ତାକୁ ଦୃଷ୍ଟିରେ ରଖି ରାଜଧାନୀର ପ୍ରମୁଖ କେନ୍ଦ୍ରସ୍ଥଳ ଏଜି ଛକରୁ ଟ୍ରାଫିକ ପୋଷ୍ଟ ହଟିବ। ଏଜିଛକ ସମେତ କେତେକ ସ୍ଥାନରେ ୨ ଥାକିଆ ରାସ୍ତା ନିର୍ମାଣ କରାଯିବ ବୋଲି ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।ଗୁରୁବାର ଲୋକସେବା ଭବନରେ ବିଭାଗର ସମୀକ୍ଷା ବୈଠକ ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବିଗତ ଦିନ ତୁଳନାରେ ଓଡ଼ିଶା ଏବେ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଭଲପାଇବା ଏବଂ ଅନ୍ୟ ବରିଷ୍ଠ କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ରାଜ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ଓଡ଼ିଶାର ବିକାଶ ପାଇଁ କେନ୍ଦ୍ରରୁ ଅନେକ ଅନୁଦାନ ଆସୁଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ତାହାକୁ ପୂରା କରିବାକୁ ହେଲେ ଆମକୁ ରାସ୍ତାଘାଟ ଓ ଅନ୍ୟ ଭିତ୍ତିଭୂମିରେ ବିକାଶକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ। ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସହ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତ୍‌ସିଂପୁର ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଥିଲା ବୋଲି ମନ୍ତ୍ରୀ କହିଥିଲେ।

ମନ୍ତ୍ରୀ କହିଥିଲେ, ଏଜିଛକଠାରେ ମାଟି ତଳେ ଓ ମାଟି ଉପରେ ଦୁଇ ଥାକିଆ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ଡିଜାଇନ୍ ପ୍ରସ୍ତୁତ ହୋଇସାରିଛି। ଏହାସହିତ ଡିପିଆର୍ ମଧ୍ୟ ପ୍ରସ୍ତୁତ ହୋଇଛି। ସେହିପରି କଳ୍ପନା, ଖଣ୍ଡଗିରି ଓ ଜୟଦେବ ବିହାରରୁ ନାଲ୍‌କୋ ଏଲିଭେଟେଡ୍ କରିଡ଼ର ପାଇଁ ମଧ୍ୟ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ମଧ୍ୟ ପ୍ରାରମ୍ଭିକ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ଏହାବ୍ୟତୀତ ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ୨୦ଟି ନୂତନ ରାସ୍ତା ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗ ଯୋଜନା ରଖିଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ପୁରୀର ବିଭିନ୍ନ ରାସ୍ତା, କୋଠାବାଡ଼ି, ଧର୍ମଶାଳା, ପାଠାଗାର ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିବା ସହ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିବା ନେଇ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ, ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍‌ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍‌ୱାସ୍ ଅନ୍‌ଲାଇନ୍ ପ୍ଲାଟଫର୍ମ ଜରିଆରେ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଗୁରୁବାରଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍‌ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଥିବା ମନ୍ତ୍ରୀ କହିଛନ୍ତି। ଏହି ସମୀକ୍ଷା ବୈଠକରେ ପୂର୍ତ୍ତବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରୋଗ ପ୍ରତିରୋଧ କ୍ଷେତ୍ରରେ ଭାରତକୁ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ: ମନ୍ତ୍ରୀ ଜିତେନ୍ଦ୍ର ସିଂ

## ଆରମ୍ଭ ହେଲା ଜାତୀୟ ସମ୍ମିଳନୀ 'କୋହୋର୍ଟ କନେକ୍ଟ'



କାର୍ଯ୍ୟକ୍ରମରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଏବଂ ଅନ୍ୟ ଅତିଥିବୃନ୍ଦ। (ଫଟୋ– ବିକାଶ ନାୟକ)

ଭୁବନେଶ୍ୱର, ୧୩।୧୧(ବନ୍ଦନା ସେଠୀ)

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ରୋଗର ଚିକିତ୍ସା ଅପେକ୍ଷା ଏହାକୁ ପୂର୍ବରୁ ହିଁ ପ୍ରତିରୋଧ ବା ପ୍ରିଭେନ୍‌ଶନ୍ କ୍ଷେତ୍ରରେ ଭାରତକୁ ଏବେ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ। ଏହି କ୍ଷେତ୍ରରେ 'କୋହୋର୍ଟ ଷ୍ଟଡିଜ' ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ କହିଛନ୍ତି। ଗୁରୁବାର ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଲଙ୍ଗିଚ୍ୟୁଡିନାଲ୍ କୋହୋର୍ଟ ଷ୍ଟଡିଜ୍ ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ 'କୋହୋର୍ଟ କନେକ୍ଟ'କୁ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଛନ୍ତି। ସ୍ୱାସ୍ଥ୍ୟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଏବଂ ଜୀବନଶୈଳୀ କାରକଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ପ୍ରତ୍ୟେକ କାରକ ଦେଶର ଆହାର, ପରିବେଶ ଏବଂ ଆନୁବଂଶିକ ଢାଞ୍ଚାରେ ଅସାଧାରଣ ବିବିଧତା ରହିଥାଏ। ତେଣୁ ପୂର୍ବରୁ ବିଦେଶରେ ଏଭଳି ସର୍ଭେ ହୋଇଥିଲେ ମଧ୍ୟ ତାହା ଭାରତୀୟଙ୍କ ଉପରେ ଲାଗୁ ହୋଇପାରୁ ନାହିଁ। ତେବେ ଏହି କୋହୋର୍ଟ ଷ୍ଟଡିଜ୍ ଫଳରେ ଆମ ଲୋକଙ୍କଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପୂର୍ବରୁ ହିଁ କରାଯାଇପାରିବ। ଏଥିସହ ନୂତନ ଚିକିତ୍ସା ଏବଂ ଆଧୁନିକ ଔଷଧଗୁଡ଼ିକୁ ଦୀର୍ଘକାଳୀନ ତଥ୍ୟ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବା ଆବଶ୍ୟକ। ଦେଶର ଜନସଂଖ୍ୟାର ପ୍ରାୟ ୭୦% ୪୦ବର୍ଷରୁ କମ୍ ରହିଛନ୍ତି। ତେଣୁ ଭାରତକୁ ରୋଗର ନିବାରଣ, ପ୍ରାରମ୍ଭିକ ହସ୍ତକ୍ଷେପ ଏବଂ ପ୍ରଯୁକ୍ତିବିଦ୍ୟାଚାଳିତ ସ୍ୱାସ୍ଥ୍ୟ ସମାଧାନକୁ ପ୍ରାଥମିକତା ଦେବାକୁ ପଡ଼ିବ। ଏଥିସହ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣଠାରୁ ଆଗକୁ ଯିବାକୁ ପଡ଼ିବ ବୋଲି ମନ୍ତ୍ରୀ ଡ. ସିଂ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମକୁ ନେଇ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ କହିଛନ୍ତି, ଏହି ପ୍ରୟାସ କୌଣସି ରୋଗ ହେବାର ପୂର୍ବାନୁମାନ ଓ ନିବାରଣ ଆଡ଼କୁ ନେଇଥାଏ। ସର୍ଭେର ସର୍ବନିମ୍ନ ଅବଧି ୩ ବର୍ଷ ରହିଛି। ୨୦୨୩ ଡିସେମ୍ବର ୭ରେ ୧୦ହଜାର ଲୋକଙ୍କୁ ନେଇ ଏକ ଅଧ୍ୟୟନ ଆରମ୍ଭ ହୋଇଛି। ଆଉ ଗୋଟିଏ ବର୍ଷ ପରେ ଏହି ଅଧ୍ୟୟନ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଜେନେଟିକ୍ସ, ଜୀବନଶୈଳୀ, ଖାଦ୍ୟ ଏବଂ ପରିବେଶଗତ କାରକର ତଥ୍ୟ ଜଣାପଡ଼ିବ। ଜଣଙ୍କର ସର୍ଭେ ପ୍ରୋଫାଇଲ୍‌କୁ ଆଧାର କରି କୌଣସି ରୋଗର ଲକ୍ଷଣ ଦେଖାଦେବା ପୂର୍ବରୁ ତାହାକୁ ଆକଳନ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ପ୍ରତ୍ୟେକ ଭାରତୀୟଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ଏବଂ ଅଧିକ ପୂର୍ବାନୁମାନ କରାଯାଇପାରିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ସେହିପରି ଅଧ୍ୟୟନ ମାଧ୍ୟମରେ ତଥ୍ୟକୁ ସାରା ଦେଶରେ ବିସ୍ତାର କରାଗଲେ ଆମେ ନିଜର ଏକ ଔଷଧ ପ୍ରସ୍ତୁତ କରିପାରିବୁ। ଏଥିସହ କୌଣସି ରୋଗ ଆମ ଶରୀରକୁ ପ୍ରଭାବିତ କରିବା ପୂର୍ବରୁ ତଥ୍ୟ ଚେତାବନୀ ସଙ୍କେତ ଦେବ। ଏହି ପଦକ୍ଷେପ ଏକ ସୁସ୍ଥ ଭାରତ ନିର୍ମାଣ ଦିଗରେ ପ୍ରୋତ୍ସାହିତ କରିବ। ଦେଶର ବିଶାଳ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଦେଶରେ ଏହି ପ୍ରକ୍ରିୟାକୁ ଧୀରେ ଧୀରେ ବ୍ୟାପକ କରିବାକୁ ପ୍ରୟାସ କରୁଛୁ ବୋଲି ନିର୍ଦ୍ଦେଶକ କହିଛନ୍ତି। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସମନ୍ୱିତ ରୋଗ ନିରୂପଣ ମୂଲ୍ୟାଙ୍କନ, ବୃକ୍କ-ରୋଗ ଗୋଷ୍ଠୀ ଏବଂ ସିଲିଆକ-ରୋଗ ଜୈବ ରିପୋଜିଟୋରିଠାରୁ ଆରମ୍ଭ କରି ଜିଏଆର୍‌ବିଏଚ୍-ଆଇଏନ୍‌ଆଇ ଅଧୀନରେ ଜନ୍ମ-ପରିଣାମ ଗବେଷଣା, ପ୍ରିଟର୍ମ-ଜନ୍ମ ଜିନୋମିକ୍ସ, ସିଏଆର୍‌ଆର୍‌ଏସ୍ କାର୍ଡିଓମେଟାବୋଲିକ ଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସିଏସ୍‌ଆଇଆର୍-ଆଇଜିଆଇବିର ନିର୍ଦ୍ଦେଶକ ଡା. ସୌଭିକ ମାଇତି, ସିଏସ୍‌ଆଇଆର୍-ସିସିଏମ୍‌ବି ସ୍ୱାସ୍ଥ୍ୟସେବା ଦଳ ନିର୍ଦ୍ଦେଶକ ଡା. ବିନୟ ନନ୍ଦିଗୁରୀ, ବିଆର୍‌ଆଇସି-ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡା. ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ରୁ ୩୦ ଯାଏ ପାଳନ ହେବ 'ଶୂନ ମୃତାହତ' ପକ୍ଷ

ଭୁବନେଶ୍ୱର, ୧୩।୧୧ (ସୁନିତ୍ ମିଶ୍ର)

ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ସରକାର ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ କରିଥିଲେ। ଏବେ ଶୂନ ମୃତାହତ ପକ୍ଷ ପାଳନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୬ରୁ ୩୦ ଯାଏ ରାଜ୍ୟବ୍ୟାପୀ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗୁରୁବାର ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ୪ଟି 'ଇ' ଯଥା- ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେଶନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ। ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଂଘକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଏଥିଲାଗି ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ। ସବୁ ଜିଲା ପ୍ରଶାସନକୁ ଏନେଇ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲା ଓ ପୋଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ। ବିଶେଷକରି ଜନଗହଳି ସ୍ଥାନ, ଟ୍ରାଫିକ୍ ପଏଣ୍ଟ, ଶିକ୍ଷାନୁଷ୍ଠାନ, ମଲ୍, ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନାକରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତାରେ କିଭଳି ଦୁର୍ଘଟଣା ହ୍ରାସ କରାଯାଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲା ପ୍ରଶାସନଙ୍କୁ କୁହାଯାଇଛି। ପୂର୍ବ ବର୍ଷଗୁଡ଼ିକରେ ଶୂନ ମୃତାହତ ସପ୍ତାହ ପାଳନ କରାଯାଇଛି। ସେ ସମୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଭାଗ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମେ ଗତ ୧ରୁ ଆସନ୍ତା ୧୫ ଯାଏଁ ଏହା ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ଏହାକୁ ଆସନ୍ତା ୧୬ରୁ ୩୦ ଯାଏଁ ପାଳନ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ପୋଲିସ ଏସ୍‌ଆଇ ପରୀକ୍ଷା ତୁରନ୍ତ କରିବାକୁ ଜନସ୍ୱାର୍ଥ ମାମଲା

■ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା କ୍ଷମତା ଅପସାରଣ କରାଯାଉ
■ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଆବେଦନ

କଟକ, ୧୩।୧୧ (କାର୍ତ୍ତିକ ସାହୁ)

ଜାଲିଆତି କାରଣରୁ ବନ୍ଦ ରଖାଯାଇଥିବା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ତୁରନ୍ତ କରିବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହି ପରୀକ୍ଷା କରାଇବା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ(ଓପିଆର୍‌ବି)ଠାରୁ ପରୀକ୍ଷା ପରିଚାଳନା କ୍ଷମତା ଅପସାରଣ କରାଯିବାକୁ ପ୍ରାର୍ଥନା କରାଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ପରୀକ୍ଷା କରିବା ସହ ପରୀକ୍ଷା ପରିଚାଳନା ନିମନ୍ତେ ଏକ ଏସ୍‌ଓପି ଜାରି କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦିଅନ୍ତୁ। ଏଥିସହ ପୋଲିସ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଲକ୍ଷାଧିକ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ପରୀକ୍ଷା କରିବାକୁ ଆବେଦନକାରୀ ଆଇନଜୀବୀ ଶିବ ଶଙ୍କର ମହାନ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ସେହିପରି ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏହି ପରୀକ୍ଷା କରାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ, ପୋଲିସ ଏସ୍‌ଆଇ ପରୀକ୍ଷାରେ ଜାଲିଆତି ଧରାପଡ଼ିବାରୁ ଏହାକୁ ସ୍ଥଗିତ ରଖାଯାଇଛି। ଗତ ସେପ୍ଟେମ୍ବର ୩୦ ତାରିଖରେ ବ୍ରହ୍ମପୁରର ଗୋଲନ୍ଥରା ଥାନାରେ ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଛି। ନିଯୁକ୍ତି ପରୀକ୍ଷା ପାଇଁ ବେଆଇନ ପଦ୍ଧତି ଅବଲମ୍ବନ କରୁଥିବା ଅଭିଯୋଗରେ ୧୧୪ ଜଣ ପରୀକ୍ଷାର୍ଥୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୩ଟି ବସ୍‌ରେ ଯାଉଥିବାବେଳେ ଧରାପଡ଼ିଥିଲେ। ଉପରୋକ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବା ନିମନ୍ତେ ହାଇଦ୍ରାବାଦକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ନିଆଯାଉଥିବା ଅଭିଯୋଗ ହୋଇଥିଲା। ତଦନ୍ତକାରୀ ସଂସ୍ଥା କ୍ରାଇମ୍‌ବ୍ରାଞ୍ଚ ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ମୋଟ ୧୨୬ ଜଣଙ୍କୁ ଗିରଫ କରିସାରିଛି। ଏଥିସହ ରାଜ୍ୟ ସରକାର ସିବିଆଇକୁ ମାମଲାର ତଦନ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସିବିଆଇ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ, ଗୃହ ବିଭାଗ ପ୍ରମୁଖ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, କ୍ରାଇମ୍‌ବ୍ରାଞ୍ଚ ଡିଜି, ଓଡ଼ିଶା ପୋଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ଅଧ୍ୟକ୍ଷ ଓ ସିବିଆଇ ଏସ୍‌ପିଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए "केंद्रित" "CENTRAL" TO YOU SINCE 1911
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
କୃଷି ଋଣ ଆଉଟରିଚ୍ କାର୍ଯ୍ୟକ୍ରମ
କୃଷି ଏବଂ ସାମାଜିକ ବ୍ୟାଙ୍କିଙ୍ଗ୍ ବିଭାଗ | ସଶକ୍ତ କୃଷି, ସମୃଦ୍ଧ ଗ୍ରାମ
ମେଗା କୃଷି ଋଣ ଆଉଟରିଚ୍ ଅଭିଯାନ
ସେଣ୍ଟ ପଲ୍ଟ୍ରି ସ୍କିମ୍ — ଋଣ ଟ.୫୦ କୋଟି ପର୍ଯ୍ୟନ୍ତ*

ସେଣ୍ଟ ଫୁଡ ପ୍ରୋସେସିଂ ପ୍ଲସ୍ ସ୍କିମ୍ — ଋଣ ଟ.୧୦୦ କୋଟି ପର୍ଯ୍ୟନ୍ତ*

ସେଣ୍ଟ କୋଲ୍ଡ ଷ୍ଟୋରେଜ ସ୍କିମ୍ — ଋଣ ଟ.୫୦ କୋଟି ପର୍ଯ୍ୟନ୍ତ*

ସେଣ୍ଟ ଏସ୍‌ଏଚ୍‌ଜି-ଏନ୍‌ଆର୍‌ଏଲ୍‌ଏମ୍ ସ୍କିମ୍ — ଋଣ ଟ.୨୦ ଲକ୍ଷ ପର୍ଯ୍ୟନ୍ତ*

ସେଣ୍ଟ ସୋଲାର୍-ପିଏମ୍ କୁସୁମ ସ୍କିମ୍ — ଋଣ ଟ.୧୦ କୋଟି ପର୍ଯ୍ୟନ୍ତ*

ଆମେ ସମସ୍ତଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରୁଛୁ।
ତାରିଖ: ୧୪.୧୧.୨୦୨୫
ସମୟ: ଅପରାହ୍ଣ ୦୩.୦୦ ଘଟିକା
ସ୍ଥାନ: ରୁଚିକା କନଭେନସନ୍, ଧଉଳି ଛକ, ଭୁବନେଶ୍ୱର
କୃଷକମାନଙ୍କ ସଶକ୍ତି, ଗ୍ରାମ୍ୟ ସମୃଦ୍ଧିର ମଜଭୁତି
ଆପଣଙ୍କ ସମସ୍ତ ପ୍ରକାର କୃଷି ଆବଶ୍ୟକତା ନିମନ୍ତେ ସହଜ ଏବଂ ସୁଗମ ଅର୍ଥ ପ୍ରାପ୍ତ କରନ୍ତୁ
Follows us on:
E-mail: www.centralbankofindia.co.in
Toll Free No.: 1800 3030
Whats App No.: 7900 123 123

# ଷଣ୍ଢ ଘଉଡ଼ାଇବାବେଳେ ନଦୀରେ ବୁଡ଼ିଗଲେ ୩

## ରାତିରେ ମାଛ ଜାଲରେ ଲାଗି ଜଣଙ୍କ ମୃତଦେହ ଉଦ୍ଧାର

କଣ୍ଟାପଡ଼ା/ ବ୍ରାହ୍ମଣଝରିଲୋ, ୧୩।୧୧ (ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ନିକଟରେ ୨ ଷଣ୍ଢଙ୍କୁ ଦେବୀନଦୀ ଆରପଟକୁ ଘଉଡ଼ାଇବାକୁ ଯାଇ ୩ଜଣ ବ୍ୟକ୍ତି ଗୁରୁବାର ନଦୀରେ ବୁଡି ନିଖୋଜ ହୋଇଯାଇଥିଲେ। ଗୋବିନ୍ଦପୁର ପୋଲିସ, ଅତଶପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟାସୁଦ୍ଧା କାହାରି ସନ୍ଧାନ ମିଳିପାରି ନ ଥିଲା। ପରେ ରାତିରେ ମାଛ ଜାଲରେ ଲାଗି କଟକ ସଦର ଥାନା ଅନ୍ତର୍ଗତ କୋକିପଦାର ଶଶୀକାନ୍ତ ଭୋଇଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଅନ୍ୟ ୨ଜଣ ନିଖୋଜ ଅଛନ୍ତି। ନିଖୋଜ ବ୍ୟକ୍ତିମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁର ଗ୍ରାମର ଭରତ ପ୍ରଧାନ ଏବଂ ବିଶିପଦା ଗ୍ରାମର ରତ୍ନାକର ମଲ୍ଲିକ। ମିଳିଥିବା ସୂଚନା ଅନୁସାରେ, ୨ଟି ଷଣ୍ଢ ବିଲରେ ପଶି ଧାନ ଫସଲ ନଷ୍ଟ କରୁଥିବାରୁ ଅପରାହ୍ଣ ପ୍ରାୟ ୩ଟା ବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ଷଣ୍ଢଙ୍କୁ ନଦୀର ଆରପଟକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଷଣ୍ଢ ଦୁଇଟି ନଦୀରେ ପଶିବା ପରେ ଉକ୍ତ ୩ ଜଣ ବ୍ୟକ୍ତି ଷଣ୍ଢଙ୍କ ପଛେ ପଛେ ନଦୀରେ ପଶି ଯାଇଥିଲେ। ହେଲେ ନଦୀରେ ପାଣି ଅଧିକ ଥିବାରୁ ସେମାନେ ବୁଡି ଯାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ, ମାତ୍ର ସନ୍ଧ୍ୟା ସୁଦ୍ଧା କୌଣସି ସନ୍ଧାନ ପାଇ ନ ଥିଲେ। ରାତିରେ ଶଶୀକାନ୍ତଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଶୁକ୍ରବାର ଅନ୍ୟ ୨ ନିଖୋଜଙ୍କୁ ଖୋଜାଖୋଜି କରାଯିବ ବୋଲି ଗୋବିନ୍ଦପୁର ଥାନା ଆଇଆଇସି ସୋନାଲି ଆନନ୍ଦ କହିଛନ୍ତି।

ଶିଶୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶିଶୁ ଦିବସ ୨୦୨୫ ଅବସରରେ ପିଲାମାନଙ୍କୁ ମୋର ସ୍ନେହ, ଶୁଭେଚ୍ଛା ଓ ଅଭିନନ୍ଦନ।
ଶିଶୁମାନେ ହେଉଛନ୍ତି ଆସନ୍ତାକାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା । ଶିଶୁମାନଙ୍କ ବିକାଶ ଉପରେ ନିର୍ଭର କରେ ଦେଶର ବିକାଶ। ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୃଜନଶୀଳତାର ବିକାଶ ଆମର ମୁଖ୍ୟ ଦାୟିତ୍ୱ। ଯଦି ଆମେ ବର୍ତ୍ତମାନ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେଇ ତାଙ୍କୁ ଉଚିତ୍ ମାର୍ଗରେ ନେବା, ତେବେ ଆମେ ଏକ ସୁନ୍ଦର ଭାରତ ପରିକଳ୍ପନା କରିପାରିବା। ଆମ ରାଜ୍ୟର ପିଲାମାନଙ୍କ ନିମନ୍ତେ ଗୁଣାତ୍ମକ ସେବା ପ୍ରଦାନ ଆମ ସରକାରଙ୍କ ପ୍ରମୁଖ ଆଭିମୁଖ୍ୟ।
ଆସନ୍ତୁ, ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା।
(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-

DSPL - 349
ଶିଶୁ ଦିବସ ବାର୍ତ୍ତା

ପବିତ୍ର ଶିଶୁ ଦିବସ ୨୦୨୫ ଅବସରରେ ସମସ୍ତ ଶିଶୁମାନଙ୍କୁ ମୋର ଆନ୍ତରିକ ଭଲପାଇବା ଏବଂ ଶୁଭେଚ୍ଛା।
ଭଗବାନଙ୍କ ସୁନ୍ଦର ସୃଷ୍ଟିରେ ଶିଶୁଟିଏ ଅମୃତ ସଦୃଶ୍ୟ। ଜୀବନ ସଙ୍ଗଠନରେ ଶିଶୁ ଭୂମିକା ଯେତେ ପ୍ରଭାବଶାଳୀ ହୁଏ, ସମାଜ ଓ ଦେଶର ଭବିଷ୍ୟତ ସେତେ ଉଜ୍ଜ୍ୱଳ ହୁଏ। ଗଭୀର ସ୍ନେହ ସୌହାର୍ଦ୍ଦ୍ୟ ଭିତରେ ପରିବାରରେ ପିଲାଟି ବଢ଼ିଥାଏ ଓ ଏକ ସୁସ୍ଥ ପରିବେଶରେ ତା'ର ଶାରୀରିକ, ମାନସିକ ଓ ନୈତିକ ଜୀବନର ମୂଳଦୁଆ ପଡ଼ିଥାଏ । ପରବର୍ତ୍ତୀ ସମୟରେ ସମାଜ ନିର୍ମାଣରେ ସେସବୁକୁ ଉପଯୋଗ କରିବାର ସେମାନେ ସାମର୍ଥ୍ୟ ଅର୍ଜନ କରନ୍ତି।
ମୋର ଆଶା ଓ ବିଶ୍ୱାସ, ଆମ ରାଜ୍ୟର ପିଲାମାନେ ନିଜର ପ୍ରତିଭା ବଳରେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ଏବଂ ଆମ ରାଜ୍ୟକୁ ବିକଶିତ କରିବା ଦିଗରେ ସହଯୋଗ କରିବେ।
(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ପରିପୂର୍ଣ୍ଣତା ଆଡ଼କୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ଶିଶୁ ଦିବସ, ଜବାହରଲାଲ ନେହେରୁଙ୍କ ଜୟନ୍ତୀ



# ଅନ୍ତର୍ଜାତୀୟ ସହାୟତା ଅଭାବ



ଡାଭିଡ୍ ମିଲିବ୍ୟାଣ୍ଡ

ଚଳିତ ବର୍ଷ ଜାନୁଆରୀରୁ ଅନ୍ତର୍ଜାତୀୟ ସହାୟତା କ୍ଷେତ୍ରରେ ଆମେରିକା ଭୂମିକାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ପଦକ୍ଷେପ କ୍ରମେ ଅନେକ ସଂସ୍ଥାକୁ ବନ୍ଦ କରିଛି, ନୀତିଗୁଡ଼ିକୁ ବଦଳାଇଦେବା ସହ ପାଣ୍ଠି ଯୋଗାଣ ହ୍ରାସ କରିଛି। ତେବେ ଆମେରିକାର ନୀତିରେ ଅନ୍ତର୍ଜାତୀୟ ସହାୟତା ବ୍ୟବସ୍ଥା କିମ୍ବା ବିଶ୍ୱର ଅତି ଗରିବ କ୍ଷେତ୍ରରେ ଆଗକୁ କ'ଣ ଘଟିବ ତାହା ଏବେ ଅସ୍ପଷ୍ଟ ରହିଛି। ଆମ ଜାଣିବାରେ ଏ କ୍ଷେତ୍ରରେ ଯେଉଁ ବିରାଟ ଅନ୍ତର ସୃଷ୍ଟିହୋଇଛି ତାହା ତୁରନ୍ତ ଦୂରହେବା ଦରକାର। ଏବକାର ସ୍ଥିତିକୁ ମୁକାବିଲା କରିବା ଅତ୍ୟନ୍ତ ଜରୁରୀ। ସେଥିପାଇଁ ବିଶ୍ୱବ୍ୟାଙ୍କ ନିକଟରେ ବିଶ୍ୱର ଅତି ଦରିଦ୍ର ଲୋକଙ୍କ ପାଇଁ ତାହାର ଆକଳନକୁ ସଂଶୋଧନ କରିଛି। ଅତି ଗରିବ କହିଲେ ଯେଉଁମାନେ ଦିନକୁ ମାତ୍ର ୩ ଡଲାରରେ ବଞ୍ଚୁଛନ୍ତି । ଏମାନଙ୍କ ସଂଖ୍ୟା ଏବେ ୮୩୧ ମିଲିୟନ, ଯାହା ବିଶ୍ୱ ଜନସଂଖ୍ୟାର ପାଖାପାଖି ୧୦%। ବିଶ୍ୱର ଅତି ଗରିବଙ୍କ ମଧ୍ୟରୁ ପ୍ରାୟ ଅଧା ଦୁର୍ବଳ ତଥା ସଂଘର୍ଷ ବା ଯୁଦ୍ଧ ପ୍ରଭାବିତ ଦେଶଗୁଡ଼ିକରେ ରହୁଛନ୍ତି ଏବଂ ଏହି ସଂଖ୍ୟା ଆଗାମୀ ୫ ବର୍ଷରେ ଦୁଇ ତୃତୀୟାଂଶ ବୃଦ୍ଧିପାଇବ ବୋଲି ଅନୁମାନ କରାଯାଉଛି। ତେବେ ଏଭଳି ଦେଶଗୁଡ଼ିକର ଜନସଂଖ୍ୟା ମଧ୍ୟରୁ ପାଖାପାଖି ୪୦% ଏବେ ମଧ୍ୟ ୩ ଆମେରିକୀୟ ଡଲାରରୁ କମ୍‌ରେ ବଞ୍ଚୁଥିବାବେଳେ ତୁଳନାତ୍ମକ ଭାବେ ବିକାଶଶୀଳ ଦେଶଗୁଡ଼ିକରେ ମାତ୍ର ୬% ଗରିବ ଏତିକି ଅର୍ଥରେ ଜୀବନ କାଟୁଛନ୍ତି।

ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାଶନାଲ ରେସ୍‌କ୍ୟୁ କମିଟି (ଆଇଆର୍‌ସି) ବା ଅନ୍ତର୍ଜାତୀୟ ଉଦ୍ଧାର ସମିତି କେଉଁ ସବୁ ଦେଶ ପାଇଁ ସହାୟତା ଅଧିକ ଦରକାର ତାହା ସ୍ଥିର କରିବା ପାଇଁ ସ୍ଥିତିର ଆକଳନ କରିଛି। ମୁଁ ଆଇଆର୍‌ସି ସହ ଜଡ଼ିତ ଏବଂ ଆମେ ଏଭଳି ୧୩ଟି ଦେଶର ତାଲିକା ପ୍ରସ୍ତୁତ କରିଥିଲୁ। ସୁଦାନରେ ବିଶ୍ୱର ସବୁଠୁ ବଡ଼ ମାନବୀୟ ସଙ୍କଟ ରହିଛି। ଦେଖିବାକୁ ଗଲେ ବିଶ୍ୱରେ ଥିବା ଅତି ଗରିବଙ୍କ ମଧ୍ୟରୁ ୨୬% ଏହି ୧୩ଟି ଦେଶରେ ରହୁଛନ୍ତି, କିନ୍ତୁ ସେମାନଙ୍କୁ ଅନ୍ତର୍ଜାତୀୟ ସହାୟତାର ମାତ୍ର ୯% ଦିଆଯାଇଛି। ଏହା ଦର୍ଶାଉଛି ଯେ, ୩୫ ବିଲିୟନ ଡଲାର ପାଣ୍ଠିର ଅଭାବ ରହିଛି।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଆରମ୍ଭ କରିଥିଲା। ସେବେଠାରୁ ୟୁକ୍ରେନ୍ ବିଶ୍ୱରେ ସବୁଠୁ ଅଧିକ ସହାୟତା ପାଇଛି। ତେବେ ୟୁରୋପୀୟ ଦେଶଗୁଡ଼ିକ ନିଜ ଦେଶରେ ଶରଣାର୍ଥୀ ଥଇଥାନ ଦିଗରେ ଅଧିକ ପାଣ୍ଠି ଖର୍ଚ୍ଚ କରୁଛନ୍ତି, ଯାହାକୁ 'ବିଦେଶୀ ସହାୟତା' ଭାବେ ବର୍ଗୀକୃତ କରାଯାଇଛି। ତେବେ ଏହି ଖର୍ଚ୍ଚ ବିଶ୍ୱରେ ଦିଆଯାଇଥିବା ସହାୟତା ପାଣ୍ଠିର ପାଖାପାଖି ୧୪ ପ୍ରତିଶତ ଏବଂ ମାନବୀୟ ସହାୟତାରେ ମୋଟ ବ୍ୟୟ ହୋଇଥିବା ପାଣ୍ଠି ସହ ପ୍ରାୟ ସମାନ। ଏଣୁ ଆମେରିକାର ପାଣ୍ଠି ଯୋଗାଣ ହ୍ରାସକୁ ବାଦ୍‌ଦେଇ ବିଶ୍ୱ ସମୁଦାୟ ବିଭଳି ସହାୟତା ବ୍ୟବସ୍ଥା ଠିକ୍ ଭାବେ କାମ କରିବ ତା' ଉପରେ



ନୂତନ ବିଚାର କରିବା ଆବଶ୍ୟକ। ପ୍ରଥମେ ଦରିଦ୍ରତମ ଦେଶଗୁଡ଼ିକରେ ଥିବା ଅତି ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଅନୁଦାନ ସହାୟତା ଉପରେ ଆମକୁ ଧ୍ୟାନଦେବା ଉଚିତ, ଯାହା ବୈଶ୍ୱିକ ସହାୟତା ବଜେଟର ୯୦ ପ୍ରତିଶତରୁ ଅଧିକ। ଅର୍ଥାତ୍ ବିଶ୍ୱର ଅତି ଗରିବଙ୍କ ମଧ୍ୟରୁ ପ୍ରାୟ ୫୦% ଦୁର୍ବଳ ତଥା ସଂଘର୍ଷ ପ୍ରଭାବିତ ଦେଶଗୁଡ଼ିକରେ ରହୁଥିବାବେଳେ ଏହିସବୁ ଦେଶକୁ ବୈଶ୍ୱିକ ସହାୟତା ବଜେଟର ମାତ୍ର ୨୫% ଦିଆଯାଉଛି। ଏଣୁ ଏଭଳି ପାର୍ଥକ୍ୟ ଦୂରକରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଦ୍ୱିତୀୟରେ ପୂର୍ବ ଆଫ୍ରିକାରେ ଆଇଆର୍‌ସି ନେତୃତ୍ୱରେ ଚାଲୁଥିବା ଗୋଷ୍ଠୀ ଆଧାରିତ ଟିକା ଅଭିଯାନ ଭଳି ତଥ୍ୟ ଆଧାରିତ, ପ୍ରମାଣିତ ଏବଂ ତଥା ଅଧିକ ଲାଭ ଦେଉଥିବା କାର୍ଯ୍ୟକ୍ରମକୁ ସମ୍ବଳ ଯୋଗାଇଦେବା ଦରକାର। ଆଇଆର୍‌ସି ସେଠାରେ ପ୍ରତ୍ୟେକ ଟିକାକୁ ୨ ଡଲାରରେ ୨୦ ମିଲିୟନ ଟିକା ଯୋଗାଇଦେଇଥିଲା। ଆମେ ମଧ୍ୟ ସ୍ଥାୟୀ ଭାବେ ରହିଥିବା ମଧ୍ୟମ ଓ ଗମ୍ଭୀର ଅପପୁଷ୍ଟିର ଚିକିତ୍ସା ପାଇଁ ଏକ ସରଳୀକୃତ ପ୍ରକ୍ରିୟା ସକାଶେ ପ୍ରସ୍ତାବ ଦେଇଛୁ। ଆମ ଅନୁଧ୍ୟାନରେ ମାଲିର ଗମ୍ଭୀର ଅପପୁଷ୍ଟିରେ ଶିକାର ୨୭,୮୦୦ ଶିଶୁଙ୍କୁ ସାମିଲ କରିଥିଲୁ ଏବଂ ଆମେ ଚିକିତ୍ସା ଖର୍ଚ୍ଚ ୨୦% କମ୍ କରିଥିଲୁ। କିନ୍ତୁ ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାକୁ ହେଲେ ଡୋନରମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ଫଳରେ ସେମାନଙ୍କ ପଦକ୍ଷେପ ବିଫଳତା ବଦଳରେ ସାମଗ୍ରିକ ଭାବେ ସଫଳତା ଦେବ।

ତୃତୀୟରେ କାର୍ଯ୍ୟକ୍ରମ, ବିତ୍ତୀୟ ଓ ଯୋଗାଣ ବ୍ୟବସ୍ଥାରେ ଅଧିକ ନୂତନତ୍ୱ ଦରକାର। ଉଦାହରଣ ସ୍ୱରୂପ, ଆଫ୍ରିକାରେ ମଙ୍କିପକ୍ସ ଚିହ୍ନଟ ପାଇଁ ୨ ସପ୍ତାହ ଲାଗିଯାଉଥିଲା, ହେଲେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏହାକୁ ମାତ୍ର ୫ମିନିଟ୍‌ରେ କରିପାରୁଛି। ସଂଘର୍ଷ ଓ ବିପର୍ଯ୍ୟୟ ସମୟରେ ଯେଉଁ ପିଲାମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି ସେଠାରେ ସେମାନଙ୍କ ସଫଳ ଶିକ୍ଷାଦାନରେ ଟେକ୍‌ନୋଲୋଜି କିଭଳି ସାହାଯ୍ୟ କରୁଛି ତାହା ମଧ୍ୟ ଆମେ ଦେଖିଛୁ। ତେବେ ନୂତନତ୍ୱ ପାଇଁ ପୁଞ୍ଜିର ନୂତନ ପ୍ରତିବଦ୍ଧତା ଅବଶ୍ୟକ। ବିପର୍ଯ୍ୟୟ ସଙ୍କଟ ପାଣ୍ଠି ଯୋଗାଣ ବ୍ୟବସ୍ଥା ତୁରନ୍ତ ସହାୟତା ଯୋଗାଇ ଦେଇଥାଏ। ଏହାର ଉଦାହରଣ ହେଉଛି ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସ, ଯାହା ବାସ୍ତବ କ୍ଷତି ଆକଳନ କରିବା ପରିବର୍ତ୍ତେ ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ତୁରନ୍ତ ସହାୟତା ଯୋଗାଇଦିଏ। ଆମେ ମଧ୍ୟ ମାନବୀୟ ସହାୟତା କ୍ଷେତ୍ରରେ ବୈଦେଶିକ ଋଣ ବ୍ୟବସ୍ଥା କରିବା ଦରକାର। ୭ଟି ଦେଶରେ ପରିବେଶରେ ଉନ୍ନତି ଆଣିବାରେ କାର୍ଯ୍ୟ କରୁଥିବା ପ୍ରୋଜେକ୍ଟଗୁଡ଼ିକୁ ୧.୭ ବିଲିୟନ ଆମେରିକୀୟ ଡଲାର ଯୋଗାଇ ଦେବାରେ ଆମେ ଏହିସବୁ ପଦକ୍ଷେପକୁ ଉପଯୋଗ କରିସାରିଲୁଣି।

ଚତୁର୍ଥରେ, ଇନ୍‌ପୁଟ୍ ପରିବର୍ତ୍ତେ ପରିଣାମ ବା ଫଳାଫଳ ପାଇଁ ଆମର ଉତ୍ତରଦାୟିତ୍ୱ ଲୋଡ଼ା। ଅମଲାତାନ୍ତ୍ରିକ ନୀତିନିୟମ କମ୍ କରି କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଉଚିତ। ଅର୍ଥର ମୂଲ୍ୟବୋଧକୁ ଉତ୍ସାହିତକରିବା ସହ ନୂତନତ୍ୱକୁ ଆଗକୁ ବଢ଼ାଇବା ଦରକାର। ବିଭିନ୍ନ ଦେଶର ସରକାର ଏବଂ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସୁଇଡେନ୍‌ର ଉଦାହରଣକୁ ଅନୁସରଣକରିବା ଉଚିତ, ଯାହା ଆମେ ହାସଲ କରିଥିବା ଫଳାଫଳ ପାଇଁ ଆମକୁ ଉତ୍ତରଦାୟୀ କରିବ। ସମସ୍ୟା ହେଉଛି, ନବଜାତ ଶିଶୁ ସ୍ୱାସ୍ଥ୍ୟ କନ୍‌ସଲଟେସନ ସଂଖ୍ୟା ନୁହେଁ, ବରଂ ଆମକୁ ସୁସ୍ଥ ନବଜାତକଙ୍କ ସଂଖ୍ୟା ଉପରେ ଧ୍ୟାନ ଦେବାକୁ ହେବ। ପଞ୍ଚମରେ ସହାୟତା ହ୍ରାସଜନିତ ବୋଝକୁ କମ୍ କରିବାକୁ ହେଲେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସଂରଚନା ସହ ତାଳଦେଇ କାମ କରିବାକୁ ହେବ। ବୈଶ୍ୱିକ ଆୟର ୨୫% ହେଉଛି ଆମେରିକାର, କିନ୍ତୁ ବୈଦେଶିକ ସହାୟତା ପାଇଁ ଏହାର ଜାତୀୟ ଆୟର ଅବଦାନ ମାତ୍ର ୦.୨୨%। ନିକଟରେ ସହାୟତା ପରିମାଣ ହ୍ରାସ କରାଯାଇଥିବାରୁ ଏହି ପ୍ରତିଶତ ଆହୁରି କମିଯାଇଛି। ତଥାପି, ଫେବୃଆରୀ ଜନମତରେ ପାଖାପାଖି ୮୯% ଆମେରିକୀୟ କହିଥିଲେ, ବୈଦେଶିକ ସହାୟତା ପାଇଁ ଆମେରିକାର ବଜେଟର ୧% ଯିବା ଉଚିତ। ଏହା ପ୍ରକୃତରେ ଆବଶ୍ୟକ ପରିମାଣର ଅର୍ଥ ହୋଇଥିବାରୁ ଏହି ପାଣ୍ଠି ଯୋଗାଣ ଜରି ରଖିବା ଆମେରିକା ଓ ଆମେରିକା ପାଇଁ ଏକ ସମ୍ମିଳିତ ଲକ୍ଷ୍ୟ ହୋଇପାରେ।

ସମ୍ପ୍ରତି ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳରେ ଗମ୍ଭୀର ପୁଷ୍ଟିହୀନତାର ଶିକାର ୮୦% ପିଲାଙ୍କର ଚିକିତ୍ସା ହେଉନାହିଁ। ଆର୍ଥିକ ସ୍ତରରେ ଦୁର୍ବଳ ଦେଶଗୁଡ଼ିକରେ ୬୦% ପ୍ରସବଜନିତ ମାତୃମୃତ୍ୟୁ ହେଉଛି ଏବଂ ଏହିସବୁ ଦେଶରେ ୮୫ ମିଲିୟନ ପିଲା ସ୍କୁଲ ଶିକ୍ଷାରୁ ବଞ୍ଚିତ । ଏହିସବୁ ଆହ୍ୱାନର ସମାଧନ ପାଇଁ ପ୍ରଭାବୀ ଅନ୍ତର୍ଜାତୀୟ ସହାୟତା ଦରକାର। ଇତିହାସର ଯେକୌଣସି ସମୟ ତୁଳନାରେ ଏବେ ମାନବ ସମାଜ ପାଖରେ ଭଲ କିଛି କରିବା ପାଇଁ ଅଧିକ ସମ୍ବଳ ରହିଛି। ଏଣୁ ସେସବୁକୁ ବିଜ୍ଞତାର ସହ ଉପଯୋଗକରିବା ଆମ ଉପରେ ନିର୍ଭରକରେ। କେବଳ ବୈଦେଶିକ ସହାୟତାକୁ ଆମେରିକା ବଜେଟର ୧% ଦେବା ପର୍ଯ୍ୟାପ୍ତ ନୁହେଁ । ଏହି ଟଙ୍କା ଠିକ୍ ଭାବରେ ବ୍ୟବହାର କରିବାକୁ ହେଲେ ଆମେରିକାର ନିଜସ୍ୱ ଆଗ୍ରହ ରହିବା ଦରକାର। ଏହା ଯେତେଶୀଘ୍ର ପ୍ରକାଶ ପାଇବ ସେତେ ଭଲ।

**ବ୍ରିଟେନର ପୂର୍ବତନ ବୈଦେଶିକ ସଚିବ, ଅଧ୍ୟକ୍ଷ ଏବଂ ସିଇଓ (ଇଣ୍ଟରନ୍ୟାଶନାଲ ରେସ୍‌କ୍ୟୁ କମିଟି)**

## ବ୍ରହ୍ମାର୍ପଣ



ଅନୀତା ପଟ୍ଟନାୟକ

ସତ୍ୟନାରାୟଣ ବାବୁଙ୍କ ପୁଅ ରବି ନାରାୟଣ ସଦିନେ ବାପାଙ୍କୁ ପଚାରିଲା, ''ବାପା! ଦୈନନ୍ଦିନ ଜୀବନରେ ଆମ ଶରୀରକୁ କିଏ ଶକ୍ତି ଯୋଗାଉଛି?'' ବାପା କହିଲେ, ଖାଦ୍ୟ ଆମ ଶରୀରକୁ ଶକ୍ତି ଯୋଗାଏ। ଖାଦ୍ୟର ସାର ଶରୀର, ମନ, ଚିନ୍ତା ବା ଭାବନାକୁ ଗଠନ କରିବାରେ ସାହାଯ୍ୟ କରେ। ଆମେ ଯେଉଁ ଖାଦ୍ୟ ଖାଉ, ତାହା ଆମ ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତ କରେ। ପବିତ୍ରୀକରଣ ହୋଇନଥିବା ଖାଦ୍ୟ ଓ ଅଖାଦ୍ୟ ଆମମାନଙ୍କ ମନରେ ବିରୋଧାତ୍ମକ ଚିନ୍ତାଧାରା ସୃଷ୍ଟି କରେ, ଯେଉଁଥିପାଇଁ ଆମ କାର୍ଯ୍ୟକଳାପ ଧୀରେ ଧୀରେ ଖରାପ ହୋଇଯାଇଥାଏ।

ରବି ନାରାୟଣ ପଚାରିଲା, ବାପା! ଖାଦ୍ୟର ଶୁଦ୍ଧତା ବା ପବିତ୍ରତା କିପରି ଆସେ? ସତ୍ୟ ନାରାୟଣ ବାବୁ କହିଲେ, ଖାଦ୍ୟର ଶୁଦ୍ଧତା ଓ ପବିତ୍ରତା ପାଇଁ ତିନୋଟି ଜିନିଷ ଅପରିହାର୍ଯ୍ୟ। ପାତ୍ର ଶୁଦ୍ଧି – (ରନ୍ଧା ବାସନକୁସନ ସଫା ଓ ପବିତ୍ର ହେବା ଦରକାର), ପାକ ଶୁଦ୍ଧି– (ରନ୍ଧନ ପ୍ରକ୍ରିୟାକୁ ପବିତ୍ରୀକରଣ କରିବା ଦରକାର। ଯେଉଁ ବ୍ୟକ୍ତି ଖାଦ୍ୟ ପ୍ରସ୍ତୁତ କରୁଛି, ତା'ର ଶାରୀରିକ ଓ ମାନସିକ ଶୁଦ୍ଧି ଥିବା ଆବଶ୍ୟକ। ସେ ଶାରୀରିକ ସ୍ତରରେ ସୁସ୍ଥ ହୋଇଥିବା ଦରକାର), ପଦାର୍ଥ ଶୁଦ୍ଧି– (ଖାଦ୍ୟ ପଦାର୍ଥ ସାମଗ୍ରୀ ଶୁଦ୍ଧତା ଥିବା ଦରକାର। ଖାଦ୍ୟ ପଦାର୍ଥଗୁଡ଼ିକ ସଫା ଓ ନୈତିକ ଉପାୟରେ ସଂଗ୍ରହ କରିଥିବା ଦରକାର)। ଏହି ତିନୋଟି ଶୁଦ୍ଧୀକରଣ ନ ଥିଲେ ଖାଦ୍ୟଟି ଅପବିତ୍ର ଓ ଅନିଷ୍ଟକର ହୋଇ ଯାଇଥାଏ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି, ଖାଦ୍ୟ ଭଗବାନ୍‌ଙ୍କୁ ଅର୍ପଣ କରି ଖାଇବା ଉଚିତ। ସେପରି କଲେ ବା ହେଲେ ଖାଦ୍ୟର ଅପବିତ୍ରତା ଅକାମୀ ହୋଇଯାଇଥାଏ ଓ ଖାଦ୍ୟ ପ୍ରସାଦରେ ପରିଣତ ହୁଏ। ଖାଦ୍ୟରେ ଶୁଦ୍ଧତା ଆସିଲେ ଆମର ଶାରୀରିକ, ମାନସିକ ଚିନ୍ତାଧାରାକୁ ଆମେ ଶୁଦ୍ଧ କରିପାରୁ।

ଭଗବାନ୍‌ଙ୍କୁ ଅର୍ପଣ କରାଯାଏ। ଅର୍ପଣ ହିଁ ଭଗବାନ୍। ଯେଉଁ ଅଗ୍ନିରେ ସମର୍ପଣ କରାଯାଏ, ତାହା ଭଗବାନ୍। ଯେଉଁ ବ୍ୟକ୍ତି ଅର୍ପଣ କରେ, ସେ ଭଗବାନ୍। ଶେଷରେ ଭଗବାନ୍ ହେଉଛନ୍ତି ଲକ୍ଷ୍ୟ, ସେହି ବ୍ୟକ୍ତି ପାଇଁ ଯିଏ ଅର୍ପଣ କରୁଥାଏ। କ୍ଷୁଧାକୁ ଭଗବାନ୍ ଅଗ୍ନି ଭାବରେ ଆମଠାରେ ସଂଯୋଗ କରିଛନ୍ତି। ଖାଦ୍ୟାର୍ପଣ ଏକ ଯଜ୍ଞ। ଯଜ୍ଞର ଚାରିଟି ବୈଶିଷ୍ଟ୍ୟ ଥାଏ। ପ୍ରଥମ ଭଗବାନ୍‌ଙ୍କୁ ଯାହା ଦିଆଯାଏ। ଦ୍ୱିତୀୟ ଜଠରାଗ୍ନି, ଯାହା ମଧ୍ୟକୁ ଖାଦ୍ୟ ଅର୍ପଣ କରାଯାଏ। ତୃତୀୟ ଅର୍ପଣ ଏବଂ ଚତୁର୍ଥରେ ପ୍ରତ୍ୟେକ ମନୁଷ୍ୟ କରୁଥିବା ଏହି ଯଜ୍ଞ। ଉପରୋକ୍ତ ଚାରିଟି ଯବର ଗୁଣାବଳୀ ଏକ ଦୈବତ୍ୱକୁ ସୂଚିତ କରେ। ଆମେ ଆମ ଭିତରେ ଥିବା ଭଗବାନ୍‌ଙ୍କୁ ଖାଦ୍ୟ ଅର୍ପଣ କରୁ, ଯେଉଁ ଖାଦ୍ୟ କି ଭଗବାନ୍ ନିଜେ। ଏପରି କରୁ, କାରଣ ଆମେ ଭଗବାନ୍‌ଙ୍କ ଆଶୀର୍ବାଦ ଚାହୁଁ ଓ ଭଗବାନ୍‌ଙ୍କ ପ୍ରଦତ୍ତ କର୍ମ କରିବାକୁ ଚାହୁଁ। ଖାଦ୍ୟ ଗ୍ରହଣ କରିବା ପୂର୍ବରୁ ଏହି ପ୍ରାର୍ଥନା କରିବାର ଅର୍ଥ ଆମେ ଖାଦ୍ୟକୁ ନୈବେଦ୍ୟ ହିସାବରେ ବା ଖାଦ୍ୟକୁ ପ୍ରସାଦ ରୂପେ ପରିଣତ କରି ଭଗବାନ୍‌ଙ୍କୁ ଅର୍ପଣ କରୁ। ଏହି ଅର୍ପଣର ଉତ୍ତର ହେଉଛି 'ଅହଂ ବୈଶ୍ୱାନରୋ ଭୂତ୍ୱା, ପ୍ରାଣିନାଂ ଦେହମାଶ୍ରିତଃ। ପ୍ରାଣାପାନ ସମାଯୁକ୍ତଃ, ପଚାମ୍ୟନ୍ନଂ ଚତୁର୍ବିଧମ୍।' ମୁଁ ସମସ୍ତ ଜୀବନ୍ତପ୍ରାଣୀଙ୍କ ମଧ୍ୟରେ ଅଗ୍ନି ବା ବୈଶ୍ୱାନର ଭାବରେ ବିରାଜିତ। ପବନ ନିଃଶ୍ୱାସପ୍ରଶ୍ୱାସ ସହିତ ସଂଯୁକ୍ତ। ରବିନାରାୟଣର ଉତ୍ସାହ ବଢ଼ିଗଲା। ସେ ପଚାରିଲା, ଚାରି ପ୍ରକାର ଖାଦ୍ୟ କ'ଣ? ଚିବ୍ୟ– କଠିନ ଖାଦ୍ୟ, ଯାହା ଆମେ ଚୋବେଇକି ଖାଉ। ଚୋଷ୍ୟ – ଯାହା ଚୁଷିକି ଖାଉ, ଲେହ୍ୟ– ଯାହା ଚାଟିକି ଖାଉ ଏବଂ ପେୟ– ଯାହା ଆମେ ପାନୀୟ ଭାବରେ ଗ୍ରହଣ କରୁ।

ରବିନାରାୟଣ କହିଲା, ବାପା! ଏଥର ମୁଁ ବୁଝିଗଲି। ଭଗବାନ୍ ବୈଶ୍ୱାନର ଭାବରେ ଆମ ଭିତରେ ଅଛନ୍ତି ଓ ଚାରି ପ୍ରକାର ଖାଦ୍ୟକୁ ଆମ ଭିତରେ ଗ୍ରହଣ କରୁଛନ୍ତି ଏବଂ ସେହି ଭଗବାନ୍ ଅପାନ ଭାବେ ଆମ ଶରୀରର ଅପଦାର୍ଥଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରିଥାନ୍ତି। ପନିପରିବା, ଫଳ, କ୍ଷୀର, ଫଳରସ ଭଗବାନ୍ ଆମକୁ ଦେଇଛନ୍ତି ଓ ବିଭିନ୍ନ ପ୍ରକାର ଖାଦ୍ୟରୁ ପୋଷକତତ୍ତ୍ୱ ତାଙ୍କ ଦୈବତ୍ୱ ମାଧ୍ୟମରେ ଯୋଗାଇଥା'ନ୍ତି। ଆମ ଶରୀର ଭିତରେ, ଆମ ଅଜାଣତରେ ଏ ଚମତ୍କାରିତା ଚାଲିଛି। ହେ ପ୍ରଭୁ ଜଗନ୍ନାଥ! ତୁମେ ଅତ୍ୟନ୍ତ ମହାନ୍ ଓ ଚମତ୍କାରୀ। ମୋ' ଭିତରେ ଲୁଚି ତୁମେ ଖେଳ ଚଳାଇଚ।

**ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛି ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାର। ଏଠାରେ ରହନ୍ତି ୨୫୦ ପରିବାର। ପରିବାରଗୁଡ଼ିକରେ ପ୍ରତିଦିନ ରୋଷେଇଘରୁ ବାହାରୁ ଥିବା ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷକୁ ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁବି ମୁଖାର୍ଜୀ। ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ମିଳୁଥିବା ୨୫୦ କେଜି ରୋଷଘର ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ ହେଉଛି। ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଉଛନ୍ତି ରୁବି। ସେ ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି। ତେବେ ୬ ବର୍ଷ ଭିତରେ ଏହି କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରି ସାରିଲେଣି। କଲୋନିର ପରିବାରଗୁଡ଼ିକରୁ ମିଳୁଥିବା ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ସେ ଲୋକଙ୍କୁ ବାଣ୍ଟି ଦେଉଛନ୍ତି। ଯେ କେହି ଗଲେ ଏବେ ନବଜୀବନ ବିହାର କଲୋନି ବାହାରେ କୌଣସି ସ୍ଥାନରେ ବର୍ଜ୍ୟ ଠୁଳ ହୋଇଥିବା ଦେଖିବାକୁ ପାଇବେ ନାହିଁ। ଏବେସୁଦ୍ଧା ରୁବି କଲୋନିରୁ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୭୬

- ୨୦ ଦଫା କାର୍ଯ୍ୟକ୍ରମର ଅଗ୍ରଗତି ଅବ୍ୟାହତ ରଖିବା ଲାଗି ୩ଟି ରାଜ୍ୟ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପ୍ରଦାନ।
- ଜନସଂଘର ରାଜ୍ୟସଭା ସଦସ୍ୟ ସୁବ୍ରମଣ୍ୟନ ସ୍ୱାମୀଙ୍କ ଆଚରଣ ଓ କାର୍ଯ୍ୟକଳାପ ସମ୍ପର୍କରେ ଅନୁଧ୍ୟାନ କରିଥିବା ୧୦ ଜଣିଆ କମିଟି ତାଙ୍କୁ ରାଜ୍ୟସଭା ସଭ୍ୟ ପଦରୁ ବହିଷ୍କାର କରାଯିବା ନିମନ୍ତେ ସୁପାରିଶ କରିଛନ୍ତି।
- ଲୋକସଭାର କାର୍ଯ୍ୟକାଳକୁ ଆଉ ଏକ ବର୍ଷ ବଢ଼ାଇ ଦେବାର ବ୍ୟବସ୍ଥା ସମ୍ବଳିତ ବିଲ୍ ସମ୍ପ୍ରତି ପାର୍ଲିଆମେଣ୍ଟ ଦ୍ୱାରା ଅନୁମୋଦିତ ହୋଇଛି।

# କାର୍ବନ ନିର୍ଗମନ ହ୍ରାସରେ କେତେ ସଫଳ



ଇଂ. ମାୟାଧର ସ୍ୱାଇଁ

ବର୍ତ୍ତମାନ ପୃଥିବୀ ଜଳବାୟୁ ପରିବର୍ତ୍ତନ ଭଳି ଏକ ସଙ୍କଟମୟ ସ୍ଥିତି ଦେଇ ଗତି କରୁଛି। ଏହାର ପ୍ରଭାବକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ। କାରଣ ଜାଗତିକ ଉଷ୍ମତା ବୃଦ୍ଧି। କେତୋଟି ସବୁଜଗୃହ ଗ୍ୟାସ୍‌ର ନିର୍ଗମନ ହେଉଛି ଏହାର କାରଣ। ଏହି ଗ୍ୟାସ୍‌ଗୁଡ଼ିକ ମଧ୍ୟରେ ଅଙ୍ଗାରକାମ୍ଳକୁ ଅଧିକ ଭାବରେ ଦୋଷୀ ମନେକରାଯାଉଛି। ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜଳବାୟୁ ପରିବର୍ତ୍ତନ ଜଣାପଡ଼ିବା ପରେ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ଏକାଠିହୋଇ ଅନେକ ପ୍ରସ୍ତାବ ଗ୍ରହଣ କରିଛନ୍ତି। ୨୦୧୫ ଡିସେମ୍ବରରେ ଫ୍ରାନ୍ସର ପ୍ୟାରିସ୍‌ଠାରେ ହୋଇଥିବା ସମ୍ମିଳନୀରେ ପ୍ରତ୍ୟେକ ଦେଶ ସ୍ୱେଚ୍ଛାକୃତ ଭାବେ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ହ୍ରାସକରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣ ଘୋଷଣା କରିଥିଲେ। ଏହାପରେ ପ୍ରତି ୫ବର୍ଷରେ ଥରେ ସେହି ସମ୍ବନ୍ଧୀୟ ତଥ୍ୟଦେବା ସହ ଏହି ପରିମାଣକୁ ପୁନଃ ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ମଧ୍ୟ ପ୍ୟାରିସ୍ ରାଜିନାମାରେ ଅଛି। ୟୁରୋପୀୟ ଦେଶସମୂହ ସମେତ କେତେକ ଦେଶ ୨୦୫୦ ସୁଦ୍ଧା ନେଟ୍ ଶୂନ୍ କାର୍ବନ ନିର୍ଗମନ ହାସଲକରିବା ପାଇଁ ଘୋଷଣା କରିଛନ୍ତି। ଚାଇନା ଓ ଭାରତ ଯଥାକ୍ରମେ ୨୦୬୦ ଓ ୨୦୭୦ ମସିହାରେ ଏହା ହାସଲ କରିବା ପାଇଁ ଘୋଷଣା କରିଛନ୍ତି।

କାର୍ବନ ଉତ୍ସର୍ଜନ ହ୍ରାସ କରିବା ପାଇଁ ବିଭିନ୍ନ ଦେଶର କାର୍ଯ୍ୟକଳାପକୁ ଅନୁଧ୍ୟାନକଲେ, ଆଶା କରାଯାଏ ଯେ ଏହା ଧୀରେ ଧୀରେ ହ୍ରାସ ପାଇବ। କିନ୍ତୁ ଏହା ପରିବର୍ତ୍ତେ ବଢ଼ିବାରେ ଲାଗିଛି ବୋଲି ଜଣାପଡ଼ିଛି। ଜାଗତିକ ସବୁଜଗୃହ ନିର୍ଗମନରେ ଜୀବାଶ୍ମ ଦହନରୁ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳର ଅବଦାନ ଅଧିକ। ଏହାର ପରିମାଣ ବୃଦ୍ଧି ପାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏକ ଅନ୍ତର୍ଜାତୀୟ ସଂସ୍ଥା 'ଏଡ୍‌ଗାର' ୨୦୨୪ ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ଦେଶରେ କାର୍ବନ ନିର୍ଗମନର ଏକ ବିସ୍ତୃତ ରିପୋର୍ଟ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରକାଶ କରିଛି। ଏହା ଅନୁଯାୟୀ ୨୦୨୪ ମସିହାରେ ପୃଥିବୀରେ ସବୁଜଗୃହ ଗ୍ୟାସ୍ ୫୩.୨ ଗିଗାଟନ୍‌କୁ ବୃଦ୍ଧି ପାଇଛି। ଏହା ହେଉଛି ୨୦୨୩ ମସିହା ତୁଳନାରେ ୧.୩ ପ୍ରତିଶତ ବା ୬୬୫ ନିୟୁତ ଟନ୍ ଅଧିକ।

୨୦୨୪ ମସିହାରେ ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ୟୁରୋପୀୟ ସଂଘ, ରୁଷିଆ ଓ ଇଣ୍ଡୋନେସିଆ ପୃଥିବୀରେ ବୃହତ୍ତମ କାର୍ବନ ନିର୍ଗମନକାରୀ ଦେଶ ଭାବେ ଜଣାପଡ଼ିଛି। ଏହି ଦେଶଗୁଡ଼ିକ ମିଳିତ ଭାବେ ମୋଟ ସବୁଜଗୃହ ଗ୍ୟାସ୍‌ର ୬୧.୮ପ୍ରତିଶତ ନିର୍ଗମନ କରିଛନ୍ତି। ୨୦୨୪ରେ ଶୀର୍ଷ ନିର୍ଗମନକାରୀ ଦେଶଗୁଡ଼ିକ ମଧ୍ୟରେ ଚାଇନା, ଭାରତ, ରୁଷିଆ ଓ ଇଣ୍ଡୋନେସିଆ ୨୦୨୩ ତୁଳନାରେ ଅଧିକ କାର୍ବନ ନିର୍ଗମନ କରିଛନ୍ତି। ଏମାନଙ୍କ ମଧ୍ୟରେ ଇଣ୍ଡୋନେସିଆରେ ଆପେକ୍ଷିକ ଭାବେ ସର୍ବାଧିକ ବୃଦ୍ଧି(୫ ପ୍ରତିଶତ) ଏବଂ ଭାରତରେ ପରିମାଣ ଭାବେ (୧୬୪.୮ ନିୟୁତ ଟନ୍) ସର୍ବାଧିକ ବୃଦ୍ଧି ହୋଇଛି। ରିପୋର୍ଟରୁ ପୁନଶ୍ଚ ଜଣାପଡ଼ିଛି, ୨୦୦୯ ଓ ୨୦୨୦ କୁ ଛାଡ଼ିଦେଲେ ଏହି ଶତାବ୍ଦୀର ଆରମ୍ଭରୁ ସବୁଜଗୃହ ନିର୍ଗମନ କ୍ରମାଗତ ବୃଦ୍ଧି ପାଇଛି। ୨୦୦୯ ମସିହାରେ ପୃଥିବୀରେ ଆର୍ଥିକ ସଙ୍କଟ ଯୋଗୁ ଏବଂ ୨୦୨୦ରେ କୋଭିଡ୍ ମହାମାରୀ ଯୋଗୁ ବିଭିନ୍ନ କଳକାରଖାନାରେ କାର୍ଯ୍ୟ ବାଧାପ୍ରାପ୍ତ



ହୋଇଥିବାରୁ ଏହି ୨ବର୍ଷ କାର୍ବନ ନିର୍ଗମନ କମ୍ ଥିଲା। ଚଳିତ ଶତାବ୍ଦୀରେ ପୃଥିବୀରେ କାର୍ବନ ନିର୍ଗମନ ବୃଦ୍ଧିର କାରଣ ହେଉଛି ଚାଇନା, ଭାରତ ଏବଂ ଅନ୍ୟ ବିକାଶଶୀଳ ଦେଶରେ କୋଇଲା ଓ ପେଟ୍ରୋଲିୟମ ତୈଳର ଅଧିକ ବ୍ୟବହାର।

ଏଡ୍‌ଗାର୍ ରିପୋର୍ଟରୁ ପୁଣି ଜଣାପଡ଼ିଛି, ୨୦୨୪ ମସିହାରେ ନିର୍ଗତ ସବୁଜଗୃହ ଗ୍ୟାସ୍ ଗୁଡ଼ିକ ମଧ୍ୟରେ ଜୀବାଶ୍ମ ଇନ୍ଧନଜନିତ ଅଙ୍ଗାରକ୍ଳାମ ପରିମାଣ ହେଉଛି ସର୍ବାଧିକ। ମୋଟ ନିର୍ଗମନରେ ଏହାର ପରିମାଣ ୭୪.୫ ପ୍ରତିଶତ ଥିବାବେଳେ ମିଥେନ, ନାଇଟ୍ରସ୍ ଅକ୍‌ସାଇଡ୍ ଓ ଫ୍ଲୋରିନେଟେଡ୍ ଗ୍ୟାସ୍‌ର ପରିମାଣ ଯଥାକ୍ରମେ ହେଉଛି ୧୭.୯ ପ୍ରତିଶତ, ୪.୮ ପ୍ରତିଶତ ଓ ୨.୮ ପ୍ରତିଶତ। ୧୯୯୦ ପରଠାରୁ ଜୀବାଶ୍ମ ଅଙ୍ଗାରକାମ୍ଳର ପରିମାଣ ୭୪.୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଗୁଡ଼ିକର ବୃଦ୍ଧି କମ୍ ରହିଛି।

ୟୁରୋପୀୟ ସଂଘ ନିଷ୍ଠାପର ଭାବେ କାର୍ଯ୍ୟକରି କାର୍ବନ ଉତ୍ସର୍ଜନକୁ ହ୍ରାସ କରିବାରେ ସଫଳ ହୋଇଛି। ୧୯୯୦ ତୁଳନାରେ ୨୦୨୪ରେ ଏହାର ଉତ୍ସର୍ଜନ ୩୫ ପ୍ରତିଶତ କମ୍ ଅଛି ଏବଂ ୨୦୨୩ ତୁଳନାରେ ଏହା ୧.୮ ପ୍ରତିଶତ ହ୍ରାସ କରିପାରିଛି। ସମଗ୍ର ପୃଥିବୀରେ କାର୍ବନ ଉତ୍ସର୍ଜନରେ ୨୦୨୩ ମସିହାରେ ଏହାର ଅଂଶ ୬.୧ ପ୍ରତିଶତ ଥିବାବେଳେ ୨୦୨୪ ରେ ଏହା ୫.୯ ପ୍ରତିଶତକୁ ହ୍ରାସ ପାଇଛି।

କାର୍ବନ ନିର୍ଗମନରେ ଜୀବାଶ୍ମ ଇନ୍ଧନର ଅବଦାନ ହେଉଛି ସର୍ବାଧିକ। ଏହା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ର, ଲୌହ ଓ ଇସ୍ପାତ ଶିଳ୍ପ, ସିମେଣ୍ଟ କାରଖାନା ଏବଂ ଅନ୍ୟ କେତେକ ଇନ୍ଧନ ସଘନ କାରଖାନାରେ ବ୍ୟବହୃତ ହୁଏ। ଏହିସବୁ ଗୋଟିଏ ଦେଶର ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟୁତ୍ କେନ୍ଦ୍ର ବ୍ୟତୀତ ଅନ୍ୟ କାରଖାନାରେ କାର୍ବନ ନିର୍ଗମନ ହ୍ରାସ ହେଉଛି କଷ୍ଟକର। କାରଣ ସେଠାରେ ଇନ୍ଧନର କୌଣସି ଉପଯୁକ୍ତ ବିକଳ୍ପ ବିକଶିତ ହୋଇନାହିଁ। କିନ୍ତୁ ତାପଜ ବିଦ୍ୟୁତ୍‌ର ବିକଳ୍ପ ଭାବେ ସୌର, ପବନ, ଜଳବିଦ୍ୟୁତ୍, ପରମାଣୁ ବିଦ୍ୟୁତ୍ ଆଦିର ସଫଳ ବିକାଶ ହୋଇପାରିଛି। ଏଣୁ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବାକୁ ହେଲେ ଏଗୁଡ଼ିକ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ।

ଗୋଟିଏ ଭଲ ସଙ୍କେତ ଆସିଛି ଯେ ୨୦୨୫ ମସିହାର ପ୍ରଥମ ୬ ମାସରେ ପୃଥିବୀରେ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ଅକ୍ଷୟ ଶକ୍ତି ଉତ୍ପାଦନ ଅତିକ୍ରମ କରିଯାଇଛି। ଏହି ବର୍ଷର ଅତିରିକ୍ତ ବିଦ୍ୟୁତ୍ ଚାହିଦାକୁ ସୌରଶକ୍ତି ଓ ପବନ ଶକ୍ତି ଦ୍ୱାରା ପୂରଣ କରାଯାଇପାରିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଆକଳନ କରିଛି ଯେ ଏହି ଦଶନ୍ଧି ଶେଷ ସୁଦ୍ଧା ପୃଥିବୀରେ ଅକ୍ଷୟ ଶକ୍ତି ଉତ୍ପାଦନ ୨ଗୁଣ ହେବ ଏବଂ ଏହାର ୮୦ ପ୍ରତିଶତ ସୌର ଓ ପବନ ଶକ୍ତିରୁ ଆସିବ। ଏହି ସଂସ୍ଥା ପୁନଶ୍ଚ ପ୍ରକାଶ କରିଛି , ଏହି ଦଶନ୍ଧି ସୁଦ୍ଧା ଚାଇନା ଓ ଭାରତ ପୃଥିବୀର ବୃହତ୍ତମ ଅକ୍ଷୟ ଶକ୍ତି ଉତ୍ପାଦନକାରୀ ଦେଶ ହେବେ। ସୂଚନାଯୋଗ୍ୟ, ଭାରତ ୨୦୧୫ ରେ ପ୍ୟାରିସ୍ ରାଜିନାମାରେ ଦସ୍ତଖତ କରିବା ବେଳେ ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ୍‌ର ୪୦ ପ୍ରତିଶତ ଅକ୍ଷୟ ଶକ୍ତିରୁ ଉତ୍ପାଦନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହା ୨୦୨୨ରେ ଏହି ଲକ୍ଷ୍ୟକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି। ୨୦୨୫ ଜୁନ୍ ସୁଦ୍ଧା ଭାରତ ୩୮ ପ୍ରତିଶତରେ ପହଞ୍ଚିପାରିଛି ଏବଂ ନିଜର ଲକ୍ଷ୍ୟ ନିଶ୍ଚୟ ହାସଲ କରିପାରିବ ବୋଲି ଆଶା କରାଯାଉଛି।

**ଲକ୍ଷ୍ମୀବିହାର, ଭୁବନେଶ୍ୱର**
**ମୋ:୯୪୩୮୬୯୩୭୨୪**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 9 | | | 5 |
| | | | | 8 | | | 7 | |
| | | | | | 2 | 3 | | |
| | | 3 | | | | 9 | | |
| | | | 6 | | 4 | 7 | 5 | |
| | | | | 3 | | | | 4 |
| 9 | 7 | | | 4 | | | 2 | |
| | 5 | | 1 | | | | | |
| | | | | | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 3 | 2 | 5 | 8 | 7 | 4 |
| 2 | 4 | 7 | 6 | 8 | 9 | 1 | 5 | 3 |
| 5 | 3 | 8 | 1 | 4 | 7 | 2 | 6 | 9 |
| 3 | 8 | 9 | 2 | 6 | 4 | 7 | 1 | 5 |
| 4 | 5 | 2 | 7 | 9 | 1 | 3 | 8 | 6 |
| 6 | 7 | 1 | 8 | 5 | 3 | 4 | 9 | 2 |
| 8 | 2 | 3 | 9 | 7 | 6 | 5 | 4 | 1 |
| 9 | 1 | 5 | 4 | 3 | 8 | 6 | 2 | 7 |
| 7 | 6 | 4 | 5 | 1 | 2 | 9 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏମାନେ ବି ବାଲିଯାତ୍ରା ବ୍ୟବସାୟୀ

ମହାଶୟ,

ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରା ଓଡ଼ିଆ ସଂସ୍କୃତି, ବାଣିଜ୍ୟ ଓ ଉତ୍ସବର ଏକ ପ୍ରତୀକ। ଏହି ପରିପ୍ରେକ୍ଷୀରେ ଆଲୋକର ଚମକ, ଖାଦ୍ୟର ସ୍ୱାଦ ଓ ଦୋଳିର ଆକର୍ଷଣ ଲୋକଙ୍କୁ ମୋହିତ କରୁଛି। ବଡ଼ ବ୍ୟବସାୟୀମାନେ ଅନେକ କୋଟିର ଲାଭ କରୁଛନ୍ତି। ସେପଟେ ଚମକର ଆଢୁଆଳରେ ଲୁଚିଯାଉଛି ପେଟପାଟଣା ପାଇଁ ସଂଘର୍ଷ କରୁଥିବା ସହସ୍ରାଧିକ କ୍ଷୁଦ୍ର ତଥା ଗରିବ ବ୍ୟବସାୟୀଙ୍କ ଦୁଃଖ। ଆର୍ଥିକ ଅନଟନରୁ ଛୋଟ ବେପାରୀମାନେ ଷ୍ଟଲ ପରିବର୍ତ୍ତେ ପଡ଼ିଆରେ ଦରି ମେଲାଇ, ବୁଲି ବୁଲି ଅବା ରାସ୍ତା କଡ଼ରେ ଉଠା ଦୋକାନୀ ଭାବେ ବସୁଛନ୍ତି । ଦୈନିକ ତିନିରୁ ପାଞ୍ଚ ଶହ ଟଙ୍କା ପାଇଁ ସଂଘର୍ଷ କରୁଥିବା ବେଳେ ନିଜର ପରିବାର ଓ କୁନିକୁନି ପିଲାଙ୍କୁ ବି କାମରେ ଲଗାଉଛନ୍ତି । ବହୁ ଅସ୍ଥାୟୀ ବ୍ୟବସାୟୀ, ଫେରିବାଲା ଓ ଦିନ ମଜୁରିଆ ଏହି ଶ୍ରେଣୀରେ ରହିବା ସହ ବେଲୁନ, ବାଦାମ, ଖେଳନା, କଲମ ଆଦି ସାମଗ୍ରୀ ବିକୁଛନ୍ତି। ବ୍ୟବସାୟ ବେଳେ ଗ୍ରାହକଙ୍କ ସହ ହସି ହସି କଥା ହେଉଛନ୍ତି, ହେଲେ ରାତିର ହାଡ଼ଭଙ୍ଗା ଜାଡ଼ରେ ଖୋଲା ଆକାଶ ଓ ଅସ୍ଥାୟୀ ଚାଳିଆ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି। ଅନେକେ ରାଜ୍ୟ ବାହାରୁ ଆସିଥିବା ବେଳେ ଶୁଦ୍ଧ ପାନୀୟ, ଖାଦ୍ୟ ତଥା ଶୌଚାଳୟ ସୁବିଧା ନ ଥିବାରୁ ଅସୁସ୍ଥ ହେଉଛନ୍ତି । ଶିଶୁମାନେ ପରିବାର ସହ ରାତି କାଟୁଥିବାର ସ୍ଥିତି ମଧ୍ୟ ନଜରକୁ ଆସୁଛି । ଏସବୁ ସ୍ଥିତିକୁ ଆଖି ଆଗରେ ରଖି ଆସନ୍ତା ବର୍ଷ ବାଲିଯାତ୍ରା ପରିଚାଳନା କମିଟି ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେମାନଙ୍କୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସେମାନଙ୍କ ଦୁଃଖ ଲାଘବ ହୋଇପାରିବ।

–ନମିତା ଗିରି, ଆଇଆଇଏମ୍‌ସି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସମୀର କହିଲାଣି ଆକାଶ କଥା
ମଳିନ କିପାଁ ସଖୀ ! ନୟନପତା
ଚଳଇ ଧେନୁ ଗୋଷ୍ଠେ କମ୍ପନ କିପାଁ ଓଷ୍ଠେ ?
ମରମେ ଲୁଚିଛି କି ସରମ ବ୍ୟଥା
ମଳିନ କିପାଁ ସଖୀ ନୟନପତା ?
–(ପ୍ରଭାତ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପେନ୍‌ସନ ଉନ୍ନତୀକରଣ ଦାବି ଉଠାଇଲା ଏଆଇବିଆର୍‌ଏଫ୍

ଭୁବନେଶ୍ୱର,୧୩।୧୧




ଅଖିଳ ଭାରତ ବ୍ୟାଙ୍କ ଅବସରପ୍ରାପ୍ତ କର୍ମୀ ଫେଡେରେଶନ(ଏଆଇବିଆର୍‌ଏଫ୍) ପକ୍ଷରୁ ୩ ଦିନିଆ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇବିଆର୍‌ଏଫ୍‌ର ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋକପାତ କରାଯାଇଥିଲା। ୭ ଦଫା ଦାବି ପୂରଣ ନ ହେଲେ ନଭେମ୍ବର ୨୦ରୁ ୨୦୨୬ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଦେଶବ୍ୟାପୀ ଗଣଧାରଣା ଓ ପର୍ଯ୍ୟାୟକ୍ରମିକ ଅନଶନ କରିବାକୁ ଫେଡେରେଶନ ଚେତାବନୀ ଦେଇଛି। ଏଆଇବିଆର୍‌ଏଫ୍‌ର ସଭାପତି ଏସ୍.ଏମ୍. ଦେଶପାଣ୍ଡେ, ସାଧାରଣ ସମ୍ପାଦକ ଏସ୍. ସି. ଜୈନ, ଉପ ସାଧାରଣ ସମ୍ପାଦକ ଦାମୋଦର ପୋଗଲ, ପରିଚାଳନା ସମ୍ପାଦକ ସୁରେଶ ଚନ୍ଦ ଶର୍ମା କହିଛନ୍ତି, ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୧୩ଟି ଘରୋଇ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଗ୍ରାମୀଣ ବ୍ୟାଙ୍କର ୩ ଲକ୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କ ନେଇ ଏଆଇବିଆର୍‌ଏଫ୍ ଗଠିତ । ପେନ୍‌ସନ ଉନ୍ନତୀକରଣ ଅନୁଷ୍ଠାନର ସଦସ୍ୟମାନଙ୍କର ମୁଖ୍ୟ ଦାବି ରହିଥିବାବେଳେ ଦ୍ୱାଦଶ ଦ୍ୱିପାକ୍ଷିକ ରାଜିନାମା ଅନୁସାରେ ଏକ୍ସଗ୍ରାସିଆର ପୁନଃ ନିର୍ଦ୍ଧାରଣ, ୨୦୧୨ ପରେ ଅବସର ନେଇଥିବା କର୍ମଚାରୀଙ୍କ ସ୍ୱତନ୍ତ୍ର ଭତ୍ତାକୁ ମୂଳ ପେନ୍‌ସନରେ ମିଶାଇବା,ପେନ୍‌ସନ ଦିଆଯାଉ ନ ଥିବା କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ବ୍ୟାଙ୍କ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମାର ଦେୟ ବ୍ୟାଙ୍କ ଦ୍ୱାରା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଫେଡେରେଶନ କ୍ଷୋଭ ପ୍ରକାଶକରି କହିଛି, ଦୀର୍ଘ ୧୨ ବର୍ଷ ହେବ ଏଆଇବିଆର୍‌ଏଫ୍ ବିଭିନ୍ନ ପ୍ରକାର ସାଂଗଠନିକ କାର୍ଯ୍ୟକ୍ରମ ଜରିଆରେ ପେନ୍‌ସନ ଉନ୍ନତୀକରଣ ପାଇଁ ଦାବି କରିଆସୁଛି। ୧୦ ଜଣ କେନ୍ଦ୍ରମନ୍ତ୍ରୀ, ୧୫୦ଜଣ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ ସହ ସଂସଦ ସମ୍ମୁଖରେ ଧାରଣା ଦିଆଯାଇ ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟର ରାଜଧାନୀଗୁଡ଼ିକ ସମେତ ୨୦ଟି ସହରରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ସମ୍ପର୍କରେ ସଂସଦରେ ମଧ୍ୟ ଅନେକ ଥର ଏମ୍‌ପିମାନେ ଉପସ୍ଥାପନା କରିଥିଲେ ମଧ୍ୟ ହିତାଧିକାରୀ ସୁଫଳ ପାଇପାରିନାହାନ୍ତି।

# ଭିଟ୍ ମରିସସ୍‌ରେ ଇଞ୍ଜିନିୟରିଂ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୩।୧୧

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଟ୍) ମରିସସ୍ କ୍ୟାମ୍ପସରେ ୨୦୨୬ ଫେବୃଆରୀ ଓ ଅଗଷ୍ଟ ପାଇଁ ପ୍ରମୁଖ ଇଞ୍ଜିନିୟରିଂ ପ୍ରୋଗ୍ରାମଗୁଡ଼ିକର ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଏବେ WWW.VITMAURITIUS.MU ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିପାରିବେ। ଏହି ପ୍ରବେଶ ପାଇଁ କୌଣସି ପ୍ରବେଶିକା ପରୀକ୍ଷାର ଆବଶ୍ୟକତା ନାହିଁ। ନାମଲେଖା ପ୍ରକ୍ରିୟା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରଦର୍ଶନ ଏବଂ ବ୍ୟକ୍ତିଗତ ସାକ୍ଷାତ୍‌କାର ଉପରେ ଆଧାରିତ ହେବ। ମେଧାବୀ ଓ ଆର୍ଥିକ ଦୃଷ୍ଟିରୁ ଆବଶ୍ୟକତା ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍କଲାରଶିପ ମଧ୍ୟ ଉପଲବ୍ଧ। ଏହା ସହ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସମୟରେ ପାର୍ଟ-ଟାଇମ କାର୍ଯ୍ୟ ସୁଯୋଗ ଏବଂ ଅଧ୍ୟୟନ ପରେ ୩ ବର୍ଷର ପୋଷ୍ଟ-ଷ୍ଟଡି ୱାର୍କ ସୁଯୋଗ ପାଇପାରିବେ।

# ସିବିଓଏର ୨୦ତମ ତ୍ରୈବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର,୧୩।୧୧

କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏସନ(ସିବିଓଏ)ର ୨୦ତମ ତ୍ରୈବାର୍ଷିକ ସମ୍ମିଳନୀ ବିଶାଖାପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ୫୦୦୦ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କାନାରା ବ୍ୟାଙ୍କର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. ସତ୍ୟନାରାୟଣ ରାଜୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହର୍‌ଦୀପ ସିଂହ ଆହଲୁୱାଲିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେ. ସତ୍ୟନାରାୟଣ ରାଜୁଙ୍କ ଜୀବନୀକୁ ନେଇ ଲିଖିତ ପୁସ୍ତକ 'ଦ ମାଷ୍ଟର ଷ୍ଟିଚ୍'କୁ ଅସୋସିଏଶନ ପକ୍ଷରୁ ରାଜୁଙ୍କ ମାତା ରାମ ସୀତା ଉନ୍ମୋଚନ କରିଥିଲେ। ସିବିଓଏର ସାଧାରଣ ସଚିବ କେ. ରବି କୁମାର ତାଙ୍କ ଜିଏସ୍ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଘରୋଇକରଣ ବିରୋଧରେ ଲଢ଼ିବା ପାଇଁ ସଦସ୍ୟମାନଙ୍କ ଏକତାକୁ ପୁନର୍ବାର ଦୋହରାଇଥିଲେ। ସେ ପ୍ରତିଦିନ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ କହିଥିଲେ। ଏକ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଗୃହରେ ୯୦ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କେନ୍ଦ୍ରୀୟ କମିଟିକୁ ଆଗାମୀ ୩ ବର୍ଷ ପାଇଁ ନୂତନ କମିଟି ଚୟନ କରିବା ପାଇଁ ଭଙ୍ଗ କରାଯାଇଥିଲା। ରାଜୀବ ନିଗମଙ୍କୁ ସଭାପତି ଭାବେ ପି. ଜାକବଙ୍କୁ ଅଧ୍ୟକ୍ଷ ଭାବେ ଏବଂ କେ. ରବି କୁମାରଙ୍କୁ କାନାରା ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ କରାଯାଇଥିଲା। ସିବିଓଏ ଓଡ଼ିଶା କମିଟି ପକ୍ଷରୁ ବରିଷ୍ଠ ଉପ ସଭାପତି ପି. କେ. ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଏସ୍. ଏନ୍. ତ୍ରିପାଠୀ, ସହ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଚୌଧୁରୀ, କେନ୍ଦ୍ରୀୟ କମିଟି ସଦସ୍ୟ ଆର୍. କେ. ବେହେରା, କେନ୍ଦ୍ରୀୟ କମିଟି ସଦସ୍ୟ ସୁବ୍ରତ ଦାସ ଓ କେନ୍ଦ୍ରୀୟ କମିଟି ସଦସ୍ୟ ଆଶୁତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ୩ ଲକ୍ଷ ଇଭି ବିକ୍ରି

ଭୁବନେଶ୍ୱର,୧୩।୧୧




ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟି ଲିମିଟେଡ୍ (ଏମ୍‌ଏଲ୍‌ଏମ୍‌ଏମ୍‌ଏଲ୍) ୩ ଲକ୍ଷରୁ ଅଧିକ ଇଲେକ୍ଟ୍ରିକ ଯାନ (ଇଭି) ବିକ୍ରିକରି ଏକ ଐତିହାସିକ ମାଇଲଷ୍ଟୋନ୍ ହାସଲ କରିଛି। କମ୍ପାନୀର ବିସ୍ତୃତ ଇଭି ପୋର୍ଟଫୋଲିଓରେ ଟ୍ରିଓ ରେଞ୍ଜ, ଜୋର ଗ୍ରାଣ୍ଡ, ଇ-ଆଲ୍‌ଫା ଥ୍ରୀ-ହୁଇଲର ଏବଂ ମହିନ୍ଦ୍ରା ଜିଓ ଫୋର-ହୁଇଲର ଅନ୍ୟତମ। ଏହି ଇଭିଗୁଡ଼ିକ ମିଳିତ ଭାବେ ୫୦୦ କୋଟି କିଲୋମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିଛି, ଯାହାଦ୍ୱାରା ୧୮୫ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରାଯାଇପାରିଛି। ଏହା ୪୩ ଲକ୍ଷରୁ ଅଧିକ ଗଛ ଲଗାଇବାର ପରିବେଶୀୟ ପ୍ରଭାବ ସହ ସମାନ। ଗତ ୧୨ ମାସରେ ୧ ଲକ୍ଷ ଇଭି ବିକ୍ରି ହୋଇଛି। ନିକଟରେ କମ୍ପାନୀ ଟ୍ରିଓ ପ୍ଲସ୍ ସିଟ୍ ମେଟାଲ, ଇ-ଆଲ୍‌ଫା ପ୍ଲସ୍, ଜୋର ଗ୍ରାଣ୍ଡ ରେଞ୍ଜ ପ୍ଲସ୍ ଏବଂ ମହିନ୍ଦ୍ରା ଜିଓ ଭଳି ନୂଆ ଓ ଉନ୍ନତ ଉତ୍ପାଦ ଲଞ୍ଚ କରିଛି। ୨ ଲକ୍ଷ ଇଭି ମାଇଲଷ୍ଟୋନ୍ ସମୟରେ 'ଉଦୟ ଏନ୍‌ଏକ୍ସଟି' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୩ ଲକ୍ଷ ଇଭି ମାଇଲଷ୍ଟୋନ ଅବସରରେ କମ୍ପାନୀ ଆଇଓଏସ୍, ଆଣ୍ଡ୍ରଏଡ୍ ଏବଂ ୱେବ୍‌ରେ ନୂଆକରି ଲଞ୍ଚ ହୋଇଥିବା 'ନେମୋ' ପ୍ଲାଟ୍‌ଫର୍ମ ଉନ୍ମୋଚନ କରିଯାଇଛି। ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ମ୍ୟାନେଜିଂ ଡିରେକ୍ଟର ତଥା ସିଇଓ ସୁମନ ମିଶ୍ର କହିଛନ୍ତି, ଆମେ କେବଳ ଇଭି ନିର୍ମାଣ କରୁନାହୁଁ, ଜୀବିକା ସୃଷ୍ଟି କରୁଛୁ ଏବଂ ଏକ ସ୍ୱଚ୍ଛ ଭବିଷ୍ୟତ ଗଠନ କରୁଛୁ।

# ଇଭୋସ୍ ବିଲ୍ଡକନ୍‌ର ୧୬ଶ ପ୍ରତିଷ୍ଠା ଦିବସ 'ସଂକଳ୍ପ' ପାଳିତ

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)




ଇଭୋସ୍ ବିଲ୍ଡକନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୧୬ଶ ପ୍ରତିଷ୍ଠା ଦିବସ 'ସଂକଳ୍ପ' ପାଳନ କରାଯାଇଛି। କର୍ମଚାରୀ, ଷ୍ଟେକ୍‌ହୋଲ୍‌ଡର, ନିବେଶକ, ପରାମର୍ଶଦାତା ଓ ଗ୍ରାହକଙ୍କ ସମାବେଶରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇଥିଲେ। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର କଳିଙ୍ଗ କେଶରୀ ରଥ ଇଭୋସ୍ ପରିବାରର ଅଟଳ ବିଶ୍ୱାସ ଓ ନିଷ୍ଠା ପାଇଁ କୃତଜ୍ଞତା ଜ୍ଞାପନକରି କହିଛନ୍ତି, ନବୀନତାରେ ଗଢ଼ା ମୂଲ୍ୟବୋଧ ହିଁ କମ୍ପାନୀର ଶକ୍ତି। ଇଭୋସ୍ ଆଲ୍‌କେମି ଓ ଇଭୋସ୍ ଅମାନି ପ୍ରକଳ୍ପକୁ ଉଲ୍ଲେଖକରି ସେ କହିଛନ୍ତି, ୨୦୨୫ ଡିସେମ୍ବର ସୁଦ୍ଧା ଭୁବନେଶ୍ୱର ଓ ପୁରୀରେ ୬୦୦ ଫ୍ଲାଟ୍ ହସ୍ତାନ୍ତର ହେବ। ଏଥିମଧ୍ୟରେ ପୁରୀର ସୀ ରୋଜେସ୍ ରହିଛି। ଇଭୋସ୍ ଭବିଷ୍ୟତରେ ସ୍ଥାୟିତ୍ୱ, ଡିଜାଇନ ଓ ଲାଇଫଷ୍ଟାଇଲ୍ ନବୀନତା ସହ ଅତ୍ୟାଧୁନିକ ଫ୍ଲାଟ୍ ଓ ଭିଲା ପ୍ରକଳ୍ପ ଆସିବ। ଉତ୍ସବରେ 'ସଂକଳ୍ପ ମ୍ୟାଗାଜିନ' ଉନ୍ମୋଚନ କରାଯାଇଥିବାବେଳେ କଣ୍ଠଶିଳ୍ପୀ ଆଲୋକ କଟଡାରେ ଓ ଟ୍ରମ୍ପେଟର କିଶୋର ସୋଢାଙ୍କ ପ୍ରଦର୍ଶନୀ ବେଶ୍ ଆକର୍ଷଣୀୟ ହୋଇଥିଲା। ଓଡ଼ିଶା ଭିଜନ ୨୦୩୬ ସହ ସମନ୍ୱିତ 'ଭିଜନ ୨୦୩୬' ସମ୍ପର୍କରେ କଳିଙ୍ଗ କେଶରୀ କହିଛନ୍ତି, ସ୍ୱପ୍ନକୁ ଲ୍ୟାଣ୍ଡମାର୍କରେ ରୂପାନ୍ତରିତକରି ପିଢ଼ି ପିଢ଼ିର ଉତ୍ତରାଧିକାର ଗଢ଼ିବା ହିଁ ଇଭୋସ୍‌ର ଲକ୍ଷ୍ୟ।

# ପୁଣି ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

ବିବାହଋତୁ ଆରମ୍ଭ ହେବା ସହ ସୁନାଦରରେ ପୁଣିଥରେ ଲଗାତାର ବୃଦ୍ଧି ଦେଖିବାକୁ ମିଳିଛି। ଗୁରୁବାର ୨୪ କ୍ୟାରେଟ ସୁନାଦର ୧୦ଗ୍ରାମ ପ୍ରତି ୩,୧୧୦ଟଙ୍କା ବୃଦ୍ଧି ହୋଇ ୧,୨୮,୬୨୦ଟଙ୍କାରେ ପହଞ୍ଚିଛି। ବୁଧବାର ଏହା ୧,୨୫, ୫୧୦ ଟଙ୍କା ରହିଥିଲା। ସେହିପରି ୨୨ କ୍ୟାରେଟ ସୁନାଦରରେ ଦିନକରେ ୨,୮୫୦ ଟଙ୍କା ବୃଦ୍ଧି ହୋଇଛି। ବୁଧବାର ଏହା ୧,୧୫,୦୫୦ଟଙ୍କା ଥିବାବେଳେ ଗୁରୁବାର ଏହା ୧,୧୭,୯୦୦ଟଙ୍କାରେ ହୋଇଛି। ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୦ ହଜାର ଟଙ୍କା ବଢ଼ିଛି । ବୁଧବାର ୧,୭୩,୦୦୦ ଟଙ୍କା ଥିବାବେଳେ ଗୁରୁବାର ଏହା ୧,୮୩,୦୦୦ଟଙ୍କା ହୋଇଛି। ପ୍ଲାଟିନମ୍ ୧୦ ଗ୍ରାମ ପ୍ରତି ୯୭୦ଟଙ୍କା ବଢ଼ି ୪୬,୧୨୦ଟଙ୍କା ହୋଇଛି ଯାହାକି ବୁଧବାର ୪୫,୧୫୦ଟଙ୍କା ଥିଲା।

DSPL-351

ସତ୍ୟମେବ ଜୟତେ
ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜନଜାତୀୟ ଗୌରବ ଦିବସ ପାଳନ ଉପଲକ୍ଷେ

ବିଦ୍ୟାଳୟରେ ଅଭିଭାବକମାନଙ୍କର ସହଭାଗିତା କାର୍ଯ୍ୟକ୍ରମ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟରେ ଆୟୋଜନ ହେଉଅଛି

୧୫ ନଭେମ୍ବର ୨୦୨୫

କାର୍ଯ୍ୟସୂଚୀ

- ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ପ୍ରଗତି ଓ ବିଦ୍ୟାଳୟ ତଥା ଛାତ୍ରାବାସର ଉନ୍ନତି ସମ୍ପର୍କରେ ଆଲୋଚନା
- ଛାତ୍ରଛାତ୍ରୀମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟର ସଶକ୍ତିକରଣ ସମ୍ପର୍କରେ ଆଲୋଚନା
- ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା ଓ ସୁରକ୍ଷା ସମ୍ପର୍କରେ ସଚେତନତା
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା (ବକ୍ତୃତା, ସୃଜନାତ୍ମକ ଲେଖନୀ, ରଚନା, କବିତା ପାଠ ଇତ୍ୟାଦି )
- ଅଭିଭାବକମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରତିଯୋଗିତା (ରଙ୍ଗୋଲି, ଚିତ୍ରାଙ୍କନ ଇତ୍ୟାଦି )

ପ୍ରତ୍ୟେକ ଅଭିଭାବକଙ୍କୁ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ସାଦର ନିମନ୍ତ୍ରଣ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

OIPR-

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୪/୨୦୨୫ Bhubaneswar, Friday, November 14/ 2025

# ଆଜିଠାରୁ ପ୍ରଥମ ଟେଷ୍ଟ

**କୋଲକାତା, ୧୩।୧୧(ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଦଳର କ୍ୱାଲିଟି ସ୍ପିନ ଆକ୍ରମଣ ଆଗରେ ଭାରତୀୟ ଦଳର ବ୍ୟାଟିଂ ଲାଇନ ଏକ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଗତ ବର୍ଷ ଭାରତୀୟ ଦଳ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡଠାରୁ ୩-୦ ବ୍ୟବଧାନରେ ପରାଜିତ

## ଭାରତ-ଦକ୍ଷିଣ ଆଫ୍ରିକା ସିରିଜ

ହୋଇଥିଲା। ଏହି ପରାଜୟ ଘରୋଇ ପରିବେଶରେ ଭାରତୀୟ ଦଳର ଦୁର୍ବଳତାକୁ ପଦାରେ ପକାଇଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ୨୦୧୦ ଠାରୁ ଭାରତରେ କୌଣସି ଟେଷ୍ଟ ମ୍ୟାଚ୍ ଜିତି ନାହିଁ। ଗତ ୩ ଟୁରରେ ଦକ୍ଷିଣ ଆଫ୍ରିକା, ଭାରତରେ ଟେଷ୍ଟ ମ୍ୟାଚ୍ ଜିତିବାରେ ଅସମର୍ଥ ରହିଛି। କିନ୍ତୁ ଚଳିତ ବର୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ନିକଟରେ ଏକ ଦକ୍ଷ ସ୍ପିନ ବିଭାଗ ରହିଛି। ଏଥିସହିତ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦ. ଆଫ୍ରିକା ଦଳ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିବା ପରେ ଭାରତ ଆସିଛି। ଏହି ସିରିଜ୍‌ରେ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରାନ ମୁଥୁସାମୀ ୩୯ରୁ ୩୫ ଉଇକେଟ ନେଇଥିଲେ। ଏହି ୩ ସ୍ପିନର ପାକିସ୍ତାନରେ ପାକିସ୍ତାନୀ ସ୍ପିନରଙ୍କଠାରୁ ଅଧିକ ଭଲ ପ୍ରଦର୍ଶନ କରିଥିଲେ।

ମ୍ୟାଚ୍ ପୂର୍ବରୁ ଇଡେନ ଗାର୍ଡେନ୍ସର ପିଚ୍‌କୁ ନେଇ ଖୁବ ଚର୍ଚ୍ଚା ହେଉଛି। ଭାରତୀୟ ଦଳର ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଓ ଅଧିନାୟକ ଶୁବମନ ଗିଲ ଅନେକ ଥର ପିଚ୍ ଯାଞ୍ଚ କରିଥିବା ବେଳେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ ସଭାପତି ସୌରଭ ଗାଙ୍ଗୁଲି ଆଶ୍ୱାସନା ଦେଇଛନ୍ତି, ପିଚ୍ ର୍ୟାଙ୍କ ଟର୍ନର ହେବ ନାହିଁ। ଅବଶ୍ୟ ପିଚ୍ ସ୍ପିନରଙ୍କୁ ସୁହାଇବ। ହେଲେ ପ୍ରଥମ ଦିନରୁ ବଲ ସ୍ପିନ କରିବ ନାହିଁ। ଆରମ୍ଭରୁ ଏହି ସର୍ଫେସ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ମୁଭମେଣ୍ଟ ଓ ରିଭର୍ସ ସ୍ୱିଙ୍ଗ ପ୍ରଦାନ କରିବ। ଭାରତୀୟ ଦଳ ଦୁଇ ପେସରଙ୍କ ସହ ଓହ୍ଲାଇବ। ଏଣୁ ସିରାଜଙ୍କ ବଦଳରେ ଲୋକାଲ ଖେଳାଳି ଆକାଶ ଦୀପଙ୍କୁ ପ୍ରାଧାନ୍ୟ ଦିଆଯାଇପାରେ। ଗତ ୧୫ ବର୍ଷରେ ଏଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ମୋଟ ୧୫୯ ଉଇକେଟ ପଡ଼ିଥିବା ବେଳେ ପେସରମାନେ ୯୭ ଉଇକେଟ ନେଇଛନ୍ତି। ଏହାର ଅର୍ଥ ଏଠାରେ ପେସରମାନେ ୬୧ ପ୍ରତିଶତ ଉଇକେଟ ନିଅନ୍ତି।

ଯୁବ ଅଧିନାୟକ ଶୁବମନଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତ ଇଂଲଣ୍ଡ ବିପକ୍ଷ ସିରିଜ୍‌କୁ ୨-୨ରେ ବରାବର କରିଥିଲା। ଏହି ସିରିଜ୍‌ରେ ଭାରତୀୟ ଦଳ ତା'ର ଧୈର୍ଯ୍ୟ ଓ ସିମିଂ କଣ୍ଡିଶନ ସହ ଖାପ ଖୁଆଇବାର ଦକ୍ଷତା ପ୍ରଦର୍ଶିତ କରିଥିଲା। ଏହାପରେ ଦଳ ଘରୋଇ ପରିବେଶରେ ଦୁର୍ବଳ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌କୁ ୨-୦ରେ ସିରିଜ୍ ସୁଇପ୍ କରିଥିଲା। ଇଞ୍ଜୁରିରୁ ରିକଭର କରି ରିଷଭ ପନ୍ତ ଦଳକୁ ଫେରିଥିବା ବେଳେ ଧ୍ରୁବ ଜୁରେଲ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିବେ। ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ସ୍ପିନ ବିଭାଗ ସହିତ ଲୋୟର ବ୍ୟାଟିଂ ଅର୍ଡର ସମ୍ଭାଳିବେ। ଏହା ଏକ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍ ହୋଇଥିବାରୁ ଏଥିରେ ଯେକୌଣସି ଛୋଟ ଭୁଲ୍ ସାଙ୍ଘାତିକ ହୋଇପାରେ। ଦ୍ୱିତୀୟ ଟେଷ୍ଟ ଗୁଆହାଟିରେ ଖେଳାଯିବ, ଯାହାକି ଭେନ୍ୟୁର ପ୍ରଥମ ଟେଷ୍ଟ ହେବ। ଏଣୁ ସେଠାରେ ବଲ କେଉଁ ଭଳି ବ୍ୟବହାର କରିବ, ତାହା କହିବା କଷ୍ଟକର। ଏଥିଯୋଗୁ ଭାରତୀୟ ଦଳ ପାଇଁ ପ୍ରଥମ ଟେଷ୍ଟ ଜିତିବା ଗୁରୁତ୍ୱପୂର୍ଣ୍ଣ।

**ସମ୍ଭାବ୍ୟ ଭାରତୀୟ ଦଳ:** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉଇକେଟକିପର ଓ ଉପ ଅଧିନାୟକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ/ଆକାଶ ଦୀପ, ଯଶପ୍ରୀତ ବୁମରା।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ, ର୍ୟାନ ରିକଲଟନ(ଉଇକେଟକିପର), ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଟେମ୍ବା ବଭୁମା(ଅଧିନାୟକ), ୱିଆନ ମୁଲ୍ଡର/କର୍ବିନ ବୋଶ୍ଚ, ମାର୍କୋ ଜାନସେନ, କେଶଭ ମହାରାଜ, ସେନୁରାନ ମୁଥୁସାମୀ, ସିମନ ହର୍ମର, କାଗିସୋ ରାବାଡା।



ଗୁରୁବାର ଅଭ୍ୟାସ ବେଳେ ପିଚ୍ ଅନୁଧ୍ୟାନ କରୁଛନ୍ତି ଶୁବମନ ଗିଲ୍, ରିଷଭ ପନ୍ତ, ଗୌତମ ଗମ୍ଭୀର ଓ ଅନ୍ୟମାନେ।

# ମହିଳା ଓ ମିକ୍ସଡ୍ ଟିମ୍‌କୁ ସ୍ୱର୍ଣ୍ଣ ପଦକ

**ଢାକା, ୧୩।୧୧ (ପି.ଟି.)**

ଏଠାରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତର କମ୍ପାଉଣ୍ଡ ତୀରନ୍ଦାଜମାନେ ଚମତ୍କାର ପ୍ରଦର୍ଶନ କରି ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପାଇଛନ୍ତି। କୋରିଆ ବିପକ୍ଷ ମହିଳା କମ୍ପାଉଣ୍ଡ ଫାଇନାଲରେ ଜ୍ୟୋତି ସୁରେଖା ଭେନମ, ଦୀପ୍‌ଶିଖା ଓ ପ୍ରିଥିକା ପ୍ରଦୀପ ପ୍ରମୁଖଙ୍କୁ ନେଇ ଭାରତୀୟ ମହିଳା ଦଳ ୨୩୬-୨୩୪ରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ପରାଜିତ କୋରିଆ ଦଳରେ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନେ ହେଲେ ପାର୍କ ୟେରିନ୍, ଓହ୍ ଉହ୍ୟୁନ୍ ଓ ଜଙ୍ଗୟୁନ୍ ପାର୍କ। କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଅଭିଷେକ ବର୍ମା ଓ ଦୀପ୍‌ଶିଖା ବାଂଲାଦେଶକୁ ୧୫୩-୧୫୧ରେ ପରାସ୍ତ କରିବା ଦ୍ୱାରା ଭାରତ ଏହାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଅନ୍ୟପକ୍ଷରେ ପୁରୁଷ କମ୍ପାଉଣ୍ଡ ବିଭାଗ ଫାଇନାଲରେ କାଜାଖସ୍ତାନଠାରୁ ୨୨୯-୨୩୦ରେ ପରାଜିତ ହୋଇ ରୌପ୍ୟ ପାଇଥିଲା। ଏହି ରୋମାଞ୍ଚକ ଫାଇନାଲରେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ ଅଭିଷେକ ବର୍ମା, ସାହିଲ ରାଜେଶ ଯାଦବ ଏବଂ ପ୍ରଥମେସ ମବାଲଚନ୍ଦ୍ରା ଫୁଗେ। ସେହିପରି କାଜାଖସ୍ତାନ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଦିଲମୁଖାମେତ ମୁଷା ବୁନ୍ୟୋଦ ମିର୍ଜାମେତୋଭ ଏବଂ ଆନ୍ଦ୍ରେ ଡ୍ୟୁତ୍ୟନ୍।









Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୪/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, November 14/2025 Page 16 ₹ 7.00 RAYAGADA
୫୧ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 348 ମୂଲ୍ୟ ₹୭/-

# ବିହାର, ନୂଆପଡ଼ା ଭୋଟ ଗଣତି ଆଜି

**ଭୁବନେଶ୍ୱର, ୧୩।୧୧ (ସୁନିତ୍ ମିଶ୍ର)**

ଦୀର୍ଘଦିନ ଧରି ବିହାର ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନକୁ ନେଇ ଚାଲିଥିବା ଚର୍ଚ୍ଚାର ଶୁକ୍ରବାର ଅବସାନ ଘଟିବ। ବିହାର ଫଳାଫଳ ଉପରେ ଦେଶବ୍ୟାପୀ ସମସ୍ତଙ୍କ ନଜର ରହିଥିବା ବେଳେ ଓଡ଼ିଶାରେ ନୂଆପଡ଼ା ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଫଳାଫଳ କାହା ସପକ୍ଷରେ ଯାଉଛି ସେନେଇ ରାଜ୍ୟବାସୀ ଚାହିଁ ରହିଛନ୍ତି। ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ୍ ଏବଂ ଏହାର ୩୦ମିନିଟ୍ ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହୋଇଯିବ। ନୂଆପଡ଼ା ନ୍ୟାଶନାଲ କଲେଜଠାରେ ଭୋଟ ଗଣତି କରାଯିବ। ମୋଟ ୩୫୮ ବୁଥ୍ ପାଇଁ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଗଣତି କରାଯିବ। ପ୍ରତ୍ୟେକ ଟେବୁଲରେ ୩ ଜଣ ଅଧିକାରୀ ରହିବେ। ଜଣେ ଗଣତି ସହ ଅଧିକାରୀ, ଗଣତି ସୁପରଭାଇଜର ଏବଂ ମାଇକ୍ରୋ ଅବଜର୍ଭର ନିଯୁକ୍ତ ହୋଇଛନ୍ତି। ଏଥିଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିରେ ୫ କମ୍ପାନୀ ସୁରକ୍ଷା ବଳ ନିଯୁକ୍ତ ହୋଇଛନ୍ତି ବୋଲି ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ୍‌ପାଲ ସିଂ ଗୁରୁବାର ସୂଚନା ଦେଇଛନ୍ତି। ଉପନିର୍ବାଚନରେ ମୋଟ୍ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ଭିତରୁ କାହା ଉପରେ ନୂଆପଡ଼ା ବିଧାନସଭା କ୍ଷେତ୍ରର ଭୋଟର ଭରସା କରୁଛନ୍ତି ତାହା ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯାଇଥିବ। ଯିଏ ବି ଏହି ଉପନିର୍ବାଚନରେ ବିଜୟୀ ହେବେ ସେ ଏହି ଆସନରୁ ନୂଆ ଚେହେରା ଭାବେ ବିଧାନସଭାକୁ ଯିବେ। ଅନ୍ୟପଟେ ଭାଜପା, ବିଜେଡି ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡୁଛି। କିଏ ୨ ଏବଂ ୩ ନମ୍ବର ସ୍ଥାନରେ ରହୁଛି ତାହା ମଧ୍ୟ ଓଡ଼ିଶା ରାଜନୀତି ପାଇଁ ବହୁ ଗୁରୁତ୍ୱ ବହନ କରିବ। ୩ ଦଳ ଭୋଟ ସରିବା ପରେ ବିଜୟୀ ହେବେ ବୋଲି ଦାବିକରି ଆସୁଛନ୍ତି। ୨୦୨୪ ନିର୍ବାଚନ ପରେ ଓଡ଼ିଶାରେ ଭାଜପା ପ୍ରଥମ ଥର ଏକୁଟିଆ ଶାସନକୁ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ଏହି ପ୍ରଥମ ନିର୍ବାଚନ ଲଢୁଛି। ତେଣୁ ଏକ ଭଲ ଭୋଟ୍ ବ୍ୟବଧାନରେ ବିଜୟୀ ହେବା ଭାଜପା ପାଇଁ ବହୁତ ଗୁରୁତ୍ୱ ରଖିବ। ୨୪ ବର୍ଷ ପରେ କ୍ଷମତାରୁ ଯିବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତାଙ୍କ ଦଳ ପ୍ରଥମ ଥର ବିରୋଧୀ ଦଳ ଭୂମିକାରେ ରହି ଏହି ଉପନିର୍ବାଚନ ଲଢୁଛନ୍ତି। ଗତ ସାଧାରଣ ନିର୍ବାଚନରେ ଉକ୍ତ ଆସନ ମଧ୍ୟ ବିଜେଡି ହାତରେ ରହିଥିଲା। ତେଣୁ ବିଜେଡି ଏହି ଆସନ ନିଜ ଅକ୍ତିଆରକୁ ନେଇପାରୁଛି ନା ନାହିଁ ତାହା ମଧ୍ୟ ରାଜ୍ୟ ରାଜନୀତି ପାଇଁ ଗୁରୁତ୍ୱ ରଖୁଛି। ଅନ୍ୟପଟେ କଂଗ୍ରେସ ଏହି ଆସନରେ ଯଦି ଭଲ ପ୍ରଦର୍ଶନ କଲା ତେବେ ତାଙ୍କ ଦଳ ଉପରେ ରାଜ୍ୟର ଜନସାଧାରଣଙ୍କ ଆସ୍ଥା ବଢ଼ିବାର ଏକ ଆକଳନ ରାଜନୈତିକ ମହଲରେ କରାଯାଉଛି।




ଭୁବନେଶ୍ୱର ୟୁନିଟ୍–୩ କ୍ୟାପିଟାଲ ହାଇସ୍କୁଲଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ବଲାଙ୍ଗୀରର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ବିକାଶ ନାୟକ)

# ରାଜ୍ୟରେ ହେବ ଭିନ୍ନକ୍ଷମ ଶିଶୁଙ୍କ ସର୍ଭେ

**ଭୁବନେଶ୍ୱର, ୧୩।୧୧ (ରବିନାରାୟଣ ଜେନା)**

ରାଜ୍ୟରେ କେତେ ଭିନ୍ନକ୍ଷମ ଶିଶୁ ରହିଛନ୍ତି ସେନେଇ ସରକାର ଗଣନା କରିବେ। ଏହାକୁ ନେଇ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ଜାରି ହୋଇଛି। ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଭାସ୍କର ରୟତୋ ଅଧିକାରୀମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଘରକୁ ଘର ବୁଲି ଅଙ୍ଗନୱାଡି କର୍ମୀ ଭିନ୍ନକ୍ଷମ ଶିଶୁଙ୍କ ସମସ୍ତ ତଥ୍ୟ ସଂଗ୍ରହ କରିବେ। ଜନ୍ମରୁ ୬ବର୍ଷ ମଧ୍ୟରେ ଥିବା ଭିନ୍ନକ୍ଷମ ଶିଶୁଙ୍କ ସର୍ଭେ କରାଯିବ। ସର୍ଭେ ବେଳେ ୨୧ପ୍ରକାର ଭିନ୍ନକ୍ଷମ ବର୍ଗଙ୍କୁ ଗଣନାରେ ଗୁରୁତ୍ୱ ଦିଆଯିବା ଦରକାର। ଏହାପରେ ଚିହ୍ନଟ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ। ଏନ୍‌ଇପି –୨୦୨୦ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଶିଶୁଙ୍କୁ ସାମିଲ କରାଯିବ। ଆସନ୍ତା ୧ ମାସ ମଧ୍ୟରେ ସର୍ଭେ ଶେଷ ହେବା ଆବଶ୍ୟକ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଦର୍ଶାଇଛନ୍ତି, ପ୍ରତ୍ୟେକ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଅଙ୍ଗନୱାଡି କର୍ମୀମାନେ ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କ ତଥ୍ୟକୁ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଯାଞ୍ଚ କରିବେ। ଏହାପରେ ବ୍ଲକ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରି ତଥ୍ୟକୁ ସରକାରଙ୍କ ପୋର୍ଟାଲରେ ଅପ୍‌ଲୋଡ୍ କରିବେ। ଶେଷ ପର୍ଯ୍ୟାୟରେ ଜିଲାସ୍ତରରେ ସାମାଜିକ ସୁରକ୍ଷା ଅଧିକାରୀ ଓ ରାଜ୍ୟସ୍ତରୀୟ ଅଧିକାରୀ ଯାଞ୍ଚ କରିବେ। ଏହି ସମସ୍ତ କାର୍ଯ୍ୟ କିଭଳି କରାଯିବ ସେନେଇ ଅତିରିକ୍ତ ସଚିବ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିଛନ୍ତି।

# ଉମର କାର୍ ଚଳାଉଥିବା ଡିଏନ୍ଏ ପରୀକ୍ଷାରୁ ସ୍ପଷ୍ଟ

**ଦିଲ୍ଲୀ ବିସ୍ଫୋରଣ**

**ନୂଆଦିଲ୍ଲୀ, ୧୩।୧୧**

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ଗତ ୧୦ ତାରିଖରେ ଘଟିଥିବା ବିସ୍ଫୋରଣରେ ବ୍ୟବହୃତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡିଏନ୍ଏ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିବା ପୋଲିସ ସୂତ୍ରରୁ କୁହାଯାଇଛି। ବିସ୍ଫୋରଣ ସ୍ଥଳରୁ ସଂଗୃହୀତ ଡିଏନ୍ଏ ନମୁନା ଉମରଙ୍କ ମା'ଙ୍କ ନମୁନା ସହ ମେଳ ଖାଉଥିବାରୁ ଉମର ହିଁ କାର୍‌ରେ ଥିଲେ ବୋଲି ଫୋରେନ୍‌ସିକ ବିଶେଷଜ୍ଞମାନେ କରିଥିବା ପରୀକ୍ଷାରୁ ନିଶ୍ଚିତ ହୋଇଛି। ଉମର କାର୍‌କୁ ଚଳାଇବା ସହ ବିସ୍ଫୋରଣ ଘଟାଇଥିବା ପରୀକ୍ଷା ଫଳାଫଳରୁ ନିର୍ଣ୍ଣାୟକ ଭାବେ ସାବ୍ୟସ୍ତ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି।

ଉମର ନବୀଙ୍କ ଘର ଜମ୍ମୁ–କଶ୍ମୀରର ପୁଲ୍‌ୱାମାରେ। ନିକଟରେ ପର୍ଦ୍ଦାଫାଶ ହୋଇଥିବା ହ୍ୱାଇଟ୍ କଲାର ଟେରର ମଡ୍ୟୁଲର ସେ ଅନ୍ୟତମ ମୁଖ୍ୟ ସଦସ୍ୟ। ଜୈଶ–ଇ–ମହମ୍ମଦ ଏବଂ ଅନସର ଘଜୱତ–ଉଲ୍–ହିନ୍ଦ୍ ଆତଙ୍କବାଦୀ ସଂଗଠନ ସହ ତାଙ୍କର ସମ୍ପର୍କ ରହିଛି। ସୋମବାର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ଧୀର ଗତିରେ ଯାଉଥିବା କାର୍‌ଟି ହଠାତ୍ ବିସ୍ଫୋରଣ ହୋଇଥିଲା, ଯାହା ଉକ୍ତ ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ବିସ୍ଫୋରଣର ଅଳ୍ପ କେତେଘଣ୍ଟା ପୂର୍ବରୁ ପୋଲିସ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସହ ସମ୍ପୃକ୍ତ ଥିବା ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବା ଘୋଷଣା କରିଥିଲା। ସୁରକ୍ଷା ବଳ ଜମ୍ମୁ–କଶ୍ମୀର, ହରିୟାଣା ଓ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆମୋନିୟମ୍ ନାଇଟ୍ରେଟ୍, ପୋଟାସିୟମ୍ କ୍ଲୋରେଟ୍ ଏବଂ ସଲ୍‌ଫର ସମେତ ପାଖାପାଖି ୩,୦୦୦ କିଲୋଗ୍ରାମ ବିସ୍ଫୋରଣ ଜବତ କରିଥିଲା। ଲାଲ୍‌କିଲ୍ଲା ବିସ୍ଫୋରଣ ଉକ୍ତ ଗ୍ରୁପ୍ ଦ୍ୱାରା କରାଯାଇଥିବା ବୃହତ୍ତର ଆତଙ୍କବାଦୀ ଷଡ଼ଯନ୍ତ୍ରର ଅଂଶବିଶେଷ କି ନୁହେଁ, ଏବେ ତାହାର ତଦନ୍ତ ଚାଲିଛି।



ଡା. ଉମର ନବୀ



# ଶିକ୍ଷା ବିଭାଗରେ ନିଯୁକ୍ତି, ମଙ୍ଗଳ ବିଭାଗ ଅଧୀନରେ କରୁଛନ୍ତି କାମ

**ରାୟଗଡ଼ା,୧୩।୧୧(ଆଶିଷ ରଞ୍ଜନ ପଣ୍ଡା)**

**ରାୟଗଡ଼ା ଜିଲାରେ ଶିକ୍ଷା ବିଭାଗର ବିଚିତ୍ର ବ୍ୟବସ୍ଥା**

- ୧୨ ବର୍ଷ ତଳେ ହୋଇଥିଲା ଡେପୁଟେଶନ, ଏଯାଏଁ ସରିନି
- ତଦନ୍ତ ପରେ ପଦକ୍ଷେପ ନିଆଯିବ: ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ

ରାୟଗଡ଼ା ଜିଲା ଶିକ୍ଷା ବିଭାଗରେ ବିଚିତ୍ର ବ୍ୟବସ୍ଥା ଦେଖିବାକୁ ମିଳିଛି। ଜିଲାର ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷା ବିଭାଗରେ ନିଯୁକ୍ତି ପାଇ ଦରମା ପାଉଛନ୍ତି। ହେଲେ ଗତ ୧୨ବର୍ଷ ଧରି ମଙ୍ଗଳ ବିଭାଗ ଅଧୀନରେ କାମ କରୁଛନ୍ତି । ଶିକ୍ଷା ବିଭାଗ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଲାଗି ରହିଥିଲେ ମଧ ସେମାନଙ୍କୁ ଫେରାଇ ଆଣିବା ପାଇଁ କୌଣସି ଯୋଜନା କରାଯାଉ ନ ଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ପ୍ରକାରେ, ୨୦୧୨ ମସିହାରେ ଉକ୍ତ ୪୦ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷା ସହାୟକ ଭାବେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିଲେ । ହେଲେ ସେତେବେଳେ ମଙ୍ଗଳ ବିଭାଗ ଆଶ୍ରମ ଓ ସେବାଶ୍ରମଗୁଡ଼ିକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ରହିଥିଲା। ତେଣୁ ଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବା କେତେଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଙ୍ଗଳ ବିଭାଗ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଡେପୁଟେଶନରେ ପଠାଯାଇଥିଲା। ତେବେ ଡେପୁଟେଶନରେ ଯିବା ପରଠାରୁ ସେହି ଶିକ୍ଷୟିତ୍ରୀ ଶିକ୍ଷକ ଆଉ ନିଜର ମୂଳ ବିଭାଗକୁ ଫେରିନାହାନ୍ତି । ଏମାନଙ୍କ ପାଇଁ ଅକଳରେ ପଡ଼ିଛି ମଙ୍ଗଳ ବିଭାଗ। କାରଣ ଶିକ୍ଷା ବିଭାଗରୁ ଡେପୁଟେଶନରେ ଯାଇଥିବା ଏହି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ସେମାନଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। ଏଭଳିକି ସେହି ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଇଚ୍ଛାରେ ବିଦ୍ୟାଳୟ ଆସୁଥିବା ମଧ ଅନେକ ଆଶ୍ରମ ଓ ସେବାଶ୍ରମ ପ୍ରଧାନଶିକ୍ଷକ ଅଭିଯୋଗ କରିଛନ୍ତି। ସେମାନେ ବିଦ୍ୟାଳୟରେ ଉପସ୍ଥିତ ନ ଥିଲେ ମଧ ଦରମା ପାଉଛନ୍ତି। କାରଣ ସେମାନଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ଦରମା ମିଳୁଛି । ୪୦ ଜଣଙ୍କ ମଧ୍ୟରେ ରାୟଗଡ଼ା, କୋଲନରା ଓ କାଶୀପୁର ବ୍ଲକ୍‌ର ବିଭିନ୍ନ ଆଶ୍ରମ ଓ ସେବାଶ୍ରମରେ ୮ ଜଣ ଲେଖାଏ ରହିଛନ୍ତି । ସେହିଭଳି ଗୁଣପୁର ବ୍ଲକ୍‌ରେ ୫, କଲ୍ୟାଣସିଂହପୁର ବ୍ଲକ୍‌ରେ ୩, ରାମନାଗୁଡା ବ୍ଲକ୍‌ରେ ୬ ଓ ଚନ୍ଦ୍ରପୁର ବ୍ଲକ୍‌ରେ ୨ ଜଣ ରହିଛନ୍ତି। ଏହି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଡେପୁଟେଶନ ତୁରନ୍ତ ରଦ୍ଦକରିବା ସହ ଅଭାବ ଥିବା ଶିକ୍ଷା ବିଭାଗ ବିଦ୍ୟାଳୟରେ ସେମାନଙ୍କୁ ଅବସ୍ଥାପିତ କରିବା ପାଇଁ ଶିକ୍ଷାବିତ୍ ଦାବି କରିଛନ୍ତି। ଏ ସମ୍ପର୍କରେ ରାୟଗଡ଼ା ଜିଲା ଗସ୍ତରେ ଆସିଥିବା ସ୍କୁଲ ଓ ଗଣଶିକ୍ଷା ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ଏ ବିଷୟରେ ତଥ୍ୟ ଯାଞ୍ଚ କରିବା ସହ କେଉଁ କାରଣରୁ ମଙ୍ଗଳ ବିଭାଗକୁ ଡେପୁଟେଶନ କରାଯାଇଛି ତାହାର ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଗୁରୁବାର ଅପରାହ୍ନରେ ମନ୍ତ୍ରୀ ନିତ୍ୟାନନ୍ଦ ଜିଲାରେ ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ ସମେତ ତାଙ୍କ ଅଧୀନ ସମସ୍ତ ବିଭାଗର ସମୀକ୍ଷା କରିଛନ୍ତି ।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ'ରେ ମହେଶ୍ୱରଙ୍କ ସଫଳତା

**ଗୁଣପୁର,୧୩।୧୧ (ପ୍ରଦୀପ କୁମାର ପାଢ଼ୀ)**



ମହେଶ୍ୱର ଶବର।

ରାଜ୍ୟର ସମସ୍ତ ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିଚୟ ସୃଷ୍ଟିକରିବା ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟ ସ୍ତରୀୟ ଉତ୍ସାହ–୨୦୨୫ ଅନୁଷ୍ଠିତ ହେଉଛି। ଜିଲାସ୍ତରରେ ଯେଉଁମାନେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ସେମାନେ ରାଜ୍ୟସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। କ୍ୟାରମ ଖେଳରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଲିମାମେଡ଼ାଠାରେ ଥିବା ବାଳ ନିକେତନ ଶିଶୁଗୃହର ମହେଶ୍ୱର ଶବର ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମହେଶ୍ୱର ବର୍ତ୍ତମାନ ବିଟ୍‌ସ ବୈଷୟିକ ମହାବିଦ୍ୟାଳୟରେ ଇଲେକ୍ଟ୍ରିକାଲ ବିଭାଗରେ ଦ୍ୱିତୀୟ ବର୍ଷରେ ପଢୁଛନ୍ତି । ମହେଶ୍ୱରଙ୍କ ଏହି ସଫଳତା ହାସଲ ପରେ ବାଳ ନିକେତନ ଅନୁଷ୍ଠାନର ସଭାପତି ଲାଡି ସୁରେଶ, ସମ୍ପାଦିକା ରଶ୍ମିରେଖା ମହାନ୍ତି, ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିତୁଆନ, ଆନୁଷ୍ଠାନିକ ଯତ୍ନ ଅଧିକାରୀ ମନୋରଞ୍ଜନ ବାଗ, ଆଇନ ଅଧିକାରୀ ନିରାକାର ପାଢ଼ୀ, ବିଟ୍‌ସ କଲେଜର ସମ୍ପାଦକ ଲାଡି ତିରୁମଲା ରାଓ, ଅଧ୍ୟକ୍ଷ ନାଗେଶ୍ୱର ଗମାଙ୍ଗ, ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ, ବାଳ ନିକେତନ ଅନୁଷ୍ଠାନ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅନୁଷ୍ଠାନର ସମସ୍ତ କର୍ମଚାରୀ ମହେଶ୍ୱରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପୂର୍ବ ବର୍ଷମାନଙ୍କରେ ମଧ ମହେଶ୍ୱର ରାଜ୍ୟସ୍ତରରେ ଚେସ୍ ଖେଳରେ କୃତିତ୍ୱ ହାସଲ କରିଥିଲେ ।

# ଶ୍ରେଷ୍ଠ ଇଞ୍ଜିନିୟରିଂ ଗ୍ରାଜୁଏଟ ଭାବେ ସ୍ୱର୍ଣ୍ଣପଦକ ପାଇଲେ ଶିବପ୍ରତିମ

**ଗୁଣପୁର,୧୩।୧୧(ପ୍ରଦୀପ କୁମାର ପାଢ଼ୀ)**

ଓଡିଶାର ଶ୍ରେଷ୍ଠ ଇଞ୍ଜିନିୟରିଂ ଗ୍ରାଜୁଏଟ ଭାବେ ରାୟଗଡ଼ା ଜିଲା ଗୁଣପୁରର ଛାତ୍ର ଶିବପ୍ରତିମ ଦାଶ ବିବେଚିତ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୧୨ ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳଙ୍କଠାରୁ ସେ ଏହି ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକ ବିଭାଗୀୟ ଟପ୍ପର ହୋଇ ଆଉ ଏକ ସ୍ୱର୍ଣ୍ଣ ପଦକ ପାଇ ପାରଳା ମହାରାଜା ସରକାରୀ ବୈଷୟିକ ମହାବିଦ୍ୟାଳୟରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିବା ଜଣାପଡିଛି। ଶିବପ୍ରତିମ ଗୁଣପୁର ଶିଶୁମନ୍ଦିରରେ ଶିକ୍ଷାରମ୍ଭ କରିଥିବାବେଳେ ଏନଆରଟିଏସ ପଠାଣି ସାମନ୍ତ ଛାତ୍ର ବୃତ୍ତି ପାଇଥିଲେ। ଏଥିସହ ଦଶମ ବୋର୍ଡ଼ ପରୀକ୍ଷାରେ ରାୟଗଡା ଜିଲା ଟପ୍ପର, ଯୁକ୍ତ ଦୁଇ ଓ ଗ୍ରାଜୁଏସ ପରୀକ୍ଷାରେ ଶ୍ରେଷ୍ଠ ତାଲିକାରେ ସ୍ଥାନ ପାଇଥିଲେ। ଶିବପ୍ରତିମ ସମ୍ପ୍ରତି ଭାରତ ସରକାରଙ୍କ ଗେଟ୍ ବୃତ୍ତି ପାଇ ଜାତୀୟ ବୈଷୟିକ ପ୍ରତିଷ୍ଠାନ, ରାଉରକେଲାରୁ ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି । ଏହି ସଫଳତାର ଶ୍ରେୟ ସେ ତାଙ୍କ ଶିକ୍ଷକ ଓ ପିତାମାତାଙ୍କୁ ଦେବାସହ ସ୍ୱର୍ଣ୍ଣପଦକ ତାଙ୍କ ଦିବଙ୍ଗତ ଜେଜେମା କନକ ଦାଶଙ୍କୁ ଉତ୍ସର୍ଗ କରିଛନ୍ତି । ଶିବ ପ୍ରତିମ ସ୍ଥାନୀୟ ଦାଶ ସାହିର ଶିକ୍ଷକ ଦମ୍ପତି ସଞ୍ଜୟ ଦାଶ ଓ ତପସ୍ୱିନୀ ପଣ୍ଡାଙ୍କ ପୁଅ। ତାଙ୍କ ଏହି ସଫଳତା ପାଇଁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା ତାଙ୍କ ପ୍ରଫେସର, ସହପାଠୀ ଶୁଭେଚ୍ଛା ଜଣାଇଛନ୍ତି।




ମାନପତ୍ର ସହ ଶିବ ପ୍ରତିମ।

# ଜନଜାତି ଯୋଦ୍ଧାଙ୍କ ପାଇଁ ଦିବସ ଉତ୍ସର୍ଗୀକୃତ: ଗଣଶିକ୍ଷା ମନ୍ତ୍ରୀ



ମନ୍ତ୍ରୀ ଏବଂ ବିଧାୟକ ଜନଜାତି ବର୍ଗ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରୁଛନ୍ତି।

**ରାୟଗଡ଼ା, ୧୩।୧୧ (ଆଶିଷ ରଞ୍ଜନ ପଣ୍ଡା)**

**ଭାଜପା ପକ୍ଷରୁ ଜନଜାତି ଗୌରବ ଦିବସ**

ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀକୁ ରାୟଗଡା ଭାଜପା ତରଫରୁ ଜନଜାତି ଗୌରବ ଦିବସ ଭାବରେ ପାଳନ କରାଯାଇଛି । ଏ ନେଇ ସିରିଗୁଡ଼ାସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ଜନଜାତି ମୋର୍ଚ୍ଚାର ଜାତୀୟ ସାଧାରଣ ସମ୍ପାଦକ କାଳୀରାମ ମାଝିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ମାଝୀ, କୋଟପାଡ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମି ଉପସ୍ଥିତ ଥିଲେ। ୨୦୨୧ ମସିହାରେ ଭାରତ ସରକାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଥିଲେ ବୋଲି ମନ୍ତ୍ରୀ ଗଣ୍ଡ ପ୍ରକାଶ କରିଥିଲେ। କେବଳ ବିର୍ସା ମୁଣ୍ଡା ନୁହନ୍ତି ଦେଶକୁ ସ୍ୱାଧୀନ ଦେବା ପାଇଁ ଯେଉଁ ଜନଜାତିର ଯୋଦ୍ଧାମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲେ, ସେମାନଙ୍କ ପାଇଁ ମଧ ଏହି ଜନଜାତି ଗୌରବ ଦିବସ ଉତ୍ସର୍ଗ ବୋଲି ମନ୍ତ୍ରୀ ଗଣ୍ଡ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଏମ୍. ଗୋପୀ ଆନନ୍ଦ, ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା, ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁନ୍ରୁକା, ବରିଷ୍ଠ ନେତା ରଜତ ମାଦଳା, ବେଲଧର ମାଝୀ, ଯୁବନେତା ଉମେଶ ଖୋସ୍ଲା, ଶାନ୍ତନୁ ସୁବୁଦ୍ଧି, ଜାଡି ଅନିଲ, ପ୍ରିତମ ଖରା, ନାରୀ ନେତ୍ରୀ ମଞ୍ଜୁଳା ମିଣିୟାକା, ବୁରୁଡି ଲକ୍ଷ୍ମୀ, ଅଶ୍ୱିନୀ କଞ୍ଚଡା, ସୁଶୀଳା ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ନବନିର୍ମିତ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲକୁ ମନ୍ତ୍ରୀ ଗଣ୍ଡ ଉଦଘାଟନ କରିଥିଲେ ।

# କାଶୀପୁରରେ ପ୍ରବଳ ଶୀତ

**ଟିକିରି, ୧୩।୧୧ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲାରେ ଶୀତ ଲହରୀ ଆରମ୍ଭ ହୋଇଛି। କାଶୀପୁର ବ୍ଲକ୍‌ରେ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଛି। ଗୁରୁବାର ସକାଳେ ୭ଟା ୪୫ରେ କାଶୀପୁର ବ୍ଲକ୍ ପାରଦ ୧୩ ଡିଗ୍ରୀ ସେଲସିଅସ ରେକର୍ଡ ହୋଇଥିଲା। ଦିନକୁ ଦିନ ତାପମାତ୍ରା ହ୍ରାସ ପାଉଥିବା ବେଳେ ଅତ୍ୟଧିକ ଶୀତ ଅନୁଭୂତ ହେଉଛି। ସକାଳ ୯ଟା ପର୍ଯ୍ୟନ୍ତ ଶୀତ ଛାଡୁନାହିଁ । ଦିନତମାମ କୋହଲା ପବନ ଏବଂ ସନ୍ଧ୍ୟା ୫ଟା ହେଲେ ଶୀତ ଆରମ୍ଭ ହୋଇଯାଉଛି। ଶୀତ ଯୋଗୁ ରାତି ୮ଟା ପରେ ବଜାର ଘାଟ ଶୁନଶାନ୍ ହୋଇଯାଉଛି । ସକାଳ ୭ଟା ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ରହୁଛି। ଫଳରେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ। କୁହୁଡ଼ି ସାଙ୍ଗକୁ ଶୀତ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଲାଣି । ଲୋକ ଶୀତରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ସହ ନିଆଁର ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି।

# ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର,୧୩।୧୧ (ଅନୁରାଧା ମହାରଣା)**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାୟଗଡ଼ା କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ଏହାର ୧୦୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଖଣି ନିଗମର କ୍ଷେତ୍ରୀୟ ପ୍ରବନ୍ଧକ (ରାୟଗଡ଼ା) ଚିନ୍ମୟ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କ୍ଷେତ୍ରୀୟ ମୁଖ୍ୟ କୁନ୍ଦନ କୁମାର ସିହ୍ନା ଏବଂ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟର ଅଧିକାରୀ, ଅବସରପ୍ରାପ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସମେତ ଗ୍ରାହକମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। କ୍ଷେତ୍ରୀୟ ମୁଖ୍ୟ ସିହ୍ନା ବ୍ୟାଙ୍କ ଦ୍ୱାରା ହାସଲ କରାଯାଇଥିବା ବ୍ୟବସାୟିକ ପାରାମିଟର ଓ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ୍ ଉତ୍ପାଦ ଯେପରି ଏମ୍ଏସ୍ଏମ୍ଇ, ଖୁଚୁରା ଅଗ୍ରିମ, ସଞ୍ଚୟ, ଚଳନ୍ତି ଖାତା ଏବଂ ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ୭ଟି ଜିଲାର ଅଭିବୃଦ୍ଧିରେ ବ୍ୟାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୨ ଜଣ ବିଶିଷ୍ଟ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଚଢ଼ାଉ ଭୟରେ ବେଆଇନ କ୍ଲିନିକ୍‌ରେ ତାଲା

**ପଦ୍ମପୁର,୧୩।୧୧(ପ୍ରଶାନ୍ତ କୁମାର କର)**

**କ୍ଲିନିକ୍ ମାଲିକ, କ୍ୱାକ୍‌ଙ୍କ ଦେଖା ମିଳୁନି**

ଗୁଣପୁର ଓ ରାମନାଗୁଡା ଅଞ୍ଚଳରେ ଚାଲିଥିବା ବେଆଇନ କ୍ଲିନିକ୍ ଏବଂ ପାଥୋଲ୍ୟାବ୍ ଉପର ଉପଜିଲାପାଳ ଚଢ଼ାଉ କରି ସିଲ୍ କରିବା ପରେ ପଦ୍ମପୁର ବ୍ଲକ୍‌ରେ କ୍ଲିନିକ୍ ମାଲିକ ଛାନିଆ ହୋଇଯାଇଛନ୍ତି। ପଦ୍ମପୁର ତଥା ଏହାର ଆଖପାଖ ଅଞ୍ଚଳରେ କେତେକ ବେଆଇନ କ୍ଲିନିକ୍‌ର ମାଲିକମାନେ ସାଇନ ବୋର୍ଡ ହଟାଇ କ୍ଲିନିକ୍‌ରେ ତାଲା ପକାଇ ଦେଇଥିବାବେଳେ କ୍ୱାକ୍‌ମାନଙ୍କ ଦେଖାମିଳୁନି।

ସୂଚନାଯୋଗ୍ୟ, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ଗତ ଏକ ସପ୍ତାହ ଧରି ଗୁଣପୁର ଅଞ୍ଚଳରେ ଥିବା ବିଭିନ୍ନ ବେଆଇନ କ୍ଲିନିକ ଓ ପାଖ ବ୍ଲକ ରାମନାଗୁଡାରେ ବିନା ପଞ୍ଜୀକରଣରେ ଚାଲିଥିବା କ୍ଲିନିକ ଉପରେ ଚଢ଼ାଉ କରି ସିଲ୍ କରି ଦେଇଛନ୍ତି। ରୋଗୀମାନେ ସରକାରୀ ମେଡିକାଲକୁ ଚିକିତ୍ସିତ ହେବାକୁ ଆସିବାକୁ ଉପଜିଲାପାଳ ଅପିଲ କରିଛନ୍ତି। ଗୁଣପୁର ଉପଖଣ୍ଡରେ ବେଆଇନ ମଦ କାରବାର କ୍ଲିନିକ୍ ଉପରେ ଚଢ଼ାଉ ଜାରି ରହିବ ବୋଲି ଉପଜିଲାପାଳ ମତବ୍ୟକ୍ତ କରିଛନ୍ତି। ଏହାପରେ ପଦ୍ମପୁରରେ ବେଆଇନ ଭାବେ ଚାଲିଥିବା କ୍ଲିନିକ୍ ମାଲିକମାନେ ଆପଣାଛାଏଁ ବନ୍ଦ କରି ଦେଇଛନ୍ତି।

# ଡିସେମ୍ବର ୨୬ରୁ ଜିଲା ଲୋକ ମହୋତ୍ସବ 'ଚଇତି'

**ରାୟଗଡ଼ା,୧୩।୧୧ (ଆଶିଷ ରଞ୍ଜନ ପଣ୍ଡା)**

**କାଶୀପୁର ବ୍ଲକ୍‌ରୁ ଆରମ୍ଭ ହେବ ଚଇତି**

ରାୟଗଡ଼ା ଜିଲା ଲୋକ ମହୋତ୍ସବ ଚଇତି ଆସନ୍ତା ଡିସେମ୍ବର ୨୬ ରୁ ୫ଦିନବ୍ୟାପୀ ପାଳନ ହେବ । ଏ ନେଇ ଗୁରୁବାର ଆୟୋଜିତ ପ୍ରଥମ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିଥି ଭାବେ ବିଧାୟକ ଆପଲସ୍ୱାମୀ କାଡ୍ରାକା, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତବର୍ଷ ଲୋକ ମହୋତ୍ସବ ଚଇତି କାଶୀପୁର ବ୍ଲକ୍‌ରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ୫ ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଆହୁରି ଚିତ୍ତାକର୍ଷକ କରିବା ପାଇଁ ସଭ୍ୟ ସଭ୍ୟା ମତ ଦେଇଥିଲେ। ସେହିଭଳି ଗତବର୍ଷ ଯେଉଁ ତ୍ରୁଟି ରହିଥିଲା ସେଥିରେ ସୁଧାର ଆଣିବା ପାଇଁ ମଧ ଦାବି କରିଥିଲେ। ବିଭିନ୍ନ ସଂଗଠନକୁ ଅଣଦେଖା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଜିଲାପାଳ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

# ଜିଆଇଇଟିରେ କୃଷକ – କୃଷି ଉଦ୍ୟୋଗୀ ସମ୍ମିଳନୀ

**ଗୁଣପୁର,୧୩।୧୧ ( ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଟି ବଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ମହା ବିଦ୍ୟାଳୟରେ ଜନ ଜାତୀୟ କୃଷି ଉଦ୍ୟୋଗୀ ସମ୍ମିଳନୀ କୃଷକ ଏବଂ କୃଷି ଷ୍ଟାର୍ଟଅପ୍‌ର ସଂଯୋଗୀକରଣ କାର୍ଯକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥା ଏବଂ କୃଷି ମହାବିଦ୍ୟାଳୟ, ଜିଆଇଇଟିର ମିଳିତ ପ୍ରଚେଷ୍ଟାରେ ଏଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ କୃଷି ମହାବିଦ୍ୟାଳୟର ଡିନ ଡ଼. ଭି ଏସ ଦେବଦାସ, କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ସାହୁ, ବୃକ୍ଷ ସମ୍ପନ୍ନ ଅଗ୍ରୋ କେୟାର ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଡ଼. ରଜେଶ୍ୱରୀ ଦାସ , ଆଶା ଏନ୍‌ଜିଓର ପ୍ରୋଗ୍ରାମ କୋର୍ଡିନେଟର ପି ଭେନୁ ଗୋପଳ, ସାଇ ସମୃଦ୍ଧି ସ୍ୱୟଂ ସହାୟକ ଗୋଷ୍ଠୀର ମୁଖ୍ୟ ରଞ୍ଜିତା ପଟ୍ଟନାୟକ ଯୋଗଦେଇ ନିଜର ମନ୍ତବ୍ୟ ପ୍ରକାଶ କରିଛନ୍ତି। କାର୍ଯକ୍ରମରେ ଗୁଣପୁର ଅଞ୍ଚଳର ମହିଳା ଚାଷୀ ଏବଂ ବହୁ କୃଷି ଉଦ୍ୟୋଗୀ ଉପସ୍ଥିତ ଥିଲେ। କୃଷି ମହା ବିଦ୍ୟାଳୟର ପ୍ରଧାପିକା ସୁଚରିତା ପଣ୍ଡା କାର୍ଯକ୍ରମକୁ ପରିଚାଳନା କରିଥିଲେ। ଡ଼. ସୁମନ ଜି ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରଛାତ୍ରୀ।

# ଆସିଲେନି ଜନପ୍ରତିନିଧି, ପଞ୍ଚାୟତ ସମିତି ବୈଠକ ବାତିଲ

**୨୦ ସଦସ୍ୟଙ୍କ ଭିତରୁ କେବଳ ବ୍ଲକ ଅଧକ୍ଷା ଉପସ୍ଥିତ**

**ଗୁଡାରି,୧୩।୧୧ (ପ୍ରମୋଦ କୁମାର ପତି)**

କୋରମ ଅଭାବରୁ ରାୟଗଡା ଜିଲା ଗୁଡାରି ପଞ୍ଚାୟତ ସମିତିର ଦଶମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇପାରିଲା ନାହିଁ। ଗୁରୁବାର ପୂର୍ବାହ୍ନ ୧୦ଟାରେ ପଞ୍ଚାୟତ ସମିତି ସଭା ଗୃହରେ ବୈଠକ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ବ୍ଲକ୍‌ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ବୈଠକରେ ଯୋଗଦେଇଥିବା ବେଳେ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ଶବର ଙ୍କ ବ୍ୟତୀତ କୌଣସି ପିଆରଆଇ ସଦସ୍ୟ ଉପସ୍ଥିତ ନ ଥିଲେ। ବ୍ଲକର ମୋଟ ୯ଟି ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଧାୟକ ଓ ଏମ୍‌ପି ମୋଟ ୨୦ ଜଣଙ୍କ ମଧ୍ୟରୁ ଏହି ବୈଠକରେ କେବଳ ବ୍ଲକ ଅଧକ୍ଷା ଉପସ୍ଥିତ ଥିଲେ। ବିଡ଼ିଓ ସୁଚିସ୍ମିତା ବେହେରାଙ୍କ କହିବାନୁଯାୟୀ, ବୈଠକ ନିମନ୍ତେ ଏକ ତୃତୀୟାଂଶ ସଭ୍ୟ ଅର୍ଥାତ ୭ ଜଣ ଉପସ୍ଥିତ ରହିବା ବାଧ୍ୟତାମୂଳକ । ଆବଶ୍ୟକ ସଭ୍ୟ ଉପସ୍ଥିତ ନ ଥିବାରୁ ବୈଠକ ହୋଇପାରିଲା ନାହିଁ। ଅଧକ୍ଷାଙ୍କ ନିଷ୍ପତ୍ତି କ୍ରମେ ଖୁବ୍‌ଶୀଘ୍ର ପରବର୍ତ୍ତୀ ବୈଠକ ନିମନ୍ତେ ତାରିଖ ଧାର୍ଯ୍ୟ କରାଯିବ ଏବଂ ସମସ୍ତଙ୍କୁ ପୂର୍ବରୁ ଚିଠି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଅନୁପସ୍ଥିତ ନେଇ ଅସଡ଼ା ସରପଞ୍ଚ ସୁଦାମ ଶବର କହିଛନ୍ତି, ବୈଠକରେ ଆମ ଉପସ୍ଥାପନାକୁ ଗୁରୁତ୍ୱ ଦିଆଯାଉନାହିଁ ଏବଂ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଭୋଟିଂ ମଧ ହୋଇଛି ଓ ଭୋଟ ବକ୍ସରେ ଫଳାଫଳ ରହିଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଫଳାଫଳ ଘୋଷଣା କରାଯାଇନାହିଁ। ଫଳାଫଳ ଘୋଷଣା ପରେ ସମସ୍ତ ୧୭ ଜଣ ସଦସ୍ୟ ପରବର୍ତ୍ତୀ ବୈଠକରେ ଯୋଗଦେବୁ। ସେହିପରି ଏ ସମ୍ପର୍କରେ ବ୍ଲକ ଉପାଧକ୍ଷ ବିଶ୍ୱନାଥ ଶବର କହିଛନ୍ତି, ଅନାସ୍ଥା ଭୋଟିଂ ଫଳାଫଳ ଘୋଷଣା ପରେ ପଞ୍ଚାୟତ ସମିତି ବୈଠକରେ ଯୋଗଦେବୁ। ତେବେ ଏହାକୁ ନେଇ ଗୁଡାରି ରାଜନୀତି ସରଗରମ ହୋଇଛି।

ସୂଚନାଯୋଗ୍ୟ, ପଞ୍ଚାୟତ ସମିତି ବୈଠକ ନେଇ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପିଆର ଆଇ ସଦସ୍ୟଙ୍କୁ ଗତ ୪ ତାରିଖରେ ଚିଠି ପ୍ରଦାନ କରାଯାଇଥିଲା। ଏହାଛଡ଼ା ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ମୁଖ୍ୟ ଙ୍କୁ ବୈଠକ ରେ ଉପସ୍ଥିତ ରହିବା ପାଇଁ ମଧ ପୂର୍ବରୁ ସରକାରୀ ଭାବେ ଚିଠି ପ୍ରଦାନ କରାଯାଇଛି।



ବ୍ଲକ ଅଧକ୍ଷା, ବିଡିଓ ଏବଂ ବିଭାଗୀୟ ଅଧିକାରୀ।

# ଗ୍ରାମୀଣ ଅର୍ଥନୀତିର ବିକାଶରେ ମାଛ, କୁକୁଡ଼ାଚାଷ ସହାୟକ ହୋଇପାରିବ

ମାଲକାନଗିରି,୧୩।୧୧(ସୁଚିତ୍ରା ଦାସ)

ମାଲକାନଗିରି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ସ୍ଥାନୀୟ ମଲିକେଶ୍ୱର ମନ୍ଦିର ପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମି ମେଳା ଓ ପ୍ରଦର୍ଶନୀକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାଲକାନଗିରି ଖଣ୍ଡୀୟ ବନାଧିକାରୀ ସୁଧାଂଶୁ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସିଡିଭିଓ ଗଗନ ଚରଣ ନାୟକ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅଧିକାରୀ।

ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ୪ଜଣ ଅଗ୍ରଣୀ ମତ୍ସ୍ୟଚାଷୀ ଏବଂ ୩ ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ପାଇଁ ଗୋଟିଏ ସ୍ୱୟଂ ସହାୟକ ଦଳ ମୋଟ ୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମତ୍ସ୍ୟ ବିଭାଗର ୨ ଜଣଙ୍କୁ କାର୍ଯ୍ୟାଦେଶ ଓ ପ୍ରାଣିସମ୍ପଦ ବିଭାଗର ୨ ଜଣଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କୃଷକ-ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡା. ଅମିୟ କୁମାର ମହାନ୍ତି ଯୋଗଦେଇ ଚାଷୀଙ୍କୁ ମତ୍ସ୍ୟଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପ୍ରାଣୀ ପାଳନ ଓ ମତ୍ସ୍ୟ ଚାଷରେ ଉତ୍ପାଦନ ବୃଦ୍ଧି କରିବା, ଗୁଣାତ୍ମକତାରେ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ପ୍ରାଣୀ ପାଳନ, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ କିପରି ସହାୟକ ହୋଇପାରିବ ସେ ସମ୍ପର୍କରେ ଅଭିଜ୍ଞମାନେ ମତ ଦେଇଥିଲେ। ପ୍ରାଣୀଧନ ନିରୀକ୍ଷକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

**ମାଲକାନଗିରି ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା**

# ଜିଲା ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗକୁ ଖଣ୍ଡନକଲା ବିଜେଡି



ଖବରଦାତା ସମ୍ମିଳନୀରେ ବିଜେଡି ନେତା ସୂଚନା ଦେଉଛନ୍ତି।

ମାଲକାନଗିରି,୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ନକଲି ଆଦିବାସୀ ଜାତି ପ୍ରମାଣପତ୍ର ଦେଇ ପଦବୀ ହାତେଇଥିବା ବିଏସ୍‌ପିର ଅଭିଯୋଗକୁ ଜିଲା ବିଜେଡି ଖଣ୍ଡନ କରିଛି। ମାଲକାନଗିରି ଜିଲା ସଦର ମହକୁମାରେ ଜିଲା ବିଜେଡି ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ମାନସ ମାଡକାମି ଉପସ୍ଥିତ ରହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ଟାଙ୍ଗୁଲୁ ଜଣେ କୋଟିଆ ଆଦିବାସୀ ସମ୍ପ୍ରଦାୟର ମହିଳା। ତାଙ୍କୁ ଜିଲା ପ୍ରଶାସନ ତରଫରୁ ଜାତିଗତ ପ୍ରମାଣପତ୍ର ଦିଆଯାଇଛି। ଯଦି ଉକ୍ତ ପ୍ରମାଣପତ୍ରକୁ ମିଥ୍ୟା ପ୍ରମାଣ କରୁଛନ୍ତି, ତେବେ ବିଏସ୍‌ପି ନେତା ଜାରା ଶବର ମାଡ଼ି ଆଇନର ଦ୍ୱାରସ୍ଥ ହୁଅନ୍ତୁ। ମିଥ୍ୟା ଆକ୍ଷେପ କରି ଜଣକୁ ବଦନାମ କରିବା ଠିକ୍ ନୁହେଁ ଏବଂ ଏହାକୁ ଆମେ ଘୋର ନିନ୍ଦା କରୁଛୁ ବୋଲି ଜିଲା ସଭାପତି ମାଡକାମି ପ୍ରକାଶ କରିଛନ୍ତି। ଏହାବ୍ୟତୀତ ବିଏସ୍‌ପି ନେତା ମାଡ଼ିଙ୍କ ପୁଅକୁ ଚାକିରି ନ ମିଳିବାରୁ ସେ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଥିବା ବିଜେଡି ସଭାପତି ମାଡକାମି କହିଛନ୍ତି। ଯଦି ଆଗାମୀ ଦିନରେ ଏଭଳି କାର୍ଯ୍ୟରୁ ନିବୃତ୍ତ ନ ହୁଅନ୍ତି ତେବେ ସମ୍ପୃକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବରିଷ୍ଠ ନେତା ଘନଶ୍ୟାମ ମାଡକାମି, ପୂର୍ବତନ ଜିଲା ପରିଷଦ ସଭ୍ୟ ଦହନା ଟାଙ୍ଗୁଲୁ, ରବି ରାଜେଶ,କେ ରାହୁଲ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିଶୁକାଠ ସହ ପଟା ଜବତ, ୪ ଗିରଫ

ମାଲକାନଗିରି,୧୩।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଓ ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ପୃଥକ୍ ୨ଟି ସ୍ଥାନରେ ଚଢ଼ାଉ କରାଯାଇ ୪୮ଟି ଶିଶୁ କାଠ ସହ ବହୁ ପରିମାଣର କାଠପଟା ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଭି ୨୪ ଗ୍ରାମର ସଞ୍ଜୟ ବିଶ୍ୱାସ, ମହାନନ୍ଦ ବିଶ୍ୱାସ, ମିଥୁନ କବିରାଜ ଓ ମନ୍ତେକ୍ସ କବିରାଜ।

ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବନାଞ୍ଚଳ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ମାଟମକୋଣ୍ଡା ଅଞ୍ଚଳରେ ଚୋରା କାଠ ଥିବା ବିଶେଷ ସୂତ୍ରରୁ ଖବରପାଇ କର୍ମଚାରୀମାନେ ଚଢ଼ାଉ କରିଥିଲେ । ସେହି ଅଞ୍ଚଳରୁ ମୋଟ ୪୮ଟି ଶିଶୁ କାଠ ଜବତ କରିଥିବା ବେଳେ ଏହି ଘଟଣାରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସେହିପରି ମାଲକାନଗିରି ବନ ବିଭାଗ କର୍ମଚାରୀମାନେ ବାଲିମେଳା ବନାଞ୍ଚଳ ଅଧୀନ ଏମ୍‌ଭି ୨୪ ଗ୍ରାମରେ ଚଢ଼ାଉକରି ଜଣଙ୍କ ଘରୁ ମୋଟ ୬୧ ଗୋଟି ପଟା ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛନ୍ତି। ତେବେ ଗିରଫ ଅଭିଯୁକ୍ତଙ୍କୁ ଫର୍ମ ୪୦ରେ ଜାମିନରେ ଛଡ଼ାଯାଇଥିବା ବନ ବିଭାଗ ତରଫରୁ ସୂଚନା ମିଳିଛି।



ଜବତ କାଠପଟା।

# ୩ରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ



ବୈଠକରେ ଅଧିକାରୀ, ଜନ ପ୍ରତିନିଧି, ସାଂସ୍କୃତିକ ଦଳ ଓ ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି।

**କୋରୁକୁଣ୍ଡାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ**

କୋରୁକୋଣ୍ଡା, ୧୩।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ରେ ବ୍ଲକ୍ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଳନ ନେଇ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ବୈଠକ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଡିଓ ଅମୂଲ୍ୟ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ପାଡ଼ିଆମି ଓ ଘେନୁ ମୁଦୁଲି, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଉପସ୍ଥିତ ଥିଲେ। କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ମୋଟ ୧୨ ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, କଳା ସଂସ୍କୃତି ସଂଘ ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇ ମହୋତ୍ସବ ପାଳନ ନେଇ ସୁଚିନ୍ତିତ ମତାମତ ଦେଇଥିଲେ। ଚଳିତ ମାସ ୩୦ ତାରିଖରେ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ମାଲ୍ୟବାନ୍ତ ନିମନ୍ତେ ବିଭିନ୍ନ ଜଳାଶୟରୁ ପାଣି ଅଣାଯାଇ ମାଉଳି ମା'ଙ୍କ ମନ୍ଦିରରେ ରଖାଯିବ। ଏହାସହ ଜିଲା ମହୋତ୍ସବ ନିମନ୍ତେ ବ୍ଲକ୍‌ଠାରୁ ଏକ କଳସ ଜିଲା ମହକୁମାକୁ ନିଆଯିବ। ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଡିସେମ୍ବର ୩ରେ ଧୁମଧାମରେ ପାଳନ କରାଯିବ। ଏହାସହ ଶାନ୍ତିଶୃଙ୍ଖଳା ରକ୍ଷା, ଲୋକଙ୍କ ଯାତାୟାତର ସୁବ୍ୟବସ୍ଥା, ପାଣି ଓ ବିଦ୍ୟୁତ୍ ଯୋଗାଣ, ସଫାସୁତୁରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ବୃଦ୍ଧାଙ୍କୁ ରକ୍ତଦାନ କଲେ ବ୍ଲକ୍ ଅଧ୍ୟକ୍ଷ

କୋରୁକୋଣ୍ଡା,୧୩।୧୧(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ରକ୍ତଦାନ କରି ଜଣେ ବୃଦ୍ଧାଙ୍କ ଜୀବନ ବଞ୍ଚାଇଛନ୍ତି। କୋରୁକୋଣ୍ଡା ବ୍ଲକ ଚିତପାରି ୩ ପଞ୍ଚାୟତ ପୁରୁଣା ଓର୍କେଲ ଗ୍ରାମର ଦମେଇ ଆଲଙ୍ଗ(୬୦) କିଛିଦିନ ଦିନ ହେବ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ହଠାତ ଦମେଇଙ୍କର ରକ୍ତର ଆଶ୍ୟକତା ପଡିଲା। ଏ ସମ୍ପର୍କରେ ଖବର ପାଇ ବ୍ଲକ ଅଧ୍ୟକ୍ଷ ଜିତୁ ସଙ୍ଗେ ସଙ୍ଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଠିକ ସମୟରେ ଅସୁସ୍ଥ ବୃଦ୍ଧା ମହିଳାଙ୍କୁ ରକ୍ତ ମିଳିଯିବା ଫଳରେ ତାଙ୍କର ଜୀବନ ବଞ୍ଚି ପାରିଥିଲା।

# ସର୍ବୋଚ୍ଚ ମିଲେଟ ଉତ୍ପାଦନ ପାଇଁ କୋରାପୁଟ ଜିଲା ପୁରସ୍କୃତ

କୋରାପୁଟ,୧୩।୧୧(ଅମିତାଭ ବେହେରା)

ଶ୍ରୀଅନ୍ନ ଅଭିଯାନର ଉତ୍କର୍ଷ ପାଇଁ ସର୍ବୋଚ୍ଚ ମିଲେଟ ଉତ୍ପାଦନ, ରାଗି କ୍ରୟ ଆଦି କୋରାପୁଟ ଜିଲା ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି। କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ସମ୍ପର୍କରେ ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ମହିଳା କୃଷକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କୃଷି ସଚିବ ଡ.ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ମିଲେଟ ଚାଷ, ପ୍ରସ୍ତୁତୀକରଣ ଓ ବିପଣନ ପ୍ରକ୍ରିୟାରେ ସର୍ବୋତ୍କୃଷ୍ଟ କାର୍ଯ୍ୟ ନେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲାର ସାମୂହିକ ଉଦ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାରେ ଜିଲାର ନିରନ୍ତନ ନେତୃତ୍ୱକୁ ସମ୍ମାନ ଜଣାଇ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜିଲାପାଳ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ, କୃଷି ବିଭାଗ, ମିଲେଟ ମିଶନ, ସମସ୍ତ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନର ମିଳିତ ଉଦ୍ୟମ ଯୋଗୁ ଜିଲାକୁ ଏହି ପୁରସ୍କାର ମିଳିଥିବା ଜିଲାପାଳ ମହାଜନ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୋରାପୁଟ ଜିଲାପାଳଙ୍କୁ ସମ୍ମାନିତ କରୁଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୁନ୍ଦୁରା,୧୩।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମୈଦାନରେ ବ୍ଲକ ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସ୍ଥାନୀୟ ବିଡିଓ ପି.ମନସ୍ୱିତା, ସମ୍ମାନିତ ଅତିଥି ପଞ୍ଚାୟତସମିତି ଅଧ୍ୟକ୍ଷ ତରୁଣୀସେନ ବିଷୋୟୀ, ଜିଲା ପ୍ରାଣୀଧନ ଅଧିକାରୀ ଲକ୍ଷ୍ମୀଧର ବେହେରା, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ,ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ଜିଲା ପରିଷଦ ସଭ୍ୟା ଓ ସାଧାରଣ ବର୍ଗର ଚାଷୀଙ୍କୁ ୫୦ ପ୍ରତିଶତ ସବ୍‌ସିଡି ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ବ୍ଲକର ୨୨ ଚାଷୀଙ୍କୁ ଗାଇ ମିଳିବା ସହ ସେମାନଙ୍କୁ ସବ୍‌ସିଡି ମଧ୍ୟ ମିଳିଛି। ମାଛ ଚାଷ ପାଇଁ ବନ୍ଧ ଖୋଳୁଥିବା ଚାଷୀମାନଙ୍କୁ ସବ୍‌ସିଡି ଦିଆଯାଇ ସ୍ୱାବଲମ୍ବୀ ହେବା ନେଇ ସରକାର ଯୋଜନା କରିଥିବା ମାଛ ଅଧିକାରୀ ସୋନାଲି ମହାପାତ୍ର କହିଛନ୍ତି। ନିଜ ଅଞ୍ଚଳରେ ଅଣ୍ଡା ଉତ୍ପାଦନ କରି ଆତ୍ମନିର୍ଭରଶୀଳ ହେବାକୁ ବିଭାଗୀୟ ଅଧିକାରୀ ଚାଷୀଙ୍କୁ କହିଥିଲେ। ମା'ବୃନ୍ଦାବତୀ ଏସ୍‌ଏଚ୍‌ଜି ଲିମା ପଞ୍ଚାୟତ ପ୍ରଧାନୀଗୁଡାଙ୍କୁ ଛେଳି ପାଳନ, ମାଛ ଚାଷ ପାଇଁ ବବିତା ନାୟକ



ଅତିଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

କନକଲତା ପେଣ୍ଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ପ୍ରଣୀଧନ ନିରୀକ୍ଷକ ଦେବେନ୍ଦ୍ର ଭଞ୍ଜ ଓ ଲଳିତା ପରଜା ଅତିଥିଙ୍କୁ ମିଶନଶକ୍ତି, ପ୍ରାଣୀଧନ ବିଭାଗ,ମତ୍ସ୍ୟ ବିଭାଗ,ମିଲେଟ ମିଶନ ଓ ଓମଫେଡ ଦ୍ୱାରା ପ୍ରଦର୍ଶିତ ଷ୍ଟଲଗୁଡ଼ିକ ଦେଖାଇଥିଲେ। ମେଳାରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଚାଷୀଙ୍କୁ ଗାଈ, ଛେଳି, ବତକ ଓ କୁକୁଡ଼ା ଚାଷ ନେଇ ବୁଝାଇଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଜଣେ ଚାଷୀ ପିଛା ୨ଟି ଲେଖାଏ ଗାଈ ଦିଆଯାଉଛି। ଆଦିବାସୀ ହରିଜନ ଶ୍ରେଣୀର ଚାଷୀଙ୍କୁ ୭୦ ପ୍ରତିଶତ କୁଡୁମପଦରଙ୍କୁ, ଜୟଲକ୍ଷ୍ମୀ ସାହୁଙ୍କୁ, କୃଷ୍ଣ ନାୟକ ନାରାଗାଁଙ୍କୁ ମାଛ ଚାଷ, ଅନିଲ ପାଣିଗ୍ରାହୀଙ୍କୁ ଗୋପାଳନ, ଅମ୍ରିତା ଗାଦବା ନୂଆଗୁଡା ରାଣୀଗୁଡା ପଞ୍ଚାୟତଙ୍କୁ ଛେଳି ପାଳନ ଏବଂ ଅଭିପ୍ସା ପାତ୍ର ଦିଗାପୁରଙ୍କୁ ବ୍ରୋଏଲୋର କୁକୁଡ଼ା ପାଳନ ପାଇଁ ଅତିଥି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ତୁଷାର ଭଞ୍ଜ, ସୁନ୍ଦର ମାଳି, ଦୈତାରୀ ମଲ୍ଲିକ,ଶିବ ପ୍ରଧାନୀ, ଗୁପ୍ତ ନାୟକ,ସୁରେନ୍ଦ୍ର ପରଜା ଓ ପ୍ରାଣୀଧନ ବିଶେଷଜ୍ଞ ଡା.ଅମ୍ରିତ ବେହେରା,ଡା. ଈଶ୍ୱର ବାବୁ ଓ ଡା.ଭାଗବତ ପାଣିଗ୍ରାହୀ ଯୋଗଦେଇଥିଲେ।



ନାରାୟଣପାଟଣା ବନ୍ଧୁଗାଁର ବିସ୍ଥାପିତ ଦଳିତମାନଙ୍କୁ ନ୍ୟାୟ ଦେବା ଦାବିରେ କନ୍‌ଫେଡେରେଶନ ଅଫ୍ ଦଳିତ ଓବିସି ମାଇନୋରିଟି ଆଣ୍ଡ୍ ଆଦିବାସୀ ଅର୍ଗାନାଇଜେଶନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ– ମନୋରଞ୍ଜନ ମିଶ୍ର)

# ଜିଲାରେ କୁହୁଡ଼ି, ଶୀତ ଯୋଗୁ ଜନ ଜୀବନ ପ୍ରଭାବିତ

ନନ୍ଦପୁର/ପାଡୁଆ/ସୁନାବେଡ଼ା,୧୩।୧୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାରେ ଶୀତର ପ୍ରଭାବ ଦେଖାଦେଇଛି। ନନ୍ଦପୁର ବ୍ଲକ ଅଞ୍ଚଳରେ ସନ୍ଧ୍ୟା ୬ଟାରୁ ସକାଳ ୯ଟା ଯାଏ ରାସ୍ତାଘାଟ କୁହୁଡିରେ ଭରି ରହୁଛି। କୋହଲା ପବନ ସହ ୧୨–୧୩ ଡିଗ୍ରୀର ତାପମାତ୍ରା ଜନଜୀବନ ପ୍ରଭାବିତ କରିଛି। ତୁଷାର ଝଡ଼ ଯୋଗୁ ଡଙ୍ଗରିଆଙ୍କୁ ଧାନ, ମାଣ୍ଡିଆ, ଅଳସି, କନ୍ଦମୂଳ, ଆଳୁ, ଅଦା ଓ ପନିପରିବା ଚାଷ ଅମଳ ଓ ନିତ୍ୟକାର୍ଯ୍ୟ କରିବାରେ ବାଧା ଉପୁଜିଥିବା ଦେଖିବାକୁ ମିଳିଛି। ନନ୍ଦପୁରର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପାହାଡ଼ ଶିଖର କୁହୁଡ଼ି ଆବରଣ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ସେହିପରି ସୁନାବେଡ଼ା ଓ ସେମିଳିଗୁଡ଼ା ସହରର କେତେକ ସ୍ଥାନରେ ଦିନ ୧୦ଟା ଯାଏ କୁହୁଡ଼ି ଲାଗି ରହୁଛି। ସଞ୍ଜ ନଇଁବା ମାତ୍ରେ ଶୀତର ଲହରୀ ମାଡ଼ି ଆସୁଛି। ଗାଁଠାରୁ ସହର ଯାଏ ଜୀବନଯାତ୍ରା ଠପ୍ ହୋଇଯାଉଛି। ଥଣ୍ଡାରେ ସଖାଳୁ ଘରୁ ବାହାରିବା ଅସମ୍ଭବ ହୋଇପଡୁଥିବା ବେଳେ ସହର କୁହୁଡିରେ ଆଚ୍ଛାଦିତ ହୋଇ ରହୁଛି। ଜିଲାର ଅନେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ଥିବା ବେଳେ କେତେକ ସ୍ଥାନରେ ୭ ଡିଗ୍ରୀ ତଳେ ଥିବା ରେକର୍ଡ ହୋଇଛି। ଏଭଳି ସ୍ଥିତିରେ ଖୋଲାରେ ରାତ୍ରିଯାପନ କରୁଥିବା ଲୋକ ଶୀତ ଦାଉରୁ ରକ୍ଷା ପାଇଁ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି।



ସୁନାବେଡ଼ା ଅଞ୍ଚଳ ଶୀତ ଯୋଗୁ କୁହୁଡ଼ିରେ ଆଚ୍ଛାଦିତ ହୋଇରହିଛି।

# ଉଠାଦୋକାନ ଜବରଦଖଲ ଉଚ୍ଛେଦକଲା ପ୍ରଶାସନ

ଜୟପୁର,୧୩।୧୧(ପବନ ପାଣିଗ୍ରାହୀ)

ଜୟପୁର ପ୍ରଶାସନ ପକ୍ଷରୁ ଜାତୀୟ ରଜପଥ କଡ଼ ଓ ଏମ୍‌ଜି ରୋଡ୍‌ରେ ଜବରଦଖଲକାରୀ ୧୬ ଉଠାଦୋକାନୀଙ୍କୁ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଉଚ୍ଛେଦ କରାଯାଇଛି। ରାଜସ୍ୱ ବିଭାଗ, ପୌରପାଳିକା ଓ ପୋଲିସର ମିଳିତ ଭାବେ ପେପର ମିଲ ଛକଠାରୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଯାଏ ଉଚ୍ଛେଦ କରିଥିଲେ। ଉଠାଦୋକାନୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ ବିକ୍ରି କରୁଥିବା ବେଳେ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିଲା। ସ୍ଥାନୀୟ ତହସିଲଦାର ସବ୍ୟସାଚୀ ଜେନା, ପୌରପାଳିକା, ପୋଲିସଙ୍କ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜବରଦଖଲକରି ଉଠାଦୋକାନ ପକାଇଲେ ଜରିମାନା ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି।

# ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା ଦାବି

ନନ୍ଦପୁର,୧୩।୧୧(ତୁଷାରକାନ୍ତ ମହାନ୍ତି)

**ପିଅନ ସଂଘର ବୈଠକ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ପଞ୍ଚାୟତ ପିଅନ ସଂଘ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦପୁର ବ୍ଲକ ପିଅନ ସଂଘ ସଭାପତି ନନ୍ଦ ପାଇକ, ଉପସଭାପତି ଅର୍ଜୁନ କିର୍ସାନୀ, ସମ୍ପାଦକ ମଙ୍ଗରାଜ ତାମାର୍ବି, ସାମାଜିକ କର୍ମୀ ଆକାଶ ଖିଲ, ୨ ମହିଳା ଓ ୨୧ ପୁରୁଷ ପିଅନ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନମାନଙ୍କ ପ୍ରତି ରାଜ୍ୟ ସରକାର ଅଣଦେଖା କରୁଥିବା ନେଇ ଆଲୋଚନା ହୋଇଥିଲା। ପିଅନମାନଙ୍କ ନିଯୁକ୍ତିରେ ସ୍ଥାୟିତ୍ୱ ନ ଥିବା, ଉଚିତ ଦରମା ନାହିଁ, ବୟସାଧିକ ପିଅନଙ୍କ ପାଇଁ କୌଣସି ସୁରକ୍ଷା ଓ ସୁବିଧା ନ ଥିବା ଓ ସେମାନଙ୍କ ପରିବାର କେମିତି ଭରଣପୋଷଣ ହେବ ବୋଲି ପ୍ରଶ୍ନ କରିଥିଲେ। ଜିଲାସ୍ତରରୁ ସଙ୍ଗଠିତ ହୋଇ ରାଜ୍ୟ ସଂଘ ଜରିଆରେ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରିବାକୁ ମତ ରହିଥିଲା। ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ୯ ଦଫା ସମ୍ମିଳିତ ଦାବି ଉପସ୍ଥାପନ କରିବା ବୋଲି ବୈଠକରେ ନିଷ୍କର୍ଷ ଆସିଥିବା ପିଅନ ସଂଘ ସଭାପତି ପାଇକ ସୂଚନା ଦେଇଛନ୍ତି।

# ଦେଶୀମଦ ଚାଲାଣ, ୩ ଅଭିଯୁକ୍ତ ଗିରଫ

ଜୟପୁର,୧୩।୧୧(ପବନ ପାଣିଗ୍ରାହୀ)

ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ଓ ଅବକାରୀ ଥାନା ମିଳିତ ଭାବେ ଚଢ଼ାଉକରି ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ସାନ ଜିଉନା ଗ୍ରାମର ପବିତ୍ର ନାୟକ, ଫାମ୍ପୁଣିର ଧନପତି ଗୌଡ଼ଙ୍କ ସହ ଜଣେ ମହିଳା। ସୂଚନା ଅନୁଯାୟୀ, ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଥାନା ଓ ନିରୀକ୍ଷକ କାର୍ଯ୍ୟାଳୟ ସାନ ଜିଉନା ସହ ଫାମ୍ପୁଣିର ୨ ସ୍ଥାନରେ ଚଢ଼ାଉକରି ୩୧ ଲିଟର ଦେଶୀ ମଦ ଜବତ କରିଛି। ୩ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରୀ ହିରନ ସୂଚନା ଦେଇଛନ୍ତି।

# ଜନସଂଖ୍ୟା ଦୃଷ୍ଟିରୁ ଯୋଜନା ପ୍ରସ୍ତୁତ ନେଇ ଅମୃତ ୨.୦ ବୈଠକ

କୋରାପୁଟ,୧୩।୧୧(ଅମିତାଭ ବେହେରା)

ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟି ଦେଇ ଯୋଜନା ପ୍ରସ୍ତୁତ ଉଦ୍ଦେଶ୍ୟରେ କୋରାପୁଟ ଜିଲା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅମୃତ ୨.୦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲା ସହରାଞ୍ଚଳ ଉନ୍ନୟନ ଅଧିକାରୀ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ,ସମସ୍ତ ବିଡିଓ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାସ୍ତା, ପାନୀୟ ଜଳ, ଡ୍ରେନେଜ୍, ସର୍ବସାଧାରଣ ବ୍ୟବହାର ନେଇ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ ଓ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ ଆଲୋଚନା ହୋଇଥିଲା। ସର୍ଭେ ପାଇଁ ଦାୟିତ୍ୱ ନେଇଥିବା ଘରୋଇ କମ୍ପାନୀ ପ୍ରତିନିଧି ସୁଦର୍ଶନ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

# ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ସିବିଆଇ

## ପୋଲିସ ଏସ୍ଆଇ ଜାଲିଆତି ଘଟଣା

- ସିବିଆଇକୁ ଦସ୍ତାବିଜ ହସ୍ତାନ୍ତର କଲା କ୍ରାଇମ୍ବ୍ରାଞ୍ଚ
- ବ୍ରହ୍ମପୁର ଯାଇ ଛାନ୍‌ଭିନ୍ କରିବ ସିବିଆଇ ଟିମ୍
- ୨ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର,୧୩।୧୧(ତ୍ରିନାଥ ମହାନ୍ତି)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ଜାଲିଆତି ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଜ୍ୟ ସରକାରଙ୍କ ସୁପାରିସକୁ କେନ୍ଦ୍ର ସରକାରଙ୍କ କାର୍ମିକ ସାଧାରଣ ଅଭିଯୋଗ ଓ ପେନ୍ସନ୍ ମନ୍ତ୍ରଣାଳୟ ଅଧୀନସ୍ଥ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ମଞ୍ଜୁର କରିବା ପରେ ସିବିଆଇ ଗୁରୁବାର ମାମଲା ରୁଜୁ କରିଛି। ଶଙ୍କର ପୃଷ୍ଟିଙ୍କ ସମେତ ୧୧୯ ଜଣ ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ସିବିଆଇର ଜଣେ ଅତିରିକ୍ତ ଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କରାଯାଉଛି। ତଦନ୍ତ ପାଇଁ ତାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏଥିରେ ୩ଜଣ ଡିଏସ୍‌ପି ର୍‍ୟାଙ୍କ୍‌ର ଅଧିକାରୀ ରହିଥିବାବେଳେ ୪ଜଣ ଇନ୍ସପେକ୍ଟର ର୍‍ୟାଙ୍କର ଅଧିକାରୀ ଅଛନ୍ତି। ମାମଲା ରୁଜୁ କରାଯିବା ପରେ ସିବିଆଇ କ୍ରାଇମ୍ବ୍ରାଞ୍ଚକୁ ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ଦାଖଲ କରିବାକୁ କହିଥିଲେ। ସନ୍ଧ୍ୟାରେ କ୍ରାଇମ୍ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ସିବିଆଇ ଅଫିସରେ ପହଞ୍ଚି ସମସ୍ତ କାଗଜପତ୍ର ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ଆବଶ୍ୟକ ପଡ଼ିଲେ ସିବିଆଇକୁ କ୍ରାଇମ୍ବ୍ରାଞ୍ଚ ସହାୟତା କରିବ। ଏଥିସହ ସନ୍ଧ୍ୟାରେ ସିବିଆଇର ତଦନ୍ତକାରୀ ଅଧିକାରୀ ବି.ସାମଲ କ୍ରାଇମ୍ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ରତ୍ନପ୍ରଭା ଶତପଥୀଙ୍କ ସହ ମାମଲା ସମ୍ପର୍କରେ ଆଲୋଚନା କରିଛନ୍ତି। ଘଟଣାରେ କେଉଁମାନଙ୍କ ମୁଖ୍ୟ ଭୂମିକା ରହିଥିଲା, କିଏ କିଏ ଏହା ପଛରେ ଅଛନ୍ତି, ସବୁ କିଛି ସିବିଆଇ ପଚାରି ବୁଝିଥିଲା। ଶୁକ୍ରବାର ସିବିଆଇର ଏକ ଟିମ୍ ବ୍ରହ୍ମପୁରର ଗୋଳନ୍ଥରା ଥାନାକୁ ଯାଇ ମଧ୍ୟ ଛାନ୍‌ଭିନ କରିବ ବୋଲି ଜଣାପଡ଼ିଛି। ଆଗାମି ଦିନରେ ସିବିଆଇ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ଏକାଧିକ ଲୋକଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ସହ ଗିରଫ ହୋଇ ଜାମିନରେ ଥିବା ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଧ୍ୟ ସିବିଆଇ ଜେରା କରିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ ପରୀକ୍ଷାର୍ଥୀ ବରଗଡ଼ର ଶେଖର ସାହୁ ଏବଂ କଳାହାଣ୍ଡିର ପ୍ରକାଶ ସାହୁଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ବିଶ୍ୱରଞ୍ଜନ ବେହେରା ଓରଫ ତଫିମ୍ ଅହମ୍ମଦ ଖାନ୍‌ଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଆସନ୍ତା ୨୦ରେ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସୁରେଶ ନାୟକଙ୍କ ଜାମିନ ଆବେଦନର ଶୁଣାଣି ହେବାର ଅଛି।

ସିବିଆଇ ଏବେ ମାମଲାର ତଦନ୍ତ ଆରମ୍ଭ କରିଥିବାରୁ ଏହି ର୍‍ୟାକେଟରେ ସମ୍ପୃକ୍ତ ଥିବା ବଡ଼ ବଡ଼ ଅଫିସରଙ୍କ ଛାତି ଧଡ଼ ଧଡ଼ ହେଲାଣି। କାରଣ ସେମାନେ ଶଙ୍କର ଏବଂ ମୁନାଙ୍କୁ ପରୋକ୍ଷରେ ଜାଲିଆତି କରିବାରେ ସହଯୋଗ କରିଛନ୍ତି। ବିଶେଷକରି ଓପିଆର୍‌ବି ଏବଂ ପୋଲିସ ବିଭାଗର କେତେଜଣ ଅଧିକାରୀଙ୍କ ହାତ ମଧ୍ୟ ରହିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। କ୍ରାଇମ୍ବ୍ରାଞ୍ଚ ତଦନ୍ତ କରୁଥିବାରୁ ସେମାନଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ହେଲେ ଏବେ ତଦନ୍ତ ଭାର ସିବିଆଇ ନେବାରୁ ଏହି ବଡ଼ବାବୁମାନେ ଫସିବେ ବୋଲି କୁହାଯାଉଛି। ସେମାନଙ୍କ ଲିଙ୍କ୍ ଆସିବା ପରେ ସିବିଆଇ ଅଫିସକୁ ଡକାଯାଇ ଜେରା କରାଯିବ ବୋଲି ସୂଚନା ମିଳିଛି।

## ଶଙ୍କର ପୃଷ୍ଟିଙ୍କ ସମେତ ୩ ଜଣଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

### ୨ ଦଲାଲଙ୍କ ଜାମିନ ଖାରଜ

ବ୍ରହ୍ମପୁର,୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକ ଓ ଦଲାଲ୍ ଅରବିନ୍ଦ ଦାସଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ଆସନ୍ତା ୨୦ ତାରିଖରେ ଏହାର ଶୁଣାଣି ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷରେ ଗୁରୁବାର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ୨ ଦଲାଲ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନ୍‌ଙ୍କ ଜାମିନ ଖାରଜ କରିଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ବ୍ରହ୍ମପୁର ଜେଏମ୍ଏଫସି (ଗ୍ରାମାଞ୍ଚଳ)ରେ କ୍ରାଇମ୍ବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିଲା। କୌଣସି କାରଣରୁ ତଦନ୍ତ ଅଧିକାରୀ(ଆଇଓ) କୋର୍ଟରେ ଉପସ୍ଥିତ ହୋଇ ନ ଥିବାରୁ ଏହାର ଶୁଣାଣି ହୋଇପାରିନାହିଁ। ତଦନ୍ତ ଅଧିକାରୀ କୋର୍ଟରେ ଉପସ୍ଥିତ ହେବା ପରେ ଏହାର ଶୁଣାଣି ହେବ ବୋଲି ଜଣାପଡ଼ିଛି। ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶଙ୍କୁ ଗିରଫ କରି ଲଗାତାର ଜେରା କରିଥିଲା। ପରବର୍ତ୍ତୀ ସମୟରେ ଶଙ୍କରଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ମୁହାଁମୁହିଁ ଜେରା ପରେ ଗୋଟିଏ ଦିନରେ ଅର୍ଥାତ୍ ଗତ ୪ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ଏହାପରେ କ୍ରାଇମ୍ବ୍ରାଞ୍ଚ ପୁଣି ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦଙ୍କୁ ୫ ତାରିଖରେ ରିମାଣ୍ଡରେ ନେଇ ଜେରା ପରେ ୮ ତାରିଖରେ କୋର୍ଟ ହାଜର କରି ଜେଲ ପଠାଇଥିଲା। ସେହିଦିନ ହିଁ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିବାକୁ ଆବେଦନ ହୋଇଥିଲା। ତଦନ୍ତ ଅଧିକାରୀ କୋର୍ଟରେ ଅନୁପସ୍ଥିତ ରହୁଥିବାରୁ ଏହାର ଶୁଣାଣି ବିଳମ୍ବ ହେଉଛି।

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ବରିଷ୍ଠ କିରାଣି

### ୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ

ଭବାନୀପାଟଣା,୧୩।୧୧
(ଉତ୍ତମ କୁମାର ଦାଶ)


ଧରାପଡିଥିବା ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍ଏସ୍ ଡିଭିଜନର ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କ ସରକାରୀ କ୍ୱାର୍ଟର୍ସରେ ପେନ୍‌ସନ୍ ସୁବିଧା ବୃଦ୍ଧି ପାଇଁ ଫାଇଲ ପ୍ରକ୍ରିୟାକରଣ କରିବାକୁ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ (ଅଭିଯୋଗକାରୀ)ଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଗିରଫ ହୋଇଛନ୍ତି। ପ୍ରକାଶ ଯେ, ୩୧।୦୩।୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ। ସେବେଠାରୁ ସେ କିରାଣି ରାଓଙ୍କୁ ତାଙ୍କର ପେନ୍‌ସନ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରିଆସୁଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ ସେ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାଧ୍ୟ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇଁ ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସକୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ଆଡେ ଲାଞ୍ଚ ଟଙ୍କା ଫିଙ୍ଗିବାକୁ ଉଦ୍ୟମ କରୁଥିବା ସମୟରେ ଭିଜିଲାନ୍ସ ହାତରେ ଧରାପ ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଧରା ପଡିବା ପରେ ତାଙ୍କ ଅଫିସ ସମେତ ବଲାଙ୍ଗୀର, ବ୍ରହ୍ମପୁରରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଏ ନେଇଁ ଭିଜିଲାନ୍ସ ବିଭାଗ ଏକ ମାମଲା ନଂ (୩୪/୨୦୨୫) ରୁଜୁ କରି ସଂଧ୍ୟାରେ ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରିଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

### ପୀଡ଼ିତାଙ୍କୁ ୪ ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର,୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ରୋହିତ ଲାଲ ପଣ୍ଡା ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ସାବନ କୁମାର ନାୟକ(୩୦)। ଏଥିସହ ୫୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ଦିଗପହଣ୍ଡି ଅଞ୍ଚଳର ନାବାଳିକା ଓ ତାଙ୍କ ପରିବାର ତାମିଲନାଡୁର କୋଏମ୍ବାଟୋରରେ ଏକ ଇଟା କାରଖାନାରେ କାମ କରି ସେଠାରେ ରହୁଥିଲେ। ଅଭିଯୁକ୍ତ ସାବନ ମଧ୍ୟ ସେଠାରେ କାମ କରୁଥିବା ବେଳେ ନାବାଳିକାଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ପରେ ନାବାଳିକା ତାଙ୍କ ପରିବାର ସହ ନିଜ ଗାଁକୁ ଫେରିଥିଲେ। ୨୦୨୨ ଡିସେମ୍ବର ୧୬ ତାରିଖରେ ନାବାଳିକା ଜଣଙ୍କ ନିଖୋଜ ହୋଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରିବା ପରେ ଝିଅକୁ କୋଏମ୍ବାଟୋରରେ କାମ କରୁଥିବା ସାବନ ନେଇଯାଇଥିବା ଜାଣିବାକୁ ପାଇଥିଲେ। ୨ ମାସ ଧରି ନାବାଳିକା ଜଣଙ୍କ ସାବନଙ୍କ ଦ୍ୱାରା ବଳାତ୍କାରର ଶିକାର ହେବା ସହ ମାନସିକ ଓ ଶାରୀରିକ ନିର୍ଯାତନା ପାଇଥିଲେ। ପରେ ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ସେ ଗାଁକୁ ଫେରି ଘଟଣା ସମ୍ପର୍କରେ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ

### ବିଏନ୍ଆର୍ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ସଶସ୍ତ୍ର ଡକାୟତି

ଲହୁଣୀପଡ଼ା,୧୩।୧୧ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଶସ୍ୟକଳା ପଞ୍ଚାୟତ ଅନ୍ତର୍ଗତ ବାରସୁଆଁ ସ୍ଥିତ ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ବୁଧବାର ରାତିରେ ଶସସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଅଫିସରେ ଥିବା ୩ ଲକ୍ଷ୫୯ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି। ଏନେଇ ଲହୁଣୀପଡ଼ା ଥାନାରେ ଟ୍ରାନ୍ସପୋର୍ଟ ପରିଚାଳକ ତ୍ରୈଲୋକ ଚୌଧୁରୀ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ବାରସୁଆଁ ରେଲୱେ ସାଇଡିଂ ନିକଟରେ ବଜରଙ୍ଗ ଅଗ୍ରୱାଲଙ୍କ ବିଏନଆର ଟ୍ରାନ୍ସପୋର୍ଟିଂ କାର୍ଯ୍ୟାଳୟ ରହିଛି। ବୁଧବାର ରାତି ପ୍ରାୟ ୧୦ ଟାରେ କଳା ଓ ଧଳା ରଙ୍ଗର ୨ଟି ସ୍କୋର୍ପିଓରେ ଦୁର୍ବୃତ୍ତମାନେ କାର୍ଯ୍ୟାଳୟକୁ ଆସିଥିଲେ। କଳା ରଙ୍ଗର ସ୍କର୍ପିଓ ଘୁରି ବୁଲୁଥିବା ବେଳେ ଧଳା ରଙ୍ଗର ସ୍କର୍ପିଓରେ ଥିବା ୫ରୁ୬ଜଣ ଦୁର୍ବୃତ୍ତ କାର୍ଯ୍ୟାଳୟରେ ପଶିଥିଲେ। ଅଫିସରେ ନିୟୋଜିତ ଥିବା ୨ ଜଣ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ସେମାନଙ୍କୁ ମାରପିଟ କରିବା ସହିତ ଭୟଭୀତ କରିଥିଲେ। କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଏବଂ ହାର୍ଡ ଡିସ୍କକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଅଫିସରେ ଥିବା ୩ ଲକ୍ଷ ୫୯ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ଲହୁଣୀପଡା ପୋଲିସ ଖବରପାଇ ଚାରିଆଡେ ନାକାବନ୍ଦୀ କରି ଛାନ ଭିନ କରିଥିଲେ ମଧ୍ୟ କୌଣସି ସୁରାକ ପାଇ ପାରି ନ ଥିଲା। ଗୁରୁବାର ସକାଳେ ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

### ଅର୍ଥ ଆତ୍ମସାତ୍ ମାମଲା

ବଲାଙ୍ଗୀର,୧୩।୧୧
(ବୀରେନ୍ଦ୍ର କୁମାର ଝାଙ୍କର)


କୁଶଧ୍ୱଜ ସାହୁ

ଅର୍ଥ ଆତ୍ମସାତ୍ ଏବଂ ସମବାୟ ସମିତି ପାଣ୍ଠି ହେରଫେର ମାମଲାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ) ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ କୁଶଧ୍ୱଜ ସାହୁଙ୍କୁ ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି। ପୂର୍ବତନ ସମ୍ପାଦକ ସାହୁ ୮ ଲକ୍ଷ ୩୪ ହଜାର ୪ ୮୯ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷର ଏହି ଦୁର୍ନୀତି ହୋଇଥିବା କୁହାଯାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୨୪/୨୫) ରୁଜୁ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଗୁରୁବାର ତାଙ୍କୁ ଗିରଫ କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

DSPL - 352

Handlooms, Textiles & Handicrafts Department Government of Odisha & Film Heritage Foundation (FHF) in association with International Federation of Film Archives (FIAF) Organise

**Film Preservation and Restoration Workshop India-2025**




Venue : Odisha Crafts Museum- Kalabhoomi
Shilpi Vihar, Gandamunda, Pokhariput Road
For Details Please Contact : Sri Jagatdarshi Badamali, Assistant Curator (Mob-9937977883)

OIPR-

Inaugurated by
SRI MOHAN CHARAN MAJHI
HON'BLE CHIEF MINISTER OF ODISHA
ON 12TH NOVEMBER 2025

Event Schedule

SCHEDULE OF HERITAGE FILMS TO BE SCREENED :

14TH NOV 2025
Film Screening : "MEGHE DHAKA TARA (The cloud capped star)"
Time - 06:30PM, Venue: Keshari Talkies

15TH NOV 2025
Film Screening : "SUSMAN"
(Susman is a Film based on our traditional weaving heritage)
Time - 05:00PM, Venue: Kalabhoomi Amphitheater
Film Screening : "DEAD MAN"
Time- 06:30 PM, Venue : Keshari Talkies

16TH NOV 2025
Film Screening : "MANTHAN"
(Manthan is a Film based on Diary Cooperative movement in India)
Time - 05:00PM, Venue: Kalabhoomi Amphitheater
Film Screening : "KANAKALATA"
Time- 06:30 PM, Venue : Keshari Talkies

17TH NOV 2025
Repeat Show : "MAYA MIRIGA"
Time- 06:30 PM, Venue : Keshari Talkies

18TH NOV 2025
Film Screening : "A HISTORY OF VIOLENCE"
Time- 06:30 PM, Venue : Keshari Talkies

Cultural Performances at
Open Air Amphitheater, kalabhoomi
Time : 04:30 PM - Date :14th & 18th Nov 2025

19TH NOV 2025
Closing Ceremony
Time - 05:00 PM, Venue : Kalabhoomi
Chief Guest:
SRI KANAK VARDHAN SINGH DEO
Hon'ble Deputy Chief Minister of Odisha

# ଦୈନିକ ବଜାରର ସମ୍ପ୍ରସାରଣ, ପୁନଃ ନିର୍ମାଣ ଦାବି

ମାଲକାନଗିରି, ୧୩।୧୧ (ଗୌରିଶଙ୍କର ପଣ୍ଡା)

ଦୈନିକ ବଜାର ସମ୍ପ୍ରସାରଣ ଓ ପୁନଃ ନିର୍ମାଣ ଦାବିକରି ମାଲକାନଗିରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପରିବା ବ୍ୟବସାୟୀ, ବରିଷ୍ଠ ନାଗରିକ ସମିତି ଓ ମାଲକାନଗିରି ଚାମ୍ବର ଅଫ୍ କମର୍ସର ସଦସ୍ୟମାନେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ମାଲକାନଗିରି ପୌର ପରିଷଦରେ ୨୨ ବର୍ଷ ତଳେ ପରିବା ବିକ୍ରି ନିମନ୍ତେ କେତେକ ପିଣ୍ଡି ତିଆରି ହୋଇ ବ୍ୟବସାୟୀଙ୍କୁ ଦିଆଯାଇଥିଲା। ଏବେ ତାହା ଶୋଚନୀୟ ଅବସ୍ଥାରେ ରହିଛି। କେତେବେଳେ ସଫେଇ ନାଳରୁ ପାଣି ବି ଆସି ପିଣ୍ଡି ଚାରିପଟେ ଜମାହୋଇ ରହୁଛି ତ କେତେବେଳେ ଟିଣଭାଙ୍ଗି ବର୍ଷାପାଣି ପଡୁଛି ତ କେଉଁ ପିଣ୍ଡି ଛାତରୁ ସିମେଣ୍ଟ ଅତଡା ଖସିଲାଣି। କେତେବେଳେ କେଉଁ ଅଘଟଣ ତାହା କହିହେବ ନାହିଁ। ଖାଉଟିମାନେ ମଧ୍ୟ ପରିବା କିଣିବାବେଳେ ସତର୍କତା ଅବଲମ୍ବନ କରୁଛନ୍ତି। ଏ ବିଷୟରେ ଅନେକଥର ପୌରପାଳିକାକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି କିପରି ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଭଲରେ କରିପାରିବେ ଓ ଖାଉଟିମାନେ ଉତ୍ତମ ପନିପରିବା କିଣିପାରିବେ ସେ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।


ଉପଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

# ସାରସ୍ୱତ ଜଗତର ଅମୂଲ୍ୟ ହୀରା ଥିଲେ ଭାଗୀରଥି



ସାମାଜିକ କର୍ମୀ ଜଗନ୍ନାଥ ପାତ୍ରଙ୍କୁ ମୁଖ୍ୟ ଅତିଥି ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଭାଗୀରଥି ସମ୍ମାନ ପ୍ରଦାନ କରୁଛନ୍ତି।

ନବରଙ୍ଗପୁର, ୧୩।୧୧ (ସଦାଶିବ ପ୍ରହରାଜ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ମୃତି ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଗୀରଥି ପାତ୍ରଙ୍କ ୮୭ତମ ଜୟନ୍ତୀ ସମାରୋହ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁରର ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗୀରଥୀଙ୍କ ଓଡିଆ ସାହିତ୍ୟ ପ୍ରତି ରହିଥିବା ବହୁମୂଲ୍ୟ ଯୋଗଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଗାମୀ ପିଢ଼ି ତାଙ୍କୁ ଅନୁସରଣ କରି ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖନ୍ତୁ ବୋଲି କହିଥିଲେ। ବିଜୟ ମିଶ୍ର ମୁଖ୍ୟ ବକ୍ତା, କବି ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ବିଜୟ ଚୌଧୁରୀ ସମ୍ମାନୀତ ଅତିଥି, ବରେଣ୍ୟ ଅତିଥିଭାବେ ନାରାୟଣପାଟଣା ବିଇଓ ସୁପ୍ରିୟା ନାୟକ ଓ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଭାଗିରଥୀ ଓଡ଼ିଆ ସାହିତ୍ୟ ଜଗତର ଏକ ଅମୂଲ୍ୟ ହୀରା ଥିଲେ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନ ସଭାପତି କବି ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକର ପ୍ରାବନ୍ଧିକ ଓ ସଂଗ୍ରାହକ ଶ୍ରୀରଙ୍ଗ ନାୟକଙ୍କୁ ସାରସ୍ୱତ ସେବା ପାଇଁ ଓ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ସମାଜସେବା ପାଇଁ ଚଳିତ ବର୍ଷର ଭାଗୀରଥି ସମ୍ମାନ ପ୍ରଦାନ କରଯାଇଥିଲା। ଉପସ୍ଥାପିକା ସୁନନ୍ଦିନୀ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ। ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆକାଶବାଣୀ କଣ୍ଠଶିଳ୍ପୀ କସ୍ତୁରୀ ରଥ ଭାଗୀରଥିଙ୍କ ରଚନାରୁ ଶ୍ରୀକୃଷ୍ଣ ଭଜନ ଓ ସୁରେଶ ଚନ୍ଦ୍ର ମହାପାତ୍ର ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରାମ ପ୍ରସାଦ ପାତ୍ର, ସଦସ୍ୟ ବୃନ୍ଦାବନ ପାଢ଼ୀ, ପୂର୍ବତନ ବିଧାୟକ ସଦନ ନାୟକ, ଆଇନଜୀବୀ କିଶୋରୀ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୂର୍ବତନ ସଦସ୍ୟ ବଲ୍ଲଭ କୁମାର ରାଉତ, ମହମ୍ମଦ ତାଜ ଇମ୍ରାନ, ସିରାଜୁଦ୍ଦିନ ଅହମ୍ମଦ, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଅଖିଳ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଶତାୟୁ ବୃଦ୍ଧଙ୍କ ଦେହାନ୍ତ ପରେ ଚକ୍ଷୁଦାନ

କୋରାପୁଟ, ୧୩।୧୧ (ଅମିତାଭ ବେହେରା)


ନାରାୟଣ ମିଶ୍ର

କୋରାପୁଟ ଅରବିନ୍ଦ ନଗରରେ ଜଣେ ଶତାୟୁ ବୃଦ୍ଧ ନାରାୟଣ ମିଶ୍ରଙ୍କ ଦେହାନ୍ତ ପରେ ପରିବାର ପକ୍ଷରୁ ତାଙ୍କ ୨ ଚକ୍ଷୁ ଦାନ କରାଯାଇଛି। ନାରାୟଣ ନୟାଗଡ଼ ଜିଲା ଖୁଣ୍ଟପଡା ଗ୍ରାମର ହୋଇଥିବା ବେଳେ କିଛି ବର୍ଷ ଧରି କୋରାପୁଟ ଅରବିନ୍ଦ ନଗରରେ ଝିଅ ମଞ୍ଜୁଲତା ଓ ଜ୍ୱାଇଁ ଘନଶ୍ୟାମ ରଥଙ୍କ ପାଖରେ ରହୁଥିଲେ। ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ସେ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଦୈନନ୍ଦିନ କାର୍ଯ୍ୟ କରିବା ସହ ଦୈନିକ ଖବରକାଗଜ ବିନା ଚାଷମାରେ ପଢୁଥିବାରୁ ତାଙ୍କ ଦୃଷ୍ଟିଶକ୍ତି ଅନ୍ୟ କାହାର ଜୀବନର ଅନ୍ଧକାରକୁ ଦୂର କରିବା ସହାୟକ ହେବ ବୋଲି ସେ ଚକ୍ଷୁ ଦାନ କରିବାକୁ ଶେଷ ଇଛା ରଖିଥିଲେ। ଏଥିପାଇଁ ଭୁବନେଶ୍ୱର ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଏଲ.ଭି ପ୍ରସାଦ ଚକ୍ଷୁ ବିଭାଗର କେତେଜଣ କର୍ମଚାରୀ ପହଞ୍ଚି ତାଙ୍କ ଶେଷ ଇଛାକୁ ପୂରଣ କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବ୍ଲକସ୍ତରୀୟ ସର୍ଗିଫୁଲରେ ବିଭିନ୍ନ ପ୍ରତିଯୋଗିତା

ଚିତ୍ରକୋଣ୍ଡା, ୧୩।୧୧ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍‌ରେ ୨୦୨୫ ର ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଭାଷଣ, ପ୍ରବନ୍ଧ, ତର୍କ, ସଙ୍ଗୀତ, ନୃତ୍ୟ, ସୃଜନଶୀଳ ଲେଖା, ଏକକ ଅଭିନୟ, ଗ୍ରୁପ୍ ଡାନ୍ସ, ଚିତ୍ରାଙ୍କନ, ଚିତ୍ରକଳା, ବାଦ୍ୟଯନ୍ତ୍ର ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ବିଡିଓ ପ୍ରୀତା କୁମାର ମୁଖ୍ୟ ଅତିଥି, ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ, ୬ଜଣ ଟ୍ରେନି ଆଇଏଏସ୍ କରର୍ଣ୍ଣି ନାର୍ବାଡ଼ିଆ, ଅନୁଷ୍କା ଜୈନ, ପବନ୍ ତେଜ ଏର୍, ମେଘନା ଚକ୍ରବର୍ତ୍ତୀ, ଚିନ୍ମୟ ତିର୍ମିଲ୍ ସିଂ, ଆର୍ଯ୍ୟାନ୍ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଦେବେନ୍ଦ୍ର ଦାସ ଓ ସମ୍ପ୍ରସାରଣ ଅଧିକାରୀ ସୌମ୍ୟରଞ୍ଜନ ସାହୁ ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ଲାଉଡ଼ିଆ, ପଣସପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ରଥ, ବଡ଼ପଡ଼ା ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିଥିଲେ।

## ୮୫ କଇଁଛ ଜବତ, ୩ ଗିରଫ

ମାଲକାନଗିରି, ୧୩।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୋଟୁ ବନାଞ୍ଚଳ ତରଫରୁ ୮୫ ଜୀବନ୍ତ କଇଁଛ ଜବତ କରାଯିବା ସହ ଚୋରାଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପ୍ରାଣ ଗୋପାଳ ଦାସ, ହରଧର ମଣ୍ଡଳ, ସୁଧାଂଶୁ ପାଲ। କଇଁଛ ଚୋରାଚାଲାଣ ହେଉଥିବା ମୋଟୁ ବନାଞ୍ଚଳ ବିଭାଗ ବିଶେଷ ସୂତ୍ରରୁ ଖବରପାଇ ମୋଟୁ ଥାନା ଅନ୍ତର୍ଗତ ଅନନ୍ତପାଲୀ ଗ୍ରାମ ନିକଟରେ ପାଟ୍ରୋଲିଂ କରିଥିଲା। ସେହି ସମୟରେ ଦୁଇଟି ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୮୫ଟି କଇଁଛ ଥିବା ଦେଖିବାକୁ ମିଳିଥିଲା। କଇଁଛ ସହ ୨ମୋଟର ସାଇକେଲକୁ ଜବତକରିବା ସହ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଉକ୍ତ କଇଁଛ ଏମ୍‌ପିଭି ୮୧ ଗ୍ରାମକୁ ଚୋରାଚାଲାଣ ହେଉଥିବା ମୋଟୁ ବନାଞ୍ଚଳ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ୬ ଆଇଏଏସ୍ ଅଧିକାରୀଙ୍କ ଜୟପୁର ପୌରପାଳିକା ପରିଦର୍ଶନ

ଜୟପୁର, ୧୩।୧୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପୌରପାଳିକାକୁ ୬ ଟ୍ରେନି ଆଇଏଏସ ଅଧିକାରୀ ଗସ୍ତ କରି ବିଭିନ୍ନ ଯୋଜନା ନେଇ ଆଲୋଚନା କରିଛନ୍ତି। ଆଇଏଏସମାନେ ପ୍ରଥମେ ପୌରପାଳିକାକୁ ଯାଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀଙ୍କ ସହ ଆଲୋଚନା କରି ସମସ୍ତ କର୍ମଚାରୀଙ୍କୁ ଭେଟିଥିଲେ। ସରକାରଙ୍କ ସମସ୍ତ ଯୋଜନା ବିଷୟରେ ପଚାରି ବୁଝିବା ସହ ଭିଡିଓ ମାଧ୍ୟମରେ ଜୟପୁର ପୌରପାଳିକାରେ ହୋଇଥିବା ସମସ୍ତ କାର୍ଯ୍ୟ ଓ ଯୋଜନାର ପ୍ରଣୟନଗୁଡ଼ିକ ଦେଖିଥିଲେ। ପରେ ସେମାନେ କୁମ୍ଭାରସାହିସ୍ଥିତ ଚିକିତ୍ସାଳୟ, ପାଇଲ ସାହିରେ ଥିବା ପୌର ଉଚ୍ଚ ବାଳିକା ବିଦ୍ୟାଳୟ, ନାଗାର୍ଚ୍ଚି ସାହିର ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ। ମକାପୁଟରେ ନିର୍ମାଣ ହେଉଥିବା ଖତ ପ୍ଲାଣ୍ଟ ବୁଲି ଦେଖିଥିଲେ। ଏସଏସଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ଆଇଏଏସମାନଙ୍କ ମଧ୍ୟରେ ଅବନୀ ଜେନ, ଦୀପକ ଗୁପ୍ତା, ରୋହିତ ଜୟରାଜ, ମୁସ୍କାନ ଗୁପ୍ତା, ହାଡ଼ିୟା ଦିପାଲି ବିନ୍ଦୁଭାଇ ଓ ଅମଲ ପିଭି ଉପସ୍ଥିତ ଥିଲେ। ପୌରପାଳିକା ପକ୍ଷରୁ ସହରରେ ଚାଲିଥିବା ପ୍ରକଳ୍ପ ଗୁଡ଼ିକୁ ଦେଖାଯାଇଥିଲା।


ଜୟପୁର ଉପଜିଲାପାଳଙ୍କ ସହ ୬ ଟ୍ରେନି ଆଇଏଏସ୍ ଅଧିକାରୀ।

# ପଡ଼ିଆରେ ଶେଷହେଲା ବିଜେଡି ପଦଯାତ୍ରା

ପଡିଆ, ୧୩।୧୧ (ଭାସ୍କର ରାଓ)

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଅକ୍ଟୋବର ୯ ତାରିଖରୁ ଆରମ୍ଭ ହୋଇଥିବା ପଦଯାତ୍ରା ଗୁରୁବାର ପଡ଼ିଆ ବ୍ଲକ୍‌ରେ ଶେଷ ହୋଇଛି। ଏହି ଅବସରରେ ପଡ଼ିଆ ବ୍ଲକ୍ ବିଜେଡି ସଭାପତି ସିଏଚ୍ ରବିଟ କୁମାରଙ୍କ ନେତୃତ୍ୱରେ ବ୍ଲକ ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ସମାରି ଟାଙ୍ଗୁଲ, ପୂର୍ବତନ ବ୍ଲକ ସଭାପତି ଏମ୍‌ଡି ଫାରୁକ, ପ୍ରଭାକର ହନ୍ତାଳ, ପୂର୍ବତନ ଜଲା ଯୁବ ସଭାପତି ଡମ୍ବରୁ ବାଘ, ଆଦିବାସୀ ନେତା ଡିଆରଓ ଘନଶ୍ୟାମ ମାଡକାମୀ, ମାଲକାନଗିରି ବ୍ଲକ ସଭାପତି ସର୍ବକୁମାର ବିଶୋଇ, ଜିଲା ଉପ ସଭାପତି କଣ୍ଟେଶ୍ୱର ପଟ୍ଟା, କାଲିମେଳା ଜିଲା ପରିଷଦ-୨ ମମତା ପଡିଆମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ଲୋକେ ଭାଜପା ଏବଂ କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହୋଇ ଥିଲେ। ମାଡକାମୀ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ଆଞ୍ଚଳିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ଖେଳ ପଡିଆରୁ ପଦ ଯାତ୍ରା ବାହାରି ହାଟପଦା ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।


ବିଜେଡିର ପଦଯାତ୍ରା।


**Government of Odisha**
**e-Procurement Notice** No.O-1375
E-mail: rw_boudh@yahoo.co.in
Bid Identification No.Online Tender/05/S.E.R.W. BOUDH/2025-26
NATIONAL COMPETITIVE BIDDING THROUGH e-Procurement
Name of the Work :- Road Works- 36 Nos.
1. Estimated Cost : Rs.5.04 to 44.54 lakh (approximately)
2. Period of Completion : 02 to 03 Calendar Months
3. Date & Time of availability of Bid documents in the Portal : From 13.11.2025, 10.00 AM to 25.11.2025, 5.00 P.M.
4. Last date/time for receipt of bids in the portal : 25.11.2025 upto 5.00 P.M.
5. Last date/time for seeking of Tender Clarification : 24.11.2025 upto 5.00 P.M.
6. Date & Time of opening of Tender/ Bid : 26.11.2025 at 11.00 AM
7. Name & Address of the Officer Inviting Bid : Executive Engineer R.W. Division, Boudh
Further details, corrigendum(s) etc can be seen from the e-procurement portal "Https://www.tendersorissa.gov.in"
Sd./- Executive Engineer
R.W.Division, Boudh
OIPR-

**COLLECTORATE RAYAGADA**
(ST & SC Development Section)
Email Id : dworayagada@gmail.com
DISTRICT WELFARE OFFICE, RAYAGADA
Notice No-4922 Date : 29.10.2025
QUOTATION CALL NOTICE
**No.V-16** : Sealed Quotations are invited from interested reputed Private Manpower Service Provider for providing services of Manpower on contractual (Outsourced) Basis to **District Welfare Office, Rayagada.**
For details visit www.rayagada.odisha.nic.in
OIPR- Sd./- District Welfare Officer, Rayagada

**OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760 004, GANJAM, ORISSA**
Tel : 0680-2292746 // email : mkcgmc.bam@gmail.com/Website : www.mkcgmch.org
No. 21937/Welfare/2025/ Dt.07.11.2025
RECRUITMENT ADVERTISEMENT
By virtue of an affidavit sworn before Notary Public, Borigumma, dated- 18.11.2025, I, RINKIRANI PARIDA(New Name) Address: At- Pallal Saf Fathamunda, for Phyamsundarpur, P.S.- Tihidi, Dist .- Bhadrak, Odisha, 755119 declare that have changed my name from RINKIRANI PALLAI (Old Name) to RINKI RANE Kaina (New Name) Henceforth, I shall be known as RINKI RANI PARIDA (New Name for all purposes. D-2567

## LEGAL NOTICE

Letter No.- 1822
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୯/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ...... ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ଜୟଗୁନ ବିବି, ସ୍ୱାମୀ- ଅବଦୁଲ ହମିଦ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋଷ୍ଟ- ତିରିମାଲ୍ ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୫୫, ପ୍ଲଟ୍ ନମ୍ବର- ୫୮୦(ଅଂଶ), କିସମ- ଶାରଦ ଦୁଇ, ରକବା- ଏ୦.୬୦୫ ଡେସିମିଲ (ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ। ହାଲ: ଖାତା ନମ୍ବର- ୯୧, ପ୍ଲଟ୍ ନମ୍ବର- ୭୨୯, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୬୦୫ ଡେସିମିଲ (ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୫୯

Letter No.- 1825
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୮/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ........ ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ସେକ୍ ସଲା ଉଦ୍ଦିନ, ପିତା- ସ୍ୱର୍ଗତ ସେକ୍ ଅନିମୁଦ୍ଦିନ ରହମାନ, ମାତା - ସ୍ୱର୍ଗତ ସାଫିରାନ ବିବି, ଗ୍ରାମ- ଶଙ୍କରପୁର, ପୋଷ୍ଟ/ଥାନା/ଜିଲ୍ଲା - ଭଦ୍ରକ, ୭୫୬୧୦୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୧୬୭, ପ୍ଲଟ୍ ନମ୍ବର- ୫୮୭(ଅଂଶ), କିସମ- ଶାରଦ ଦୁଇ, ରକବା- ଏ୦.୬୭୫ ଡେସିମିଲରୁ ଏ୦.୧୯୧.୭ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ। ହାଲ: ଖାତା ନମ୍ବର- ୨୧୮, ପ୍ଲଟ୍ ନମ୍ବର- ୭୪୧, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୨୧୫ ଡେସିମିଲରୁ ଏ୦.୧୯୧.୭ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୬୦

Letter No.- 1823
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୭/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ........ ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ବିଶି ଦାସ, ପିତା- ସ୍ୱର୍ଗତ କହ୍ନେଇ ଦାସ, ଗ୍ରାମ- ବେଣାପଞ୍ଜରୀ, ପୋଷ୍ଟ- ତିରିମାଲ୍ ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୨୦୭, ପ୍ଲଟ୍ ନମ୍ବର- ୫୮୪(ସମ୍ପୂର୍ଣ୍ଣ), କିସମ- ଶାରଦ ଦୁଇ, ରକବା- ଏ୦.୩୭୦ ଡେସିମିଲ, ସ୍ୱତ୍ୱ- ଦଖଲ ସ୍ୱତ୍ୱ ବିଶିଷ୍ଟ। ହାଲ: ଖାତା ନମ୍ବର- ୨୦୦, ପ୍ଲଟ୍ ନମ୍ବର- ୭୩୫, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୩୭୦ ଡେସିମିଲ(ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୬୧

Letter No.- 1824
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୬/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ........ ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ଜୟଗୁନ ବିବି, ସ୍ୱାମୀ- ଅବଦୁଲ ହମିଦ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋଷ୍ଟ- ତିରିମାଲ୍ ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୧୮୫, ପ୍ଲଟ୍ ନମ୍ବର- ୪୪୨(ଅଂଶ), କିସମ- ଶାରଦ ଦୁଇ, ରକବା- ଏ୦.୪୫୦ ଡେସିମିଲରୁ ଏ୦.୨୨୫ ଡେସିମିଲ(ଦକ୍ଷିଣ ପାର୍ଶ୍ୱରୁ), ସ୍ୱତ୍ୱ- ସ୍ଥିତିବାନ। ହାଲ: ଖାତା ନମ୍ବର- ୯୧, ପ୍ଲଟ୍ ନମ୍ବର- ୫୬୧, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୨୨୫ ଡେସିମିଲ(ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୬୨

# କାର୍ଯ୍ୟକ୍ରମସ୍ଥଳରୁ ଖବରପ୍ରେରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ

## ମଣ୍ଡେଇ-୨୦୨୫ ଉପଲକ୍ଷେ ପ୍ରଚାର ପ୍ରସାର କମିଟି ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀ, ଖବରଦାତା ଓ ଅନ୍ୟମାନେ।

**ନବରଙ୍ଗପୁର,୧୩।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ-୨୦୨୫ ଉପଲକ୍ଷେ ପ୍ରଚାର ପ୍ରସାର କମିଟି ବୈଠକ ଗୁରୁବାର ସ୍ଥାନୀୟ ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଘଷିଆ ହରିଜନ ମଞ୍ଚାସୀନ ଥିଲେ। ଲକ୍ଷାଧିକ ଜନସାଧାରଣଙ୍କ ଭିଡ଼ରେ ଅତିଥିଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ଜାମର ଲଗାଯାଉଛି। ଯାହାକି ଗଣମାଧ୍ୟମ ପାଇଁ ସମସ୍ୟା ହେଉଛି। ନ୍ୟୁଜ ପଠାଇବା ସମୟ ସୀମାରେ ବାଧା ସୃଷ୍ଟି ହେଉଛି। ତେଣୁ ଖବରପ୍ରସାରଣ ପାଇଁ ଇଣ୍ଟରନେଟ୍‌ର ସୁବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି। ସେହିଭଳି ଗଣମାଧ୍ୟମ ପ୍ରତିନିଧିମାନେ ଖବର ସଂଗ୍ରହ ଓ ଫଟୋ ଉତ୍ତୋଳନ ପାଇଁ ଯେଉଁ ସ୍ଥାନ ଦିଆଯାଉଛି ସେଥିରେ ଅତିଥିଙ୍କ ସହିତ ଆସିଥିବା ଲୋକ ବସିଯାଉଛନ୍ତି। ଏହା ମୁଖ୍ୟ ସମସ୍ୟା ହେଉଛି ବୋଲି କୁହାଯାଇଥିଲା। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ମଞ୍ଚଠାରୁ ବହୁ ଦୂରରେ ଗଣ ମାଧ୍ୟମ ପ୍ରତିନିଧିମାନେ ଫଟୋ ଓ ଭିଡିଓ ଉତ୍ତୋଳନ କରିବାରେ ବହୁ ସମସ୍ୟା ଘଟୁଛି ବୋଲି ଆଲୋଚନା ହୋଇଥିଲା। ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ଓ ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ଖୁଣ୍ଟିଆ କହିଥିଲେ। ବୈଠକରେ ଜିଲାସ୍ତରୀୟ ଖବରଦାତା ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝୀ ସହଯୋଗ କରିଥିଲେ।

# ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନତା

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ଉମରକୋଟ, ୧୩।୧୧ (ସନ୍ତୋଷ ଶତପଥୀ)**

ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ଉମରକୋଟ ବ୍ଲକ ଖାଣ୍ଡାସ୍ଥିତ ଖେଳ ପଡ଼ିଆଠାରେ ଗୁରୁବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକ, ଡାକ୍ତର ମନୋରଞ୍ଜନ ନନ୍ଦ, ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁଚରଣ କିଷାନ, ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝି, ଜିଲା ପରିଷଦ ସଦସ୍ୟ ଚନ୍ଦନ ରାୟ ମଞ୍ଚାସୀନ ଥିଲେ। ଡାକ୍ତର ପ୍ରଜ୍ଞାପାରମିତା ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ଓମ୍‌ଫେଡ୍, ଜଳ ବିଭାଜିକା ବିଭାଗ ପକ୍ଷରୁ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯିବା ସହ ସଚେତନ କରାଯାଇଥିଲା। ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ କିପରି ଲାଭବାନ୍ ହୋଇପାରିବେ ସେ ବିଷୟରେ କୁହାଯାଇଥିଲା। ଏହି ଅବସରରେ ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ପ୍ରାଣୀ ଚିକିତ୍ସକ ଡାକ୍ତର ଆଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚାଷୀଙ୍କୁ ବଣ୍ଟାଗଲା ୩୦୦ କୁଇଣ୍ଟାଲ ଆଳୁ ବିହନ



ଆଳୁ ବିହନ ନେବାକୁ ଆସିଥିବା ଚାଷୀ।

**ଡାବୁଗାଁ, ୧୩।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଡାବୁଗାଁ ଥାନା ସମ୍ମୁଖରେ ଥିବା ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଷୀମାନଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଛି। ଡାବୁଗାଁ ବ୍ଲକ ଚାଷୀମାନଙ୍କ ପାଇଁ ଏ ବର୍ଷ ୧୩୫୦ କୁଇଣ୍ଟାଲ ଆଳୁ ବିହନ ବଣ୍ଟନ କରିବାକୁ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଅଞ୍ଚଳା, ମେଦନା, ଡାବୁଗାଁ, ଚଚରାଗୁଡ଼ା, କୋଇଲାରୀ, ବଡ଼ଓଲମା ଓ ବୋରିଗାଁ ପଞ୍ଚାୟତର ୧୦୦ ଚାଷୀଙ୍କୁ ଆସିଥିବା ୩୦୦ କୁଇଣ୍ଟାଲ ବିହନ ସୋମବାରରୁ ଗୁରୁବାର ମଧ୍ୟରେ ବଣ୍ଟାଯାଇଛି। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବି ଶଙ୍କର ପଣ୍ଡା, ଉଦ୍ୟାନ କୃଷି ଅଧିଦର୍ଶକ ପ୍ରମୋଦ କୁମାର ଗୌଡ ଏହି ବଣ୍ଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଳୁ ବିହନ ଆସି ପହଞ୍ଚିଲେ ଚାଷିମାନଙ୍କୁ ଦିଆଯିବ ବୋଲି ସୂଚନା ମିଳିଛି। ଯେଉଁ ଚାଷୀମାନେ ଆଳୁ ବିହନ ନେବା ପାଇଁ ଇଚ୍ଛୁକ ସେମାନେ ତାଙ୍କ ଆଧାର କାର୍ଡ, ଫଟୋ, ଜମି ପଟ୍ଟା, ବ୍ୟାଙ୍କ ପାସ ବୁକ ନେଇ ଆସିବାକୁ କୁହାଯାଇଛି। ଏଥିସହ ଓଡିଶା ସରକାରଙ୍କ କୃଷକ ଓଡ଼ିଶା ପୋର୍ଟାଲରେ ନାମ ରେଜିଷ୍ଟ୍ରେସନ କରି ଗୋସୁଗମ୍ ପୋର୍ଟାଲ୍‌ରେ ଆବେଦନ କରି ପାରିବେ। ଆଳୁ ଚାଷ କରିବା ପରେ ରିହାତି ରାଶି ଚାଷୀଙ୍କ ବ୍ୟାଙ୍କ ଖାତାରେ ଛଡ଼ାଯିବା ନେଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୂଚନା ଦେଇଛନ୍ତି।

# ପିଉସୀଙ୍କ ପାଖରୁ ଝିଆରୀଙ୍କୁ ଛଡ଼ାଇନେଲା ଭାଲୁ

## ଭାଲୁ ଆକ୍ରମଣରେ ୨ବର୍ଷର ଝିଅ ଗୁରୁତର

**ଝରିଗାଁ,୧୩।୧୧(କିଶୋର ମଣ୍ଡଳ)**



ମାଆ କୋଳରେ ଗୁରୁତର ଭୂମିକା ସାନ୍ତା।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ସଦର ନିକଟସ୍ଥ ବାଇଙ୍ଗାଯୋଡ଼ି ଗ୍ରାମରେ ଗୁରୁବାର ଭାଲୁ ଆକ୍ରମଣରେ ଜଣେ ୨ବର୍ଷର ଝିଅ ଗୁରୁତର ଅଛନ୍ତି। ସେ ହେଲେ ବାଇଙ୍ଗାଯୋଡି ଗ୍ରାମର ଜଲ ସାନ୍ତାଙ୍କ ଝିଅ ଭୂମିକା। ସୂଚନାଯୋଗ୍ୟ, ବାଇଙ୍ଗାଯୋଡ଼ି ଗ୍ରାମର ଜଲ ସାନ୍ତା ଏବଂ ତାଙ୍କ ସ୍ତ୍ରୀ ଜ୍ୟୋତିକା ଘର ନିକଟରୁ ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ଜମିକୁ ଯାଇ ସେଠାରେ ଥିବା ମକା ଫସଲ ସଂଗ୍ରହ କରିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ପିଉସୀ କୁସୁମା ଭୂମିକାଙ୍କୁ ନେଇ ଜମିକୁ ଯାଉଥିଲେ। ସେହି ସମୟରେ ଭାଲୁଟି ଆକ୍ରମଣକରି କୁସୁମାଙ୍କଠାରୁ ଭୂମିକାଙ୍କୁ ଛଡାଇନେଇ କିଛି ଦୂର ଚାଲିଯାଇଥିଲା। କୁସୁମା ଜୋର୍‌ରେ ପାଟି କରିଥିଲେ। ଭାଲୁଟି ରକ୍ତାକ୍ତ ଅବସ୍ଥାରେ ଭୂମିକାଙ୍କୁ ଛାଡ଼ି ଚାଲିଯାଇଥିଲା। ପରିବାର ଲୋକଙ୍କ ସହାୟତାରେ ଭୂମିକାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବାମ ଜଂଘ ହାଡ ଭାଙ୍ଗିଯାଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# କୋଡ଼ିଙ୍ଗା ବଣିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ

**କୋଡ଼ିଙ୍ଗା, ୧୩।୧୧(ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବଣିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ଗୁରୁବାର କରାଯାଇଛି। ତ୍ରିଲୋଚନ ସିଂ ସଭାପତି, ସୁରେଶ ଅଗ୍ରୱାଲ, ସମୀର ଦାସ ଉପସଭାପତି, ସୁନୀଲ ମେହଟ୍ଟା, ଅରୁଣ କୁମାର ବେହୁରିଆ ସମ୍ପାଦକ, ପି. ମାଳିକାର୍ଜୁନ କୋଷାଧ୍ୟକ୍ଷ ଓ ଉପଦେଷ୍ଟା ଭାବେ ଜଗନ୍ନାଥ ଦୋରା, ମ.ଇଲିୟାସଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ନବନିର୍ବାଚିତ ସଭାପତି ବ୍ୟବସାୟୀମାନଙ୍କ ସମସ୍ତ ସମସ୍ୟାକୁ ଗୁରୁତର ଭାବେ ଚର୍ଚ୍ଚା କରାଯିବ ବୋଲି କହିଥିଲେ।



ସଂଘର ନୂତନ କର୍ମକର୍ତ୍ତାମାନେ ।

# ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସହାୟତା ପ୍ରଦାନ

## ପୌରପାଳିକାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ନବରଙ୍ଗପୁର,୧୩।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ପୌରପାଳିକା ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପୌରପାଳିକା ମୁଖ୍ୟ କିରାଣୀ ଅଜୟ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୫୭ ଜଣ ଦିବ୍ୟାଙ୍ଗ ପଞ୍ଜିକରଣ କରିଥିଲେ। ଭିନ୍ନକ୍ଷମଙ୍କ ଦିବ୍ୟାଙ୍ଗ ପ୍ରତିଶତ ଆକଳନ କରିବା ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟର ୨ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଉପସ୍ଥିତ ଥିଲେ। ୯୨ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ବର୍ଗରେ ଦିବ୍ୟାଙ୍ଗତା ପ୍ରମାଣପତ୍ର ଦେବାକୁ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅତିଶୀଘ୍ର ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ସହ ଦିବ୍ୟାଙ୍ଗ ପ୍ରତିଶିତ ଆନୁଯାଇ ଭତ୍ତା ଦିଆଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରାଇ ସାଇକେଲ, ହୁଇଲ୍ ଚେୟାର, ୱାକିଙ୍ଗ ଷ୍ଟିକ, ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ପୌରପାଳିକା କାଉନ୍‌ସିଲର ନଗେନ୍ଦ୍ର ପଟ୍ଟନାୟକ, ଏ. ସତୀଶ, ଶର୍ମିଷ୍ଠା ଦେଓ, ସମେଶ ଖରା, ଆଇ. ମୁରୁଲି କ୍ରିଷ୍ଣା, ପୁନମ ସାହୁ ଓ ମମତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପୌରପାଳିକା କାର୍ଯ୍ୟାଳୟର ଜ୍ୟୋତି ପରିଚ୍ଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଗରୀକା ମାହାକୁଡ଼ , ଲିପିକା ପଣ୍ଡା ଓ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।



ଶିବିରରେ ବିଧାୟକ ଗୌରୀଶଙ୍କର ମାଝୀ ଅଭିଭାଷଣ ଦେଉଛନ୍ତି।

# ଆଜିଠାରୁ ଭାଗବତ ଗୀତା ପ୍ରବଚନ, ଚିନ୍ତାମୁକ୍ତ ରାଜ ଯୋଗ ଶିବିର

**ନବରଙ୍ଗପୁର,୧୩।୧୧(ସଦାଶିବ ପ୍ରହରାଜ)**

ଶ୍ରୀମଦ୍ ଭଗବତ ଗୀତା ଆଧ୍ୟାତ୍ମିକ ରହସ୍ୟ ଓ ଚନ୍ତା ମୁକ୍ତି ରାଜା ଯୋଗ ଶିବିର ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଚୈତନ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ ହେବ ବୋଲି ନବରଙ୍ଗପୁର ବ୍ରହ୍ମ କୁମାରୀଜ୍ ରାଜଯୋଗ ପ୍ରଶିକ୍ଷଣ କେନ୍ଦ୍ରପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏଥିରେ ପ୍ରବଚିକା ଭାବେ ସୁ ପ୍ରବନ୍ଧନ ଓ ବ୍ୟକ୍ତିତ୍ୱ ବିକାଶ ବିଶେଷଜ୍ଞ ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ କୋହ୍ଲାନ ଉପାଞ୍ଚଳ ରାଜ ଯୋଗିନୀ ବ୍ରହ୍ମ କୁମାରୀ ଅଞ୍ଜୁ ଦିଦି ଜୀ ଯୋଗ ଦେବେ ବୋଲି କେନ୍ଦ୍ର ସଞ୍ଚାଳିକା ବି. କେ. ନମିତା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକେ କମଳ ଦିଦି, ବିକେ ରାକ୍ଷୀ ଓ ବିକେ ଗୀତା, ବିକେ ବିଜୟ ମହାପାତ୍ର ଉପସ୍ଥିତ ଥିଲେ। ସର୍ବେଶ୍ୱର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।




## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH

TENDER CALL NOTICE

No.5358/C.S Dt.10.11.2025

No.E-498 : Sealed tenders are invited from registered firms / dealers / agencies for supply of Drugs, consumables, Laboratory reagent & BCL Items for Deogarh District for the year 2025-26. The details, term and condition, guidelines etc. including tender paper format can be downloaded from the district website i.e **www.deogarh.nic.in** or collected from central store. DHH, Deogarh in the official hour by depositing tender paper cost of Rs.5000/- (Non-refundable) in shape of DD in favour of RKS. DHH. Deogarh payable at SBI, Deogarh. The tenders in the prescribed format along with all relevant documents should reach the office of the undersigned by 25/11/2025 by 5.00 PM. through Regd. Post/speed post/courier only and the same will be opened on date- 27.11.2025 at 11.00 AM. The undersigned reserves the right to cancel, accept or reject any or all tenders without assigning any reason thereof.

OIPR- Sd./-CDM & PHO Deogarh

## OFFICE OF THE HEADMASTER KASTURBA GANDHI BALIKA VIDYALAYA, JODINGA

Block: Raighar, Dist.: Nabarangpur, PIN - 764074

Letter No. 21/25 Date: 11.11.25

TENDER CALL NOTICE

Sealed tenders are invited from the registered/reputed firms who having valid GST registration for supply of consumable items (Grocery) & Non-consumable items (Reading, Writing materials) to Kasturaba Gandhi Balika Vidyalaya Jodinga, Block: Raighar, Dist.: Nabarangpur (Odisha). Bids should be submitted in the envelope duly marked on the top **"Tender for supply of Mess Articles"** for mess articles and **"Tender for supply of Reading Writing Materials"** for RWM, to the Headmistress, Kasturaba Gandhi Balika Vidyalaya, Jodinga, Block - Raighar, Dist.: Nabarangpur (Odisha) during office hours by 5.00 P.M. of Dt.25.11.25. The bid document shall be opened at 10.00 A.M. on Dt.26.11.25. In the office of the Headmistress, Kasturaba Gandhi Balika Vidyalaya, Jodinga, Block: Raighar in the presence of the bidders or their authorized representatives. The terms and conditions for the tender can be downloaded from the official website **http://www.osepa.odisha.gov.in** and **www.nabarangpur.odisha.gov.in**.

Sd./- Headmistress
K.G.B.V. Jodinga, Raighar

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER : PURI (DISTRICT TB CELL, PURI)

Notice No. 420/NTEP/Dated. 06.11.2025

SHORT TENDER NOTICE

No.E-503 : Sealed Tenders in prescribed format are invited for supply of additional nutritional support among consented TB patient for PMTBMBA Programme under NTEP.

The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately. The details list, specification, eligibility criteria and Tender Terms and Conditions may be downloaded from District website puri.odisha.gov.in

The sealed Tender will be received through Speed Post, Reg. Post & Courier only on or before 24.11.2025 till 5 P.M. by CDM&PHO, Puri, and the said tender will be opened on 25.11.2025 at 12 Noon in presence of bidders or their authorized representatives in the office of CDM&PHO, Puri and absence of any of them will not be bar to open the Bid. Tenders received incomplete or after the scheduled date & time shall be rejected.

Rate should be quoted for each item in F.O.R destination including all incidental charges, GST.

The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of District Judge situated at Puri, Odisha only.

OIPR- Sd./- Chief District Medical & Public Health Officer, Puri

## NOTICE INVITING BID

## Odisha State Medical Corporation Limited (OSMCL)

In front of Ram Mandir, Convent Square, Unit-III, Bhubaneswar-751 001
Tel. : (0674) 2380950, Website : www.osmcl.nic.in,
Email : drugs-osmcl@od.gov.in

Bid Ref. No. : OSMCL/2025-26/DRUGS-DHS-ACD-RE-TENDER/07 Date : 12.11.2025

**No.CAD-2273** : Online Bids through e-Tender portal (https://tendersodisha.gov.in) are invited from eligible bidders for Supply of Anti-Cancer Drugs (Re-Tender) for the year 2025-26 as per the particulars mentioned below :

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 12.11.2025, 3.00 P.M. | |
| 2. | Date & time for submission of queries by E-Mail to Id drugs-osmcl@od.gov.in | 15.11.2025, up to 5:00 P.M. | |
| 3. | Date & time of Online bid submission | Start Date & Time<br>18.11.2025, 3.00 P.M. | End Date & Time<br>08.12.2025, 6.00 P.M. |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time<br>09.12.2025, 10.00 A.M. | End Date & Time<br>16.12.2025, 11.00 A.M. |
| 5. | Date & time of online Technical bid opening | 16.12.2025, 11:30 A.M. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notices will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR- Sd./- Managing Director OSMC Ltd., Odisha

## ଓଡ଼ିଶା ସରକାର
## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର

E-Mail: serwcirclesbp@yahoo.com

Office Order No. 4102 Dated: 12.11.2025

1st Corrigendum Bid Identification No.
Road Tender Online RWCSBP-20/2025-26

No. O-1431: Following modifications are hereby made to the notice inviting tender vide this office Bid ID No. Road tender Online RWCSBP-20/2025-26.

1. The availability of tender online for bidding may be read as 24.11.2025 from 11.00 A.M. to 09.12.2025 upto 5.00 P.M. instead of from 03.11.2025 from 11.00 A.M. to 17.11.2025 upto 5.00 P.M.
2. The last date & time for seeking clarification may be read as 06.12.2025 upto 5.00 P.M. instead of 15.11.2025 upto 5.00 P.M.
3. The date & time of technical opening bid may be read as 10.12.2025 at 11.00 A.M. instead of 18.11.2025 at 11.00 A.M.

All other terms and condition remain unchanged.

OIPR- Sd./- Chief Construction Engineer R.W. Circle, Sambalpur

## ODISHA HYDRO POWER CORPORATION LTD.

OHPC (A Gold Rated State PSU)
O/o. Sr. General Manager, Rengali Hydro Electric Project, Rengali
P.O.: Rengali Dam Site, Dist.: Angul (Odisha), PIN - 759105
Tel.: 06760-266031, Email: sgmel500@gmail.com

No. OHPC/RHEP/TW/WKS-III/20/8266 Dated: 12.11.2025

ବିଜ୍ଞପ୍ତି

No. CAD-2288: ଏତଦ୍ୱାରା ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳର ସମସ୍ତ Non-OHPC ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସ୍ଥାନୀୟ ବିଦ୍ୟୁତ୍ ବଣ୍ଟନ ଭାର ବିଦ୍ୟୁତ୍ ବିତରଣ କମ୍ପାନୀ Tata Power (TPCODL)କୁ ହସ୍ତାନ୍ତରହେବା ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଅତି ଶୀଘ୍ର ସମ୍ପୂର୍ଣ୍ଣ ହେବ। ତେଣୁ ଆପଣମାନଙ୍କୁ ସବିଶେଷ ଅନୁରୋଧ ଯେ, ଆପଣମାନେ ଯଥାଶୀଘ୍ର ରେଙ୍ଗାଳିସ୍ଥିତ ପୁରାତନ ନବୋଦୟ ବିଦ୍ୟାଳୟ ପରିସରରେ ଥିବା ଟି.ପି.ସି.ଓ.ଡି.ଏଲ୍. କ୍ୟାମ୍ପ ଅଫିସ୍‌ରେ ଯୋଗାଯୋଗ କରି ଉପଭୋକ୍ତା ହେବା ପାଇଁ ଆବଶ୍ୟକୀୟ ନଥିପତ୍ର (Document) ଦେଇ ଆବେଦନ କରନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଲେ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ (OHPC Ltd.) କର୍ତ୍ତୃପକ୍ଷ, ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳ ଦାୟୀ ରହିବେ ନାହିଁ।

OIPR- ସ୍ୱା./– ବରିଷ୍ଠ ସାଧାରଣ ପରିଚାଳକ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI (MEDICAL WINGS)

R.F.P No. : 12691/25-Diet DHH-38-(B) Date : 07.11.2025

REQUEST FOR PROPOSAL (R.F.P) FOR OUTSOURCING OF DIET SERVICES FOR INDOOR PATIENTS OF D.H.H, MALKANGIRI

No.E-502 : Sealed R.F.Ps are invited from the eligible reputed registered Company / Firm / Society / Trust or SHG / SHG Federation for outsourcing of Diet Services for indoor patients of D.H.H, Malkangiri on annual contract basis. The details, Term & condition Guideline etc. including R.F.P format can be downloaded from the district web site www.malkangiri.nic.in. The R.F.P in the prescribed format along with all relevant documents should be reached in the office of the D.M.O(M.S)-cum- Superintendent, D.H.H, Malkangiri on 01/12/2025, TIME - 5:00 P.M. through Regd. Post / Speed Post only. No other mode is allowed. The envelope should duly super scribed on top of Envelope as sealed cover **"PROPOSAL FOR SUPPLY OF DIET FOR INDOOR PATIENTS OF D.H.H, MALKANGIRI"**. Last date of submission 01/12/2025 at 5:00 P.M. The same will open on 02/12/2025, 11:00 A.M. at 05th floor Conference hall, DHH, Malkangiri. The undersigned reserves the right to reject any or all the quotations without assigning any reason thereof.

OIPR- Sd./- Dolamani Pradhan Chief District Medical & Public Health Officer, Malkangiri

## Government of Jharkhand
## Department of School Education and Literacy
(Jharkhand Education Project Council, Ranchi)
J.S.C.A. Stadium Road, Sector.-III, Dhurwa, Ranchi-834004
Phone:0651-2444501, E-Mail: jepcranchi1@gmail.com

e-Procurement Notice(2nd Call)

JEPC invites Separate Technical & Financial Bids through e-procurement method from eligible and interested contractors for Constructions of 100 Bedded Hostel for PM-JANMAN at Garhwa District of Palamu Division of Jharkhand Interested and eligible bidders are requested to submit their proposal latest by 28.11.2025 at 2.00 PM.

The details of tender document can be seen and applied through website https://jharkhandtenders.gov.in only.

PR 365794 Jharkhand Education Project Council (25-26)_D

Sd/- State Project Director Jharkhand Education Project Council

Ref. No.: JEPC/CIV/03/1638/2025/4652 Ranchi, Date :- 10.11.2025

## कार्यपालक अभियंता का कार्यालय
## पथ निर्माण विभाग, पथ प्रमण्डल, रामगढ़।
रामगढ़ थाना के सामने, थाना चौक/गांधी चौक, रामगढ़ कैन्ट,
जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in

" सूचना "

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/1064/2025-26 दिनांक–29.10.2025 का P.R. No.- 365006Road(25-26)*D द्वारा आमंत्रित अल्पकालीन ई–निविदा में निम्न प्रकार संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 14.11.2025 10:30 बजे पूर्वाह्न | 20.11.2025 10:30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय | 22.11.2025 12:00 बजे दिन तक | 26.11.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़।

PR 365903 (Road) 25-26 (D)

# ସ୍ପିନ୍ ଚ୍ୟାଲେଞ୍ଜ

**ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୨ ଟେଷ୍ଟ, ୩ ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳିବ। ଆଗକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍, ଯାହାକି ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। ତାରକା ସ୍ପିନରଙ୍କ ଉପସ୍ଥିତିରେ ଦୁଇଟି ସ୍ପିନିଂ ଟ୍ରାକ୍‌ରେ ଉଭୟ ଦଳ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବେ...**



ନିର୍ମଳ କୁମାର ମିଶ୍ର

କ୍ରିକେଟର ୩ଟି ଯାକ ଫର୍ମାଟରେ ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଦଳ ଭାରତ ଆସିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ତୃତୀୟ ପର୍ଯ୍ୟାୟରେ ଚାମ୍ପିୟନ ହୋଇଥିବା ଏହି ଦଳ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଶୁକ୍ରବାରଠାରୁ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳିବ। ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ତୃତୀୟ ସ୍ଥାନରେ ରହିଛି। ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୨ ଟେଷ୍ଟ, ୩ ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳିବ। ଆଗକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍, ଯାହାକି ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। କ୍ରିକେଟର ୩ଟି ଫର୍ମାଟରେ ଦକ୍ଷିଣ ଆଫ୍ରିକା ନିଜର ଦବ୍‌ଦବା ଦେଖାଇବା ଆରମ୍ଭ କରିଛି। ବ୍ୟାଟିଂ ଓ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ଉଭୟ ଦଳର ଏକାଧିକ ଖେଳାଳି ସାମିଲ ଥିବାରୁ ମ୍ୟାଚଗୁଡ଼ିକ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ସିରିଜର ଦ୍ୱିତୀୟ ଟେଷ୍ଟ ଗୁଆହାଟୀର ବର୍ଷାପରା ଷ୍ଟାଡିୟମରେ ନଭେମ୍ବର ୨୨ରୁ ଆରମ୍ଭ ହେବ। ତାରକା ସ୍ପିନରଙ୍କ ଉପସ୍ଥିତିରେ ଉଭୟ ଦଳ ଦୁଇଟି ସ୍ପିନିଂ ଟ୍ରାକରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବେ।

ରେକର୍ଡ ଦେଖିଲେ ଉଭୟ ଦଳ ମଧ୍ୟରେ ମୋଟ ୪୪ଟି ଟେଷ୍ଟ ଅନୁଷ୍ଠିତ ହୋଇଛି। ଏଥିରୁ ଦକ୍ଷିଣ ଆଫ୍ରିକା ୧୮ଟି ବିଜୟ ସହ ଆଗରେ ରହିଥିବା ବେଳେ ଭାରତ ୧୬ଟି ଜିତିଛି। ୧୦ ମ୍ୟାଚରୁ ଫଳାଫଳ ମିଳିନାହିଁ। ଘରୋଇ ମାଟିରେ ହ୍ୱାଇଟ ୱାଶ କରିବା ଲକ୍ଷ୍ୟରେ ରହିବ ଗିଲ୍ ବାହିନୀ। ଉଭୟ ଦଳ ମଧ୍ୟରେ ୧୬ଟି ସିରିଜରେ ଏହି ଟେଷ୍ଟଗୁଡ଼ିକ ଖେଳାଯାଇଛି। ଦକ୍ଷିଣ ଆଫ୍ରିକା ୮ଟି ସିରିଜ ଜିତିଥିବା ବେଳେ ଭାରତ ୪ଟିରେ ବିଜୟ ଲାଭ କରିଛି ଓ ୪ଟି ସିରିଜ ଡ୍ର' ରହିଛି। ଭାରତ ପକ୍ଷରୁ ଲୋକେଶ ରାହୁଲ ୭ ମ୍ୟାଚରୁ ୩୬୯ (୨ଟି ଶତକ) ଓ ରବୀନ୍ଦ୍ର ଜାଡେଜା ୯ ମ୍ୟାଚରୁ ୩୨୯ ରନ୍ (୨ଟି ଅର୍ଦ୍ଧଶତକ) ହାସଲ କରିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ବଭୁମା, ଏଡେନ ମାରକ୍ରମ, ମାର୍କୋ ଜାନସେନ ଭାରତ ବିପକ୍ଷରେ ସଫଳତା ହାସଲ କରିଛନ୍ତି। ଭାରତର ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜାଙ୍କ ଭଳି କାଗିଶୋ ରାବାଡା ଓ କେଶବ ମହାରାଜ ଏହି ଦଳର ସଫଳ ବୋଲର ତାଲିକାରେ ଅଛନ୍ତି।

ଦକ୍ଷିଣ ଆଫ୍ରିକା ସିନିୟର ଖେଳାଳିଙ୍କ ମଧ୍ୟରେ ବଭୁମା, ଏଡେନ ମାରକ୍ରମ, ମାର୍କୋ ଜାନସେନ, କେଶବ ମହାରାଜ, କାଗିଶୋ ରାବାଡା, ଟ୍ରିଷ୍ଟନ ଷ୍ଟବ୍ସ, କର୍ବିନ ବୋଚ, ୱିଆନ ମୋଲଡରଙ୍କ ପରି ଖେଳାଳି ସବୁ ଫର୍ମାଟରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଅନ୍ୟପକ୍ଷରେ ଭାରତର ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକାଲ, ଧ୍ରୁବ ଜୁରେଲଙ୍କ ପରି ଖେଳାଳିଙ୍କର ଖୁବ କମ୍ ଅଭିଜ୍ଞତା ରହିଛି। ଏହାସତ୍ତ୍ୱେ ଦକ୍ଷିଣ ଆଫ୍ରିକା ପାଇଁ ଟେଷ୍ଟ ସିରିଜ ବେଶ୍ ଚ୍ୟାଲେଞ୍ଜ ଭରା ରହିବ। ଭାରତ ୭ଟି ଟେଷ୍ଟ ମ୍ୟାଚ ଖେଳି ୪ ବିଜୟ, ୨ଟି ପରାଜୟ ଏବଂ ଗୋଟିଏ ଡ୍ର ସହ ବିଶ୍ୱଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ମାତ୍ର ୨ଟି ଟେଷ୍ଟ ଖେଳି ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟ ସହ ୫ମ ସ୍ଥାନରେ ରହିଛି। ୨୦୨୫-୨୭ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୧୮ଟି ଟେଷ୍ଟ ମ୍ୟାଚ ଖେଳିବ। ଏଥିରୁ ଇଂଲଣ୍ଡ ସହ ୫ଟି, ଶ୍ରୀଲଙ୍କା ସହ ୨ଟି ଏବଂ ନ୍ୟୁଜିଲାଣ୍ଡ ସହ ୨ଟି ଟେଷ୍ଟ ବିଦେଶ ମାଟିରେ ଖେଳିବାକୁ ରହିଛି। ଦକ୍ଷିଣ ଆଫ୍ରିକା ଡବ୍ଲ୍ୟୁଟିସି ଚାମ୍ପିୟନ ହୋଇ ମାତ୍ର ୧୪ଟି ଟେଷ୍ଟ ମ୍ୟାଚ ଖେଳିବ। ୨୦୨୬ରେ ଦକ୍ଷିଣ ଆଫ୍ରିକାର ଲମ୍ବା ଟେଷ୍ଟ କ୍ୟାଲେଣ୍ଡର ରହିଛି। ଅଷ୍ଟ୍ରେଲିଆ ସହିତ ୩ଟି, ବାଂଲାଦେଶ ସହ ୨ଟି, ଇଂଲଣ୍ଡ ସହ ୩ଟି ଏବଂ ୨୦୨୭ରେ ଶ୍ରୀଲଙ୍କା ସହ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ତେଣୁ ଭାରତ ବିପକ୍ଷ ସିରିଜ ଦକ୍ଷିଣ ଆଫ୍ରିକା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ରିଷଭ ପନ୍ତ ଆଘାତଜନିତ ସମସ୍ୟାରୁ ମୁକୁଳି ସିଧାସଳଖ ଟିମ୍ ଇଣ୍ଡିଆର ଉପଅଧିନାୟକ ହୋଇଛନ୍ତି। ଧ୍ରୁବ ଜୁରେଲ ଟିମ୍‌ରେ ରହୁଥିବାରୁ ଭାରତୀୟ ଦଳରେ ଲୋକେଶ ରାହୁଲଙ୍କୁ ମିଶାଇଲେ ୩ଜଣ ଉଇକେଟକିପର ରହିଛନ୍ତି। ଅଧିନାୟକ ଶୁଭମନ ଗିଲ୍ ୪ନଂ. ସ୍ଥାନରେ ବ୍ୟାଟିଂ କରିପାରନ୍ତି। ସାଇ ସୁଦର୍ଶନ ୩ନଂ. ସ୍ଥାନରେ ଖେଳିବାକୁ ଥିବାବେଳେ ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଓପନିଂ କରିବେ। ୨ଟି ଟେଷ୍ଟରେ ଭାରତ ୩ଜଣ ଲେଖାଏ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଦ୍ରୁତ ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦଳରେ ସାମିଲ ହେବେ। ସ୍ପିନ୍‌କୁ ସହାୟତା କରୁଥିବା ୨ଟି ଭେନ୍ୟୁରେ ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଏବଂ ୱାଶିଂଟନ ସୁନ୍ଦର କମାଲ କରିବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ, ସିମନ ହାର୍ମର ଓ ସେନୁରାନ ମୁଥୁସାମି ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବେ।

ସେହିପରି ହ୍ୱାଇଟ ବଲ୍ ଫର୍ମାଟରେ ୩ଟି ଏକଦିବସୀୟ ଏବଂ ୫ଟି ଟି୨୦ ଅନୁଷ୍ଠିତ ହେବ। ଏଥିରେ ଘରୋଇ ମାଟିରେ ଭାରତୀୟ ଦଳର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିବ ବୋଲି ଆଶା କରାଯାଉଛି। ଭାରତୀୟ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରୁଥିବା ବେଳେ କେବଳ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତାଜନକ ରହିଛି। ଏକଦିବସୀୟ ମ୍ୟାଚରୁ ଫଳାଫଳ ଦୃଷ୍ଟିକୋଣରୁ ଭାରତଠାରୁ ସାଉଥ ଆଫ୍ରିକା ଆଗରେ ରହିଛି। ଉଭୟ ଦେଶ ମଧ୍ୟରେ ମୋଟ ୯୪ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ସାଉଥ ଆଫ୍ରିକା ୫୧ଟି ମ୍ୟାଚରେ ବିଜୟୀ ହୋଇଛି। ଭାରତ ୪୦ଟି ମ୍ୟାଚରେ ବିଜୟୀ ହୋଇଛି ଓ ୩ଟି ମ୍ୟାଚରୁ ଫଳାଫଳ ମିଳିନାହିଁ। ଭାରତ ୧୨ଟି ସିରିଜରେ ବିଜୟୀ ହୋଇଛି। ଏବେ ଭାରତ ନିକଟରେ ଆଇସିସି ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ଖେଳାଳି ଓ ଅଲ୍‌ରାଉଣ୍ଡରମାନେ ରହିଛନ୍ତି। ଅଭିଷେକ ଶର୍ମା, ରବୀନ୍ଦ୍ର ଜାଡେଜା, ବୁମରା, ଜୟସ୍ୱାଲ, ଗିଲ୍, ତିଲକ ବର୍ମା, ରିଷଭ ପନ୍ତ, ବରୁଣ ଚକ୍ରବର୍ତ୍ତୀଙ୍କ ପରି ଖେଳାଳିଙ୍କ ସାମ୍ନା କରିବା ଦକ୍ଷିଣ ଆଫ୍ରିକା ପାଇଁ ଏତେ ସହଜ ହେବନାହିଁ।

ଉଭୟ ଦେଶର ଟି୨୦ ରେକର୍ଡରେ କିନ୍ତୁ ଭାରତ ଆଗୁଆ ରହିଛି। ଉଭୟ ଦଳ ପରସ୍ପର ସହିତ ୩୧ଟି ଟି୨୦ ଖେଳିଥିବା ବେଳେ ଭାରତ ୧୮ଟିରେ ବିଜୟୀ ହୋଇଛି ଏବଂ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଆଗାମୀ ୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଖେଳିବାକୁ ଥିବା ୧୦ଟି ଟି୨୦ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ବେଶ୍ ଗୁରୁତ୍ୱ ବହନ କରିବ।



ୱାଶିଂଟନ ସୁନ୍ଦର



କେଶବ ମହାରାଜ



ଅକ୍ଷର ପଟେଲ

ସିମନ ହାର୍ମର

## ଆଚିଭ୍‌ମେଣ୍ଟ

ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ
ପୁଣି ସେ ସାତ୍ତ୍ୱିକ ସ୍ୱାଇଁ
ଗୁରୁଗ୍ରାମଠାରେ ଅଣ୍ଡର ନାଇନ
ଓପନ ଚେସ୍‌ରେ ଡେଇଁ
ନୂଆ ସଫଳତା ପାଇ
ଫିଡେ କ୍ୟାଣ୍ଡିଡେଟ୍ସ ମାଷ୍ଟର୍ସ ଟାଇଟଲ
ହାସଲ କରିଛି ସେଇ।



ଦୃଷ୍ଟିହୀନ ଲେଡି ୱାର୍ଲ୍ଡକପ୍
କ୍ରିକେଟରେ
ବିଜୟରୁ ଅଭିଯାନ
ଲଙ୍କାପରେ ଅଷ୍ଟ୍ରେଲିଆ ଟିମ୍‌ଠାରେ
ଇଣ୍ଡିଆ ମାରିଛି ଚୂନ
କିଏ ହେବ ଚାମ୍ପିୟନ
ନେପାଳ ସହିତ ଭାଗ ନେଉଛନ୍ତି
ଆମେରିକା, ପାକିସ୍ତାନ।

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା
କରିଲାଣି ଲୋକହସା
ଉତ୍ତର ପ୍ରଦେଶ, ବରୋଦା, ବିଦର୍ଭ
ଆନ୍ଧ୍ରଠୁ ଖାଇଲା ଠେସା
ଯେସାକୁ ରହିଛି ତେସା
କର୍ମୀ ସଫଳତା ପାଉଥିବାବେଳେ
ଲେଜି ବସି ମାରେ ମଶା।

-ସୁବାସ ଚନ୍ଦ୍ର ପ୍ରଧାନ

# ଟିଲୋ କପ୍ : ଏକ ଆନ୍ଦୋଳନ

**ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଓଡ଼ିଶା କ୍ରୀଡ଼ାର ଏକ ମାଇଲଖୁଣ୍ଟ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଯତ୍ନବାନ୍ ହେବା ସହ ଷ୍ଟାଡିୟମର ଉନ୍ନତି ଏବଂ ଟୁର୍ନାମେଣ୍ଟର ବିଶେଷତ୍ୱ ଯେପରି ବଢ଼ିବ ସେଥିପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ସମୟ ଅନୁସାରେ ଇତିହାସ ସୃଷ୍ଟି ହୁଏ, ଏ କ୍ଷେତ୍ରରେ ଟିଲୋ କପ୍ ଓଡ଼ିଶା କ୍ରୀଡ଼ା ପାଇଁ ଇତିହାସ ରଚୁଛି କହିଲେ ଅତ୍ୟୁକ୍ତି ହେବନାହିଁ...** -ତପନ ସ୍ୱାଇଁ




ଓଡ଼ିଶାରେ ଏବେ ଏକାଧିକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ହକି ବିଶ୍ୱକପ୍‌ଠାରୁ ଆରମ୍ଭକରି ଏଠାରେ ଅନେକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହୋଇସାରିଛି। ନିକଟରେ ଏକା ବେଳକେ ୩ଟି ବଡ଼ ଇଭେଣ୍ଟ (ଟେନିସ୍, ଟେବୁଲ ଟେନିସ୍, ଆଥ୍‌ଲେଟିକ୍ସ) ଆୟୋଜନକରି ପ୍ରଶଂସା ସାଉଁଟିଛନ୍ତି ଓଡ଼ିଶା ସରକାର। ମାତ୍ର ଏହି ଆଲେଖ୍ୟରେ ଏପରି ଏକ ଷ୍ଟାଡିୟମ ଏବଂ ଟୁର୍ନାମେଣ୍ଟ ସମ୍ପର୍କରେ ଆଲୋଚନା କରାଯାଉଛି ଯେଉଁଠି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ନାମୀଦାମୀ ଖେଳାଳି ଖେଳି ସାରିଥିଲେ ହେଁ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। କୌଣସି ବେସରକାରୀ ସଂସ୍ଥାରୁ ମଧ୍ୟ ସହଯୋଗର ହାତ ପହଞ୍ଚିନାହିଁ। ଏହା ସତ୍ତ୍ୱେ ଗ୍ରାମାଞ୍ଚଳ ଲୋକଙ୍କ ଉତ୍ସାହ ଉଦ୍ଦୀପନା ଏବଂ କେତେଜଣ ଉତ୍ସାହୀ କର୍ମକର୍ତ୍ତାଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଏହି ପଡ଼ିଆ ଏବଂ ଟୁର୍ନାମେଣ୍ଟ ଏବେ ଦେଶ ବିଦେଶର ଖେଳାଳିଙ୍କ ପାଇଁ ସ୍ମରଣୀୟ ହୋଇଯାଇଛି। ଏଠାରେ ଆଲୋଚନା ହେଉଛି ଭଦ୍ରକ ଜିଲାର ଟିଲୋ ଗ୍ରାମପଞ୍ଚାୟତରେ ଥିବା ଏକ ଖେଳ ପଡ଼ିଆ ଏବଂ ଆୟୋଜନ ହେଉଥିବା ରାଜ୍ୟର ଅନ୍ୟତମ ସମ୍ମାନଜନକ ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ। ଓଡ଼ିଶାର ଗ୍ରାମୀଣ ମାଟିର ଶାନ୍ତ ଉପକୂଳରେ, ସହରୀ ଷ୍ଟାଡିୟମର ଆଲୋକ ଓ ସରକାରୀ ସମର୍ଥନଠାରୁ ଢେର ଦୂରରେ ଗତ ୩ଦଶନ୍ଧି ଧରି ନିରବଚ୍ଛିନ୍ନଭାବେ ଆୟୋଜିତ ହେଉଛି ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ। ଏହା କେବଳ ଏକ ଟୁର୍ନାମେଣ୍ଟ ନୁହେଁ, ଏହା ହେଉଛି ସଂଘର୍ଷ, ସମୁଦାୟ ଓ ସୁଚିନ୍ତିତ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ଅଦମ୍ୟ ଆସ୍ଥାର କାହାଣୀ। ଏହା ଏକ ଆନ୍ଦୋଳନ, ଏକ ମୂଲ୍ୟବୋଧ, ଯେଉଁଠି ମନ, ପରିଶ୍ରମ ଓ ସାମୂହିକ ସଂକଳ୍ପ ଏକ ଗାଁକୁ ଜାତୀୟ ସ୍ତରକୁ ନେଇଯାଇଛି। ଗ୍ରାମୀଣ ମାଟିରେ ଯେ ଖେଳ ଜୀବନ୍ତ ରହିପାରେ ଏହା ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ।

**ସଂଘର୍ଷରୁ ମିଳିଥିବା ଗୌରବ:** ଟିଲୋ କପ୍ ଏପରି ଏକ ଟୁର୍ନାମେଣ୍ଟ ଯାହାକି ଦେଶର ଶ୍ରେଷ୍ଠ ଦଳ ଓ ଖେଳାଳିମାନଙ୍କୁ ଆକର୍ଷଣ କରିପାରୁଛି। ଭାରତୀୟ ରେଲୱେ, ଭାରତୀୟ ଡାକସେବା, ବିଏସ୍‌ଏନ୍‌ଏଲ୍, ସିଏଜି, ଏୟାର ଇଣ୍ଡିଆ, ଟାଟା ସ୍ପୋର୍ଟ୍ସ କ୍ଲବ୍, ଇଣ୍ଡିଆନ୍ ଅଏଲ୍, ଇଣ୍ଡିଆନ୍ ନେଭି, ସର୍ଭିସେସ୍ ଓ କାନାରା ବ୍ୟାଙ୍କ ଭଳି ପ୍ରସିଦ୍ଧ ଦଳ ଏଠାରେ ଖେଳିଛନ୍ତି, ଯେଉଁ ଦଳଗୁଡ଼ିକରେ ଖ୍ୟାତିସମ୍ପନ୍ନ ଖେଳାଳିମାନେ ଖେଳିଥାନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ଯଶ୍ ଧୁଲ୍, ଇଶାନ କିଶନ୍, କେ. ଗୋଥାମ୍, ଭରତ ଚିପ୍‌ଲି, ପଲ୍ ଭାଲଥାଟି, ପ୍ରବୀନ୍ ଟାମ୍ବେ, ଆଦିତ୍ୟ ତାରେ, ହୃତିକ୍ ଶୋକିନ୍, ସିଦ୍ଧାର୍ଥ ତ୍ରିବେଦୀଙ୍କ ଭଳି ଦେଶର ପ୍ରତିଷ୍ଠିତ ଖେଳାଳିଙ୍କ ସହ ଆଫଗାନିସ୍ତାନର ମହମ୍ମଦ ନବି, ବାଂଲାଦେଶର ଜହରୁଲ ଇସ୍‌ଲାମ୍, ଧିମାନ ଘୋଷ, ମେହେନ୍ଦି ମାରୁଫ, ମେହେନ୍ଦି ହାସନ୍ ମଧ୍ୟ ଏହି ଟିଲୋ କପ୍‌ରେ ଅଂଶଗ୍ରହଣ କରି ସାରିଛନ୍ତି।
ସ୍ୱପ୍ନର ମଇଦାନ, ସଂକଳ୍ପରେ ନିର୍ମିତ ଟିଲୋ ପଡ଼ିଆରେ ଅଛି ବଲାଙ୍ଗୀରର କଳା ମାଟିରୁ ତିଆରି ଦୁଇଟି ଟର୍ଫ ଉଇକେଟ୍ ଓ ସବୁଜ ଘାସର ଆଉଟ୍‌ଫିଲ୍ଡ, ଯାହା ସମ୍ପୂର୍ଣ୍ଣ ଭାବେ ଟିଲୋ କ୍ରୀଡ଼ା ସଂସଦର ସଦସ୍ୟମାନଙ୍କ ଅନୁଦାନରେ କରାଯାଇଛି। ମାତ୍ର ଦୁଃଖ ଲାଗେ ଯେ ଏହି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଏତେ ବଡ଼ ନାମୀଦାମୀ ଖେଳାଳି ଆସିବା ସତ୍ତ୍ୱେ ଏଠାରେ ନା ଅଛି ପ୍ଲେୟର୍ସ ଡ୍ରେସିଂ ରୁମ୍, ଦର୍ଶକ ଗ୍ୟାଲେରି, ପାଣି ପାଇଁ ଡ୍ରେନେଜ୍ ସିଷ୍ଟମ, ପ୍ରାକ୍ଟିସ୍ ଉଇକେଟ ନା ବାଉଣ୍ଡରି।

**ଗାଁ ପଡ଼ିଆରୁ ଜାତୀୟ-ଅନ୍ତର୍ଜାତୀୟ ମଞ୍ଚ:** ଟିଲୋ କପ୍‌ର ଯାତ୍ରା ଆରମ୍ଭ ହୋଇଥିଲା ୧୯୯୦ରେ, ଯେତେବେଳେ ପ୍ରତିଷ୍ଠାତା ସଭାପତି ଦିବଂଗତ ରମେଶ ଚନ୍ଦ୍ର ସ୍ୱାଇଁ ଓ ତତ୍କାଳୀନ ସମ୍ପାଦକ ମନ୍ମଥ ରାଉଳ ଆଉ କେତେଜଣ ଉଦ୍ୟୋକ୍ତାଙ୍କ ସହ ସ୍ୱପ୍ନ ଦେଖିଥିଲେ ଏକ ପ୍ରତିଯୋଗିତାପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ। କାରଣ ସେତେବେଳେ ସାରା ଦେଶରେ ୧୯୮୩ ବିଶ୍ୱକପ ବିଜୟର ନିଶା ଘାରିଥିଲା ଇଂଲଣ୍ଡର ଲର୍ଡ୍ସଠାରୁ ଟିଲୋ ପର୍ଯ୍ୟନ୍ତ। ସେହି ସ୍ୱପ୍ନରୁ ମାନସ ସନ୍ତାନରୂପେ ଜନ୍ମନେଲା ଟିଲୋ କପ୍, ଯାହାକି ପ୍ରଥମେ ପ୍ରଦୀପ ସ୍ମାରକୀ ନାମରେ ପରିଚିତ ଥିଲା। ୨୦୨୬ ଜାନୁଆରୀରେ ଟିଲୋ କପ୍‌ର ୩୦ତମ ସଂସ୍କରଣ ପାଳନ ପାଇଁ ପ୍ରସ୍ତୁତ ହେଉଛି ଭଦ୍ରକ ଜିଲା ଟିଲୋ ଗ୍ରାମପଞ୍ଚାୟତର ଏହି ଖେଳ ପଡ଼ିଆ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ହେଉ କିମ୍ବା ଓଡ଼ିଶା କ୍ରିକେଟ ଆସୋସିଏଶନ, ଭଦ୍ରକ ଜିଲା ପ୍ରଶାସନ କେହି ଗ୍ରାମବାସୀଙ୍କ ଏହି ଅଭିଯାନକୁ ସମର୍ଥନ ନ ଦେବା ଆୟୋଜକଙ୍କୁ ନିରାଶ କରିଛି। ଗାଁ ଲୋକଙ୍କ ଉତ୍ସାହ ଓ ସମର୍ପଣ ଭାବ ଟୁର୍ନାମେଣ୍ଟକୁ ଉଜ୍ଜୀବିତ ରଖିପାରିଛି।

**ଆଧୁନିକ ଟିଲୋ କପ୍‌ର ଉଦ୍ୟୋକ୍ତା:** ଆଧୁନିକ ଟିଲୋ କପ୍‌ର ପ୍ରମୁଖ ଉଦ୍ୟୋକ୍ତା ହେଲେ ଲକି ସ୍ୱାଇଁ। ପେସାରେ ଜଣେ ଇଞ୍ଜିନିୟର ହେଲେ ମଧ୍ୟ ଖେଳ ପ୍ରତି ଭରି ରହିଛି ଅସରନ୍ତି ଭଲପାଇବା। ଏବେ ସେ ଟିଲୋ ଆଥ୍‌ଲେଟିକ ଆସୋସିଏଶନର ସଭାପତି। ତାଙ୍କ ଦୂରଦୃଷ୍ଟି, ଯୋଜନା ଓ କ୍ରୀଡ଼ା ପ୍ରେମ ଟିଲୋକୁ ଏକ ସାଧାରଣ ଟୁର୍ନାମେଣ୍ଟରୁ ଆଣି ଅନ୍ତର୍ଜାତୀୟ ମାନ୍ୟତା ଦେବାରେ ସକ୍ଷମ ହୋଇଛି।
୨୦୨୫ ଟିଲୋ କପ୍‌ରେ ଆସିଥିଲା ଏକ ବିପ୍ଳବ। ବିଶ୍ୱର ସବୁଠାରୁ ଅଧିକ ଦର୍ଶକ କ୍ରିକେଟ ଦେଖୁଥିବା ଓଟିଟି ଚ୍ୟାନେଲ ଫ୍ୟାନ୍‌କୋଡ୍‌ରେ ଲାଇଭ୍ ହୋଇଥିଲା ଏହି ପ୍ରତିଯୋଗିତା। ବିଶ୍ୱର ଏକ ପ୍ରତିଷ୍ଠିତ କ୍ରୀଡ଼ା ବିଶ୍ଳେଷଣ ସଂସ୍ଥା ଲଣ୍ଡନ ସ୍ଥିତ ସ୍ପୋର୍ଟ୍ସରଡାର ଦ୍ୱାରା ମ୍ୟାଚ ବିଶ୍ଳେଷଣ ଓ କ୍ରିକ୍‌ହିରୋଜ ଦ୍ୱାରା ସ୍କୋର ଡାଟା ପରିଚାଳନା ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା।
ଟିଲୋ କପ୍‌ର ଗତ ସଂସ୍କରଣରେ ଖେଳିଥିଲେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଯଶ ଧୁଲ୍‌ଙ୍କ ସହିତ ଆଉ ୩ଜଣ ଖେଳାଳି। ୧୫ରୁ ଅଧିକ ଆଇପିଏଲ୍ ଶ୍ରେଣୀର ଖେଳାଳି ମଧ୍ୟ ଅଂଶଗ୍ରହଣ କରିଥିଲେ। ତେଣୁ ଏହା କୌଣସି ଜାତୀୟ ଟୁର୍ନାମେଣ୍ଟଠାରୁ କମ୍ ନ ଥିଲା। ଖୋଲା ପଡ଼ିଆରେ ପ୍ରତିଦିନ ୧୦,୦୦୦ରୁ ଅଧିକ ଦର୍ଶକ ଟେଣ୍ଟ ଓ ଗଛଛାୟା ତଳେ ବସି ଯେପରି ଉତ୍ସାହର ସହ ଖେଳ ଦେଖିଥିଲେ ତାହା ୧୯୮୩ ମସିହାର ବିଶ୍ୱକପ୍ ଉତ୍ସାହକୁ ଓ ନ୍ୟୁଜିଲାଣ୍ଡ ଖୋଲା ମଇଦାନ ଖେଳ ସଂସ୍କୃତିକୁ ମନେ ପକାଇ ଦେଇଥିଲା। ଦିଲ୍ଲୀର ସାପିଏନ୍ସ ଦଳ ଏଥିରେ ଚାମ୍ପିୟନ ହୋଇଥିଲା।

"ସହରରେ ଯେଉଁଠି କ୍ରିକେଟ ଲିଗ୍ ଚାଲିବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୁଏ ସେ କ୍ଷେତ୍ରରେ ଟିଲୋ ଦେଖାଇଛି ଯେ ସଂକଳ୍ପ, ପ୍ରେମ ଓ ପରିଶ୍ରମ ରହିଲେ ଅସମ୍ଭବ କିଛି ନୁହେଁ" ବୋଲି ସରପଞ୍ଚ ସଂଗ୍ରାମ ଜେନା ପ୍ରକାଶ କରିଛନ୍ତି। ଗ୍ରାମରୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯାଇଥିବା ଏହି ସଂଘୀୟ ସ୍ୱପ୍ନକୁ ସଂଗ୍ରାମ ପ୍ରଶଂସା କରିବା ସହ ନିଜ ଗ୍ରାମପଞ୍ଚାୟତ ପାଣ୍ଠିରୁ କିଛି ଅନୁଦାନ ଯୋଗାଇଛନ୍ତି ଏହାର ରକ୍ଷଣାବେକ୍ଷଣ ପାଇଁ। ଟିଲୋକୁ ଏକ କ୍ରୀଡ଼ା ଷ୍ଟାଡିୟମ ଭାବେ ଅନୁମୋଦନ ଦେବାକୁ ସେ ଅନୁରୋଧ କରିଛନ୍ତି। ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନର ଉପଦେଷ୍ଟା ଡ. ମନ୍ମଥ ରାଉଳ କହିଛନ୍ତି, "ସରକାର ଯୋଜନା କରୁଛନ୍ତି ଖେଳ ସମସ୍ତଙ୍କ ପାଇଁ, ମାତ୍ର ଯୋଜନା ବାସ୍ତବତାଠାରୁ ଅନେକ ଦୂରରେ, ଏହା ପ୍ରତିଫଳନ ହେଉଛି ଟିଲୋ ଠାରେ"। ସେହିପରି ରାଜ୍ୟର ପ୍ରତିଷ୍ଠିତ କ୍ରିକେଟ କୋଚ୍ କିଶୋର ମାଣିଆ କହିଛନ୍ତି, "ଯେଉଁଠି ଦୃଢ଼ ସଂକଳ୍ପ ଓ ଖେଳ ପ୍ରତି ପ୍ରେମ ଗାଁକୁ ଜାତୀୟ ପରିଚୟ ଦେଇପାରେ ତାହାକୁ ଦେଶର ଏକ ମଡେଲ ପ୍ରେରଣାଦାୟକ ସ୍ପୋର୍ଟ୍ସ ହବ୍ ଭାବେ ଉନ୍ନତ କରାଯିବା ଆବଶ୍ୟକ"।

**ଦୃଢ଼ ଇଚ୍ଛାଶକ୍ତିର ଫଳ:** "ଗ୍ରାମାଞ୍ଚଳରେ ଏତେବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଏହା ସମ୍ପୂର୍ଣ୍ଣ ଭାବେ ଟିଲୋ ଆଥ୍‌ଲେଟିକ ଆସୋସିଏଶନର ଦୃଢ଼ ଇଚ୍ଛାଶକ୍ତିର ଫଳ। ସରକାରୀ ଅନୁଦାନକୁ ଅପେକ୍ଷା ନ କରି ଗ୍ରାମର ଗୌରବକୁ ଆଜି ସାରା ଦେଶରେ ପରିଚିତ କରାଇ ପାରିଥିବାରୁ ଟିଲୋବାସୀଙ୍କୁ ଧନ୍ୟବାଦ୍।"

*-ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବିଧାୟକ ଓ ରଣଜୀ ଖେଳାଳି*

**୧୫ ଏକରରୁ ଅଧିକ ସ୍ଥାନ-** "ବର୍ଷ ବର୍ଷ ଧରି ଏକ ଜାତୀୟ ସ୍ତରର ଖେଳ ହେଉଥିବାରୁ ଟିଲୋ ଲୋକମାନେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଠାରେ ପାଖାପାଖି ୧୫ ଏକରରୁ ଅଧିକ ଜମି ରହିଛି। କ୍ରିକେଟ ବ୍ୟତୀତ ଏଠାରେ ରାଜ୍ୟସ୍ତରୀୟ ରଗ୍‌ବୀ, ସ୍କୁଲ ସ୍ତରୀୟ ଖେଳକୁଦ, ଖୋ ଖୋ ଆଦି ପ୍ରତିଯୋଗିତା ବି ହେଉଛି। ତେଣୁ ସରକାର ଯଥାଶୀଘ୍ର ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ"।

*-ସଞ୍ଜୟ କେଶରୀ ସ୍ୱାଇଁ, ପୂର୍ବତନ ଜିଲା ନ୍ୟାୟାଧୀଶ*

**ଦୁଃଖ ଲାଗୁଛି : ସତ୍ୟପ୍ରକାଶ-** "ମୁଁ ୨୦୦୩ରେ ଟିଲୋ ଦେଖିଥିଲି, ଧୋନୀଙ୍କ ସହ ଆମେ ରେଲୱେ ଟିମ୍‌ରୁ ଖେଳିବାକୁ ଆସିଥିଲୁ। ଏଭଳି ଏକ କ୍ରୀଡ଼ାନୁଷ୍ଠାନ ପ୍ରତି ସରକାରଙ୍କ ଅବହେଳା ଦେଖି ଦୁଃଖ ଲାଗୁଛି। ଯଦି ୨୨ ବର୍ଷ ମଧ୍ୟରେ ଟିଲୋ ଭଳି ଏକ ଖ୍ୟାତିସମ୍ପନ୍ନ ଅନୁଷ୍ଠାନର କ୍ରୀଡ଼ା ଭିତ୍ତିଭୂମି ଉନ୍ନତି ହୋଇପାରିଲା ନାହିଁ, ତେବେ ୨ ଦଶନ୍ଧିରେ ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା କ'ଣ ହାସଲ କରିଛି ତାହା ସହଜରେ ଅନୁମେୟ। ପ୍ରକୃତରେ ମୁଁ ଅତ୍ୟନ୍ତ ଦୁଃଖିତ।"

*-ଏମ୍.ଏସ୍. ଧୋନୀଙ୍କ କ୍ରିକେଟ ସାଥୀ ସତ୍ୟପ୍ରକାଶ କ୍ରିଷ୍ଣା (୨୦୦୩ରେ ଟିଲୋରେ ଖେଳିଥିଲେ)*



ପୂର୍ବ ସଂସ୍କରଣର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ଦିଲ୍ଲୀର ସାପିଏନ୍ସ ଦଳର ଅଧିନାୟକ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ